# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ (୧୮ ପୃଷ୍ଠା) | Bhubaneswar, Tuesday, March 3/2026 | Page 18 | ₹ 7.00

୫୨ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 99 | ମୂଲ୍ୟ ₹୭/-







ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣକୁ ନିନ୍ଦା କରି କେରଳର କୋଚି ସହରରେ ଲୋକେ ସୋମବାର ବିକ୍ଷୋଭ କରୁଛନ୍ତି।

**ଆକ୍ରମଣ ଜୋର୍‌ଦାର**

# ଇରାନ୍‌ରେ ମୃତ୍ୟୁସଂଖ୍ୟା ୫୫୫

## ବେରୁଟ୍‌ରେ ଇସ୍ରାଏଲ୍ ଆକ୍ରମଣ: ୩୧ ମୃତ



ତେହରାନ୍‌ର ଏକ ବିଲ୍ଡିଂରେ ଏୟାରଷ୍ଟ୍ରାଇକ୍ ପରେ ଧୂଆଁ ଉଠୁଛି।

**ତେହରାନ୍, ୨।୩**

ଇରାନ୍‌ରେ ଆମେରିକା ଓ ଇସ୍ରାଏଲ୍ ସୋମବାର ଜୋର୍‌ଦାର ଆକ୍ରମଣ କରିଥିବାବେଳେ ମୃତ୍ୟୁସଂଖ୍ୟା ୫୫୫ରେ ପହଞ୍ଚିଥିବା ଇରାନୀୟ ରେଡ୍ କ୍ରିସେଣ୍ଟ ସୋସାଇଟି ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଇରାନ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଇସ୍ରାଏଲ୍ ଓ ଆମେରିକାର ସାମରିକ ବେସ୍ ଉପରେ ଆକ୍ରମଣ କରିଛି। ସୋମବାର ସକାଳେ ଇରାନର ଫାର୍ସ ପ୍ରଦେଶରେ ଆକ୍ରମଣ ଘଟି ଅନ୍ୟୂନ ୩୫ ଜଣ ନିହତ ହୋଇଥିବାବେଳେ ତେହରାନର ନିଲୁଫାର ସ୍କୋୟାରରେ ୨୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ସାନାନ୍ଦଜ ସହରରେ ବହୁ ବିଲ୍ଡିଂ ଧ୍ୱଂସ ହୋଇଥିବାବେଳେ ଅତିକମ୍‌ରେ ୨ ଜଣ ପ୍ରାଣ ହରାଇଥିବା ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି। ସହରର ବିଭିନ୍ନ ସ୍ଥାନରେ ଆମେରିକା ଏବଂ ଇସ୍ରାଏଲୀ ସେନା ୬ଟି ମିଶାଇଲ୍ ମାଡ଼ କରିଥିଲେ। ଇରାନର କେନ୍ଦ୍ରୀୟ ସହର କେର୍ମାନଶାହସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ବିଲ୍ଡିଂଗୁଡ଼ିକରୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି। ଆମେରିକା ଏବଂ ଇସ୍ରାଏଲ୍ ରବିବାର ଇରାନ୍‌ର ନାତାଞ୍ଜ ଆଣବିକ ସ୍ଥଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)କୁ ଇରାନ ରାଷ୍ଟ୍ରଦୂତ ରେଜା ନଜାଫି ଜଣାଇଛନ୍ତି।

ଲେବାନନ୍ ରାଜଧାନୀ ବେରୁଟ୍‌ରେ ଇସ୍ରାଏଲ୍ ଯୁଦ୍ଧବିମାନରୁ ବୋମାମାଡ଼ କରାଯିବାରୁ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୪୯ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ଉତ୍ତର ଭାଗରେ ଥିବା ହାଇଫାସ୍ଥିତ ସାମରିକ ଘାଟିରେ ହେଜ୍‌ବୋଲ୍ଲା ଡ୍ରୋନ୍ ଏବଂ ରକେଟ୍ ଆକ୍ରମଣ କରିବାରୁ ଏହାର ଜବାବରେ ଇସ୍ରାଏଲ୍ ବେରୁଟ୍‌ରେ ଆକ୍ରମଣ କରିଛି। ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟାର ଜବାବରେ ତେହରାନ୍ ସମର୍ଥିତ ଲେବାନନ୍‌ର ସଶସ୍ତ୍ର ସଂଗଠନ ହେଜ୍‌ବୋଲ୍ଲା ଇସ୍ରାଏଲ୍‌ର ସାମରିକ ଘାଟିକୁ ଟାର୍ଗେଟ କରିଥିଲା ବୋଲି କହିଛି। ହେଜ୍‌ବୋଲ୍ଲାକୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ କହିଛନ୍ତି। ଯିଏ ଖାମେନେଇଙ୍କ ପଥ ଅନୁସରଣ କରିବ ତାଙ୍କର ଅନୁରୂପ ଦଶା ହେବ ବୋଲି କାଟ୍‌ଜ ଚେତାବନୀ ଦେଇଛନ୍ତି।

## ଇରାନ୍‌ର ନାତାଞ୍ଜ ଆଣବିକ ସ୍ଥଳରେ ଆକ୍ରମଣ

### ତେଜଷ୍କ୍ରିୟ ବିକିରଣ ଆଶଙ୍କା କଲା ଆଇଏଇଏ

**ତେହରାନ୍, ୨।୩**

ଇରାନ୍‌ର ନାତାଞ୍ଜ ଆଣବିକ ସ୍ଥଳ ଉପରେ ଆମେରିକା ଏବଂ ଇସ୍ରାଏଲ୍ ରବିବାର ଆକ୍ରମଣ କରିଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)କୁ ତେହରାନ୍ ଜଣାଇଛି। ସୋମବାର ଆଇଏଇଏର ୩୫ ରାଷ୍ଟ୍ର ଗଭର୍ନର ବୋର୍ଡ ବୈଠକ ବେଳେ ଇରାନ ରାଷ୍ଟ୍ରଦୂତ ରେଜା ନଜାଫି ଖବରଦାତାମାନଙ୍କୁ ଏହା କହିଛନ୍ତି। ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ନେଇ ଉତ୍ତେଜନାରୁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଇରାନ ଅଣୁଅସ୍ତ୍ର ବିକଶିତ କରୁଥିବା ନେଇ ଗତ ଜୁନ୍‌ରେ ଆମେରିକା ଏହାର ଆଣବିକ ସ୍ଥଳ ଉପରେ ଆକ୍ରମଣ କରିଥିଲା। ଇରାନ୍ ଏହାର ଆଣବିକ ଭିତ୍ତିଭୂମିର ପୁନଃ ନିର୍ମାଣ କରିବ ବୋଲି ଏହାର ରାଷ୍ଟ୍ରପତି ମାସୁଦ୍ ପେଜେଶ୍‌କିଆନ୍ କହିଛନ୍ତି। ବିଲ୍ଡିଂ ଏବଂ କାରଖାନାକୁ ଧ୍ୱଂସ କରିବା ଆମ ପାଇଁ ସମସ୍ୟା ସୃଷ୍ଟି କରିବ ନାହିଁ, ଆମେ ସେଗୁଡ଼ିକୁ ପୁନର୍ବାର ନିର୍ମାଣ କରିଦେବୁ ବୋଲି ପେଜେଶ୍‌କିଆନ ସରକାରୀ ଗଣମାଧ୍ୟମକୁ କହିଛନ୍ତି। ତେବେ ଦେଶ ଆଣବିକ ଅସ୍ତ୍ର ଚାହେଁ ନାହିଁ। ଇରାନୀୟମାନଙ୍କ ସମସ୍ତ ସମସ୍ୟାର ସମାଧାନ ଆମର ଲକ୍ଷ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଜୁନ୍‌ରେ ଧ୍ୱଂସ ହୋଇଥିବା ଆଣବିକ ସ୍ଥଳର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ତେହରାନ୍ ଉଦ୍ୟମ କଲେ ସାନି ଆକ୍ରମଣ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସ୍ଥିତିକୁ ନେଇ ଆଇଏଇଏ ମହାନିର୍ଦ୍ଦେଶକ ରାଫାଏଲ୍ ମାରିଆନୋ ଗ୍ରୋସି ଚିନ୍ତାବ୍ୟକ୍ତ କରିବା ସହ ଆଣବିକ କେନ୍ଦ୍ରରୁ ତେଜଷ୍କ୍ରିୟ ବିକିରଣ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ, ଯାହାର ପରିଣାମ ଭୟାବହ ହେବ ବୋଲି କହିଛନ୍ତି। ଆଣବିକ ସ୍ଥଳ ଉପରେ ଯଦି ଆକ୍ରମଣ ହୋଇଥାଏ, ତେବେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଲୋକଙ୍କୁ ଖାଲି କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

## ଆମେରିକାର ୩ ଯୁଦ୍ଧବିମାନକୁ ଖସାଇଲା କୁଏଟ୍ ଏୟାର ଡିଫେନ୍ସ

**ୱାଶିଂଟନ, ୨।୩**

କୁଏଟ୍‌ର ଏୟାର ଡିଫେନ୍ସ ଦ୍ୱାରା ଅଲଗା ଅଲଗା ବନ୍ଧୁତ୍ୱପୂର୍ଣ୍ଣ ଫାୟାରିଂରେ ଆମେରିକାର ୩ଟି ଏଫ୍-୧୫ଇ 'ଷ୍ଟ୍ରାଇକ୍ ଇଗଲ' ଯୁଦ୍ଧବିମାନ ଖସିଛି। ଇରାନରେ ଆମେରିକା-ଇସ୍ରାଏଲ୍ ମିଳିତ ସାମରିକ ଅଭିଯାନର ନିର୍ଦ୍ଦେଶନା ଦେଉଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ଏହା କୁହାଯାଇଛି। ତେବେ ଯୁଦ୍ଧବିମାନରେ ଥିବା ୬ ଜଣ ପାଇଲଟ୍ ସୁରକ୍ଷିତ ଅବତରଣ କରିଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। କୁଏଟ୍ ମଧ୍ୟ ଘଟଣାକୁ ସ୍ୱୀକାର କରିଛି। ଆମେରିକା ଓ ଇସ୍ରାଏଲ୍‌ର ମିଳିତ ସାମରିକ ଅଭିଯାନ ଅପରେଶନ ଏପିକ୍ ଫ୍ୟୁରିରେ ସାମିଲ ଥିବା ୩ ଆମେରିକୀୟ ଯୁଦ୍ଧବିମାନ ରବିବାର ରାତି ୧୧ଟା ୩ ମିନିଟ୍ ସମୟରେ କୁଏଟ୍ ଉପରେ ଉଡୁଥିବାବେଳେ ଆପାତତଃ ବନ୍ଧୁତ୍ୱପୂର୍ଣ୍ଣ ଫାୟାରିଂରେ ଖସିପଡ଼ିଥିଲେ। ଆମେରିକାର କେତେକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏହାର ସେଣ୍ଟ୍ରାଲ କମାଣ୍ଡ କହିଛି। ଗୋଟିଏ ଏଫ୍-୧୫ଇ ବିମାନ ଆକାଶରୁ ଖସୁଥିବାର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। କିଛି ସେକେଣ୍ଡ ମଧ୍ୟରେ ସେଥିରୁ ପାଇଲଟ୍ ବାହାରି ଆସିଥିଲେ।

## ଆକ୍ରମଣରେ ଖାମେନେଇଙ୍କ ୨ ସମ୍ଭାବ୍ୟ ଉତ୍ତରାଧିକାରୀ ନିହତ: ଟ୍ରମ୍ପ

**ତେହରାନ୍, ୨।୩**

ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ଶନିବାର ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହୋଇଥିଲେ। ଏଥିସହିତ ସୁପ୍ରିମ ଲିଡରଙ୍କ ଉତ୍ତରାଧିକାରୀ ହେବାର ସମ୍ଭାବନା ଥିବା ୨ ନେତାଙ୍କର ମଧ୍ୟ ଆକ୍ରମଣରେ ମୃତ୍ୟୁ ଘଟିଥିବା ଆମେରିକା ଚିହ୍ନଟ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଫଳରେ ଇସ୍‌ଲାମିକ୍ ରିପବ୍ଲିକ୍‌ର ପରବର୍ତ୍ତୀ ନେତୃତ୍ୱ କିଏ ନେବେ ସ୍ପଷ୍ଟ ଚିତ୍ର ଜଣାପଡୁନାହିଁ। ଆମେରିକାର ଚ୍ୟାନେଲ୍ ଏବିସି ନ୍ୟୁଜ୍‌ର ମୁଖ୍ୟ ୱାଶିଂଟନ ଖବରଦାତା ଜୋନାଥନ କାର୍ନର୍ଲଙ୍କୁ ରବିବାର ରାତିରେ ଟେଲିଫୋନ୍ ଯୋଗେ ସାକ୍ଷାତ୍‌କାର ଦେଇ ଟ୍ରମ୍ପ ଏହା କହିଛନ୍ତି। ଆକ୍ରମଣ ଏତେ ସଫଳ ଥିଲା ଯେ, ଏହା ଅଧିକାଂଶ ପ୍ରାର୍ଥୀଙ୍କୁ ମାଡ଼ କରିଥିଲା। ଖାମେନେଇଙ୍କ ପରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ନେତା ନିହତ ହୋଇଥିବା ଟ୍ରମ୍ପ କହିଛନ୍ତି।

## ବିଚାରପତି ଏଆଇ ପ୍ରସ୍ତୁତ ରାୟ ଆଧାରରେ ନିଷ୍ପତ୍ତି ନେବା ଅପବ୍ୟବହାର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨।୩(ପି.ଟି.)**



ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଦ୍ୱାରା ସୃଷ୍ଟ ନକଲି ରାୟ ଉପରେ ନିମ୍ନ ଅଦାଲତ ନିର୍ଭର କରିବାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ଏଭଳି ଭିତ୍ତିହୀନ ରାୟ ଆଧାରରେ ନିଷ୍ପତ୍ତି ନେବା କେବଳ ଭୁଲ୍ ନୁହେଁ ବରଂ ଏହା ବୃତ୍ତିଗତ ଅପବ୍ୟବହାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଆଲୋକ ଆରାଢ଼େଙ୍କ ଖଣ୍ଡପୀଠ ଉକ୍ତ ମାମଲାକୁ ସବିଶେଷ ଅନୁଧ୍ୟାନ କରିବେ ବୋଲି କହିବା ସହ ଅର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାରେ ସହାୟତା ପାଇଁ ଅଦାଲତ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିବାନଙ୍କୁ ନିଯୁକ୍ତ କରିଛନ୍ତି। ଏଭଳି ରାୟ ଦେବା ଅସଦାଚରଣ ଏବଂ ଏଥିପାଇଁ ଆଇନଗତ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଜାନୁଆରୀ ରାୟକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଉପରୋକ୍ତ ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଥିଲେ। ମାମଲାର ମେରିଟ୍ ଉପରେ ନିଆଯାଇଥିବା ନିଷ୍ପତ୍ତି ପାଇଁ ନୁହେଁ, ବରଂ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ନେଇ ଆନୁଷ୍ଠାନିକ ଉଦ୍‌ବେଗର ବିଷୟ ହୋଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଏକ ସମ୍ପତ୍ତି ବିବାଦ ଉପରେ ନିମ୍ନ ଅଦାଲତ ଗତବର୍ଷ ଅଗଷ୍ଟରେ ପକ୍ଷଙ୍କ ଅଭିଯୋଗକୁ ଅଗ୍ରାହ୍ୟ କରି ଏକ ନିର୍ଦ୍ଦିଷ୍ଟ ରାୟ ଆଧାରରେ ନିଷ୍ପତ୍ତି ନେଇଥିଲେ। ତଳକୋର୍ଟର ରାୟକୁ ଆବେଦନକାରୀ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଯେଉଁ ରାୟ ଆଧାରରେ ନିମ୍ନ ଅଦାଲତ ରାୟ ଦେଇଛନ୍ତି ତାହା ଜାଲ୍ ଏବଂ ତାହାର କୌଣସି ଅସ୍ତିତ୍ୱ ନାହିଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ହାଇକୋର୍ଟ ଆପତ୍ତି ଅଭିଯୋଗକୁ ବିଚାର କରିବା ପରେ ରାୟ ଏଆଇ ପ୍ରସ୍ତୁତ ବୋଲି ଜାଣିବାକୁ ପାଇଥିଲେ। ହାଇକୋର୍ଟ ଏନେଇ ସତର୍କ କରାଇବା ସହ ମାମଲାର ମେରିଟ୍‌କୁ ବିଚାର କରି ସିଭିଲ୍ ରିଭିଜନ ପିଟିଶନକୁ ଖାରଜ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆଶଙ୍କାରେ ନିବେଶକାରୀ, ୧୦୪୮ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ, ୨।୩**



ଇରାନ-ଆମେରିକା ଯୁଦ୍ଧ ପଶ୍ଚିମ ଏସିଆ ସମେତ ବିଶ୍ୱ ସମୁଦାୟକୁ ପ୍ରଭାବିତ କରିଛି। ଗୋଟିଏ ପଟେ ଯୁଦ୍ଧବିରତି ପରିବର୍ତ୍ତେ ଆଗକୁ ଆହୁରି ଜଟିଳ ରୂପ ନେବା ଏବଂ ଅନ୍ୟପଟେ ଆରବସମୂହ ରାଷ୍ଟ୍ରଗୁଡିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ଘଟଣା ନିବେଶକାରୀଙ୍କୁ ଆଶଙ୍କିତ କରିଦେଇଛି। ଏହାକୁ ନେଇ ଭାରତୀୟ ଶେୟାର ବଜାର ସମେତ ବିଶ୍ୱର ପ୍ରମୁଖ ଶେୟାର ବଜାର ସୋମବାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି।

ସୋମବାର ମୁମ୍ବାଇ ଶେୟାର ବଜାରରେ କାରବାର ଆରମ୍ଭ ହେବା ମାତ୍ରେ ବିଭିନ୍ନ କ୍ଷେତ୍ରରୁ ନିବେଶକାରୀ ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରିଦେବାରୁ ବିଏସ୍‌ଇ ପ୍ରମୁଖ ସୂଚକାଙ୍କ ସେନ୍‌ସେକ୍ସ ଏବଂ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ସୂଚକାଙ୍କ ନିଫ୍ଟିରେ ଦ୍ରୁତ ହ୍ରାସ ଘଟିବା ଆରମ୍ଭ ହୋଇଥିଲା। ମଧ୍ୟାହ୍ନ କାରବାର ସୁଦ୍ଧା ସେନ୍‌ସେକ୍ସରେ ୧୮୦୦ ପଏଣ୍ଟ ହ୍ରାସ ଘଟି ଏହା ୭୯,୭୦୦ ପଏଣ୍ଟକୁ ଖସି ଆସିଥିଲାବେଳେ ନିଫ୍ଟିରେ ୫୦୦ ପଏଣ୍ଟ ହ୍ରାସ ଘଟି ଏହା ୨୪,୬୫୦କୁ ଖସି ଆସିଥିଲା। ବିଶେଷକରି ସ୍ମଲ୍ କ୍ୟାପ୍ ଏବଂ ମିଡ୍‌କ୍ୟାପ୍ ଶେୟାର ଭାରି ମାତ୍ରାରେ ପ୍ରଭାବିତ ହୋଇଥିଲା। ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ସେନ୍‌ସେକ୍ସରେ ୧୦୪୮ ପଏଣ୍ଟ ହ୍ରାସ ଘଟି କାରବାର ଶେଷ ବେଳକୁ ଏହା ୮୦,୨୩୮ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟିରେ ୩୧୩ ପଏଣ୍ଟ ହ୍ରାସ ଘଟି ଏହା ୨୪,୮୬୫ ପଏଣ୍ଟରେ ବନ୍ଦ ରହିଛି।

## ଇପିଏଫ୍ ସୁଧ ୮.୨୫%ରେ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୨।୩(ପି.ଟି.)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) କ୍ରମାଗତ ତୃତୀୟ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ସୁଧ ହାର ୮.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ୨୦୨୫-୨୬ ବର୍ଷରେ ହୋଇଥିବା ଜମା ଉପରେ ଏହି ହାରରେ ସୁଧ ମିଳିବ ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତିରେ କୁହାଯାଇଛି। ଗତବର୍ଷ ଫେବୃଆରୀରେ ଇପିଏଫ୍‌ଓ ୨୦୨୪-୨୫ ବର୍ଷ ପାଇଁ ଇପିଏଫ୍ ସୁଧହାର ୮.୨୫% ବଜାୟ ରଖିଥିଲେ। ୨୦୨୨-୨୩ରେ ସୁଧହାର ୮.୧୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷ ପାଇଁ ଏହାକୁ ୮.୨୫ ପ୍ରତିଶତକୁ ବଢ଼ାଇ ଦିଆଯାଇଥିଲା। କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ ବସି ୨୦୨୫-୨୬ ବର୍ଷ ପାଇଁ ଇପିଏଫ୍ ଜମା ଉପରେ ବାର୍ଷିକ ସୁଧହାର ୮.୨୫% ରଖିବା ପାଇଁ ସୁପାରିସ୍ କରାଯାଇଛି।

## ଭାରତ-କାନାଡା ମଧ୍ୟରେ ୟୁରାନିୟମ ଚୁକ୍ତିନାମା

### ୫୦ ବିଲିୟନ ଡଲାର ବାଣିଜ୍ୟ ଲକ୍ଷ୍ୟ

**ନୂଆଦିଲ୍ଲୀ, ୨।୩(ପି.ଟି.)**



ନୂଆଦିଲ୍ଲୀର ହାଇଦ୍ରାବାସ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କାନାଡ଼ା ପ୍ରତିପକ୍ଷ ମାର୍କ କାର୍ନିଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଚୁକ୍ତିନାମା ହସ୍ତାନ୍ତର ହେଉଛି।

ୟୁରାନିୟମ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଲାଗି ଭାରତ ଓ କାନାଡା ମଧ୍ୟରେ ସୋମବାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା ନେଇ ଖୁବ୍‌ଶୀଘ୍ର ସହମତିରେ ପହଞ୍ଚିବାକୁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟ କାରବାର ୫୦ ବିଲିୟନ ଡଲାରରେ ପହଞ୍ଚାଇବା ସମେତ ସମ୍ପର୍କ ବଢ଼ାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ନୂଆ ଢାଞ୍ଚା ଚୂଡ଼ାନ୍ତ କରିଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଥିବା କାର୍ନିଙ୍କ ସହ ମୋଦି ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି, କ୍ଷୁଦ୍ର ଓ ମଡ୍ୟୁଲାର ଆଣବିକ ରିଆକ୍ଟର, ଶିକ୍ଷା, ପୁନଃ ନବୀକରଣଯୋଗ୍ୟ ଶକ୍ତି ଆଦି କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ୨.୬ ବିଲିୟନ ଡଲାର ମୂଲ୍ୟର ୟୁରାନିୟମ ଯୋଗାଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବାରୁ ଭାରତର ବେସାମରିକ ଆଣବିକ ଶକ୍ତି ସେକ୍ଟର ପାଇଁ ଏହା ସହାୟକ ହେବାକୁ ଯାଉଛି। ବୈଶ୍ୱିକ ଶାନ୍ତି ଓ ସ୍ଥିରତା ପାଇଁ ଦୁଇ ଦେଶ ଏହିସବୁ ଚ୍ୟାଲେଞ୍ଜ ବିରୋଧରେ ପରସ୍ପରକୁ ସହଯୋଗ କରିବେ। ପଶ୍ଚିମ ଏସିଆରେ ସୃଷ୍ଟ ବିପଜ୍ଜନକ ସୁରକ୍ଷା ସ୍ଥିତିକୁ ନେଇ ମୋଦି ଓ କାର୍ନି ବିଚାରବିମର୍ଶ କରିଥିଲେ। ଆଲୋଚନା ଏବଂ କୂଟନୀତି ଜରିଆରେ ସମସ୍ତ ଦ୍ୱନ୍ଦ୍ୱର ସମାଧାନକୁ ଭାରତ ସମର୍ଥନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ହୋର୍ମୁଜ୍ ଷ୍ଟ୍ରେଟ୍: ସର୍ବବୃହତ୍ ଏନର୍ଜି କରିଡର

**ମୁମ୍ବାଇ, ୨।୩**




ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ ଓ ଓମାନ ମଝିରେ ରହିଥିବା ଏକ ସଂକୀର୍ଣ୍ଣ ସାମୁଦ୍ରିକ ପଥ ବା ପ୍ରଣାଳୀ 'ହୋର୍ମୁଜ୍ ଷ୍ଟ୍ରେଟ୍'ର ବିଶେଷତ୍ୱ ଏବେ ବୈଶ୍ୱିକ ତୈଳ ପରିବହନ କ୍ଷେତ୍ରରେ ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ଇରାନ ଏବଂ ଓମାନ ଉପକୂଳ ସମେତ ୟୁଏଇ ଉପକୂଳକୁ ଲାଗି ରହିଥିବା ମାତ୍ର ୩୩ କି.ମି ଚଉଡ଼ା ବିଶିଷ୍ଟ ଏହି ସାମୁଦ୍ରିକ ପଥ ଉତ୍ତରରେ ପାରସ୍ୟ ସାଗର ଏବଂ ଦକ୍ଷିଣରେ ଆରବସାଗରକୁ ଯୋଡୁଛି। ଅନ୍ତର୍ଜାତୀୟ ତୈଳ ପରିବହନ କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନେକ ଶହ ବର୍ଷ ତଳେ ଏହି ସାମୁଦ୍ରିକ ପଥ ଦେଇ ଚାଇନା ସମେତ ଅନ୍ୟ ବହୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଉପସାଗରୀୟ ଦେଶଗୁଡିକ ସହ ବାଣିଜ୍ୟ କାରବାର କରୁଥିଲେ। ହେଲେ ସାମ୍ପ୍ରତିକ ସମୟରେ ଏହି ସାମୁଦ୍ରିକ ପଥ ବିଶ୍ୱର ବୃହତ୍ ଏନର୍ଜି କରିଡର୍ ଭାବେ ପ୍ରତିଷ୍ଠାଲାଭ କରିଛି। ବିଶ୍ୱର ପ୍ରମୁଖ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ସାଉଦି ଆରବ, ୟୁଏଇ, କାତାର୍, ଇରାକ୍, ଇରାନ, ବାହାରିନ୍ ଏବଂ କୁଏଟ୍‌ରୁ ଏହି ପଥ ଦେଇ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଓ ଗ୍ୟାସ୍ ପରିବହନ ହୋଇଥାଏ। ଏହି ପଥ ଦେଇ ବିଶ୍ୱର ୨୦ରୁ ୨୫ ପ୍ରତିଶତ ଅଶୋଧିତ ପେଟ୍ରୋଲିୟମ ପରିବହନ ହୋଇଥିଲା ବେଳେ ଦୈନିକ ୨୦ ନିୟୁତ ବ୍ୟାରେଲ୍‌ରୁ ଅଧିକ ତୈଳ ପରିହନ ହୋଇଥାଏ। ମାଲାକା ଷ୍ଟ୍ରେଟ୍ ହେଉଛି ବିଶ୍ୱର ସବୁଠାରୁ ବଡ଼ ସାମୁଦ୍ରିକ ପଥ, ଯେଉଁ ପଥ ଦେଇ ଦୈନିକ ୩.୩ ନିୟୁତ ବ୍ୟାରେଲ ତୈଳ ପରିବହନ ହୋଇଥାଏ। ଏହାପରେ ହୋର୍ମୁଜ୍ ହେଉଛି ଦ୍ୱିତୀୟ ବୃହତ୍ ସାମୁଦ୍ରିକ ପଥ, ଯେଉଁଠି ଉପରୋକ୍ତ ପରିମାଣର ତୈଳ ଓ ଗ୍ୟାସ୍ ପରିହବନ ହୋଇଥାଏ। କାତାର ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ରୂପେ ଏହାର ଶତପ୍ରତିଶତ ଗ୍ୟାସ୍ ଏହି ପଥ ଦେଇ ରପ୍ତାନି କରିଥାଏ। କାତାର ବ୍ୟତୀତ ଅନ୍ୟ ଦେଶର ଗ୍ୟାସ୍ ମଧ୍ୟ ଏହି ପଥ ଦେଇ ପରିବହନ ହୋଇଥିଲା ବେଳେ ବିଶ୍ୱର ଅନ୍ୟୂନ ୪୦ ଭାଗ ଉତ୍ପାଦିତ ଗ୍ୟାସ୍ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ପରିବହନ ହୋଇଥାଏ। ଫଳରେ ଏହି ସାମୁଦ୍ରିକ ପଥ ବୈଶ୍ୱିକ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଆମେରିକା-ଇସ୍ରାଏଲ ଆକ୍ରମଣକୁ ନେଇ ଇରାନ ଏହା ଉପରେ ପ୍ରତିବନ୍ଧକ ଲଗାଇବା ସହ ଅନ୍ୟ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ କରିବା ଘଟଣା ହୋର୍ମୁଜ୍ ସାମୁଦ୍ରିକ ପଥ ଦେଇ ତୈଳ ଓ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହେବା ସହ ଅର୍ଥନୀତି ପରୋକ୍ଷରେ ପ୍ରଭାବିତ ହେବା ଆଶଙ୍କା ବଢ଼ାଇଛି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୬ | Bhubaneswar, Tuesday, March 3/2026 | ପୃଷ୍ଠା-୧



## ପ୍ରଶଂସା ସାଉଁଟୁଛନ୍ତି କିଆରା

ଚଳଚ୍ଚିତ୍ର 'ଟକ୍ସିକ୍'ରେ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ୟଶଙ୍କୁ ନେଇ ନିର୍ମାତା ଏକ ପୋଷ୍ଟର ରିଲିଜ୍ କରିଛନ୍ତି, ଯାହା ପ୍ରଶଂସକମାନଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛି।

୧୪

୧୬

## ଅଲ୍ ଇଂଲଣ୍ଡରେ ଖେଳିପାରିବେନି ସିନ୍ଧୁ

ଦୁବାଇରେ ଅଟକି ଯାଇଥିବାରୁ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ଖେଳିପାରିବେନି ଭାରତର ଷ୍ଟାର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ





ଲେବାନନ୍‌ର ରାଜଧାନୀ 'ବେରୁଟ୍'ର ଦକ୍ଷିଣ ଉପକଣ୍ଠରେ ଥିବା ଦାହିୟେ ଅଞ୍ଚଳରେ ସୋମବାର ଇସ୍ରାଏଲ ପକ୍ଷରୁ କରାଯାଇଥିବା ଏୟାର ଷ୍ଟ୍ରାଇକ୍ ପରେ ନିଆଁର ଶିଖା ଏବଂ କଳା ଧୂଆଁ ଆକାଶକୁ ଉଠୁଥିବା ଦେଖାଯାଉଛି।

# ଭାଜପା ଦେବ ୩ ପ୍ରାର୍ଥୀ

### ରାଜ୍ୟ ସଭା ନିର୍ବାଚନ

**ଭୁବନେଶ୍ୱର,୨।୩(ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନ ପାଇଁ ସମୟ ଯେତିକି ପାଖେଉଛି, ଏହାକୁ ନେଇ ଚର୍ଚ୍ଚା ସେତିକି ବଢ଼ିବାରେ ଲାଗିଛି। ବିଜେଡି ପକ୍ଷରୁ ୩ୟ ଏବଂ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଆଗୁଆ ଦେଇ ଦିଆଯିବା ପରେ ଶାସକ ଭାଜପାର ରଣନୀତି କ'ଣ ହେବ ତାହାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ରାଜ୍ୟ ସଭାକୁ ନେଇ ଶାସକ ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ଏଭଳିସ୍ଥଳେ ସୋମବାର ଭାଜପା ବିଧାୟକ ଦଳ ବୈଠକ ପୂର୍ବରୁ ବିଧାୟକ ସନ୍ତୋଷ ଖଟୁଆ ୩ ଆସନରେ ପ୍ରାର୍ଥୀ ଦିଆଯିବ ଏବଂ ସବୁଥିରେ ଜିତିବ ବୋଲି କହିଛନ୍ତି। ବିଧାୟକମାନଙ୍କଠାରୁ ଦସ୍ତଖତ ନେବାର କାର୍ଯ୍ୟ ଶେଷ ହେବାପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଆଉ କେତେଜଣ ହାତଗଣତି ନେତାଙ୍କ ମଧ୍ୟରେ ଆଉ ଏକ ବୈଠକ କୁଆଡ଼େ ବସିଥିଲା ବୋଲି ଶୁଣିବାକୁ ମିଳିଛି। ୫ ତାରିଖରେ ନାମାଙ୍କନ ପାଇଁ ଶେଷ ତାରିଖ ରହିଛି। ଭାଜପାରୁ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କ ନାମାଙ୍କନ ଶେଷଦିନ କରାଯିବ ବୋଲି ଦଳର ବିଧାୟକମାନଙ୍କୁ କୁହାଯାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳର ସବୁ ବିଧାୟକଙ୍କୁ ସୋମବାର ତାଙ୍କ ବାସଭବନକୁ ଡାକିଥିଲେ। ସେଠାରେ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ସବୁ ବିଧାୟକ ଖାଇବା ପିଇବା କରିବା ପରେ ରାଜ୍ୟ ସଭା ☞ପୃଷ୍ଠା-୨

# ୧ ଡଲାର= ୯୧.୫୦ ଟଙ୍କା

### ଖସିଲା ୪୨ ପଇସା

**ନୂଆଦିଲ୍ଲୀ,୨।୩**

ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ତୈଳ ବଜାରଠାରୁ ଆରମ୍ଭ କରି ପୁଞ୍ଜି ନିବେଶ ବଜାର ଭାରି ମାତ୍ରାରେ ପ୍ରଭାବିତ ହେବା କାରଣରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ଅବମୂଲ୍ୟାୟନ ଘଟିଛି। ସୋମବାର ଆନ୍ତଃ ବ୍ୟାଙ୍କିଙ୍ଗ୍ ବୈଦେଶିକ ମୁଦ୍ରା ବିନିମୟ ବଜାରରେ କାରବାର ଆରମ୍ଭ ହେବା ବେଳେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧.୨୩ ରହିଥିଲା। କିନ୍ତୁ ମଧ୍ୟାହ୍ନ ସୁଦ୍ଧା ଟଙ୍କା ମୂଲ୍ୟରେ ଆହୁରି ଅବମୂଲ୍ୟାନ ଘଟିବା ସହିତ ଏହା ସର୍ବନିମ୍ନ ସ୍ତରକୁ ଖସି ୯୧.୬୫ରେ ପହଞ୍ଚିଥିଲା। ତେବେ ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସି ଥିଲାବେଳେ କାରବାର ଶେଷବେଳକୁ ଟଙ୍କା ମୂଲ୍ୟରେ ୪୨ ପଇସା ହ୍ରାସ ଘଟି ଏହା ଡଲାର ତୁଳନାରେ ୯୧.୫୦ ରହିଛି। ଚଳିତ ମାସରେ ପ୍ରଥମଥର ପାଇଁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧ ଟପିଛି। ସୋମବାର ଇରାନ ସାଉଦି ଆରବ ଏବଂ କାତାରର ଦୁଇ ପ୍ରମୁଖ ତୈଳ ରିଫାଇନେରି ଉପରେ ଆକ୍ରମଣ କରିବା ଘଟଣା ବୈଶ୍ୱିକ ପୁଞ୍ଜି ବଜାରକୁ ପ୍ରଭାବିତ କରିବା ଏବଂ ଏହାକୁ ନେଇ ଭାରତ ସମେତ ବିଶ୍ୱର ପ୍ରମୁଖ ଶେୟାର ବଜାରରୁ ନିବେଶକାରୀମାନେ ବିପୁଳ ପୁଞ୍ଜି ପ୍ରତ୍ୟାହାର କରିନେବା ଡଲାର-ଟଙ୍କା ବିନିମୟ ସ୍ଥିତିକୁ ପ୍ରଭାବିତ କରିଛି ବୋଲି କୁହାଯାଇଛି।

### ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଧରିତ୍ରୀର ଛୁଟି

ଦୋଳପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୩ ଓ ୪ ତାରିଖ ମଙ୍ଗଳବାର ଏବଂ ବୁଧବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୬ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ** ତେଲ ମାରିଲା

ବିଟେକ୍ ପାଠ ଛାଡ଼ି ସିମ୍ ବକ୍ସ କାରବାର

ଝାରସୁଗୁଡ଼ା ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ନିଆଁ

ପୃଷ୍ଠା ୩




# ଘନଉଛି ତୈଳ ସଙ୍କଟ

## ୨ ବୃହତ୍ ରିଫାଇନେରି ଉପରେ ଇରାନର ଆକ୍ରମଣ

ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ଦିନକୁ ଦିନ ବ୍ୟାପକ ରୂପ ଧାରଣ କରୁଛି। ଯୁଦ୍ଧ ଏବେ ଏହି ୨ ଦେଶ ମଧ୍ୟରେ ସୀମିତ ନ ରହି ଅନେକ ଦେଶକୁ ବ୍ୟାପିବାରେ ଲାଗିଛି। ଉପସାଗରୀୟ ପ୍ରମୁଖ ୫ଟି ଦେଶ ସମେତ ୟୁରୋପୀୟ ଦେଶରେ ରହିଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଇରାନ ଆକ୍ରମଣ କରିଥିବା ବେଳେ ବିଶ୍ୱର ଦୁଇ ପ୍ରମୁଖ ତୈଳ ଓ ଗ୍ୟାସ୍ ରିଫାଇନେରି ଉପରେ ଆକ୍ରମଣ ଘଟଣା ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳକୁ ବହୁଭାବରେ ପ୍ରଭାବିତ କରିବା ଆଶଙ୍କା ବଢ଼ାଇଛି। ତୈଳ ଯୋଗାଣ ବିଶୃଙ୍ଖଳ ଏବଂ ଭୂ-ରାଜନୈତିକ ଅସାମଞ୍ଜସ୍ୟ ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଜଟିଳ ସ୍ଥିତି ସୃଷ୍ଟି କରିବ।

**ତେହରାନ୍ ,୨।୩**

ଇରାନ-ଆମେରିକା ଯୁଦ୍ଧ କ୍ରମଶଃ ଗମ୍ଭୀର ହେବାରେ ଲାଗିଛି। ସୋମବାର ତୃତୀୟ ଦିନରେ ଉଭୟ ପକ୍ଷ ଆକ୍ରମଣ ଜାରି ରଖିଥିଲାବେଳେ କ୍ଷୟକ୍ଷତି ମଧ୍ୟ ବଢ଼ିବାରେ ଲାଗିଛି। ଆମେରିକା ଟାର୍ଗେଟରେ କେବଳ ଇରାନ ରହିଛି। କିନ୍ତୁ ଆମେରିକା ବିରୋଧରେ ଉପସାଗରୀୟ ଅଞ୍ଚଳର ୬ ପ୍ରମୁଖ ଦେଶ ସମେତ ସାଇପ୍ରସ୍ ଭଳି କେତେକ ୟୁରୋପୀୟ ରାଷ୍ଟ୍ରରେ ରହିଥିବା ଆମେରିକୀୟ ସାମରିକ ଘାଟି ☞ପୃଷ୍ଠା-୨

# 'କମନ୍' ପ୍ରାର୍ଥୀ ଦଣ୍ଡେଶ୍ୱରଙ୍କୁ ରାଜ୍ୟ କଂଗ୍ରେସର ସମର୍ଥନ

### କଂଗ୍ରେସର ରାଜ୍ୟ ସଭା ମନ୍ଥନ; ରମେଶ, ସୋଫିଆ ଅନୁପସ୍ଥିତ

**ଭୁବନେଶ୍ୱର,୨।୩(ରବିନାରାୟଣ ଜେନା)**

ଆସନ୍ତା ମାର୍ଚ୍ଚ ୧୬ରେ ଓଡ଼ିଶାର ୪ଟି ରାଜ୍ୟ ସଭା ଆସନରେ ନିର୍ବାଚନ ହେବାକୁ ଥିବାବେଳେ ୫ ତାରିଖ ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଶାସକ ଭାଜପା ପ୍ରଥମ ଓ ଦ୍ୱିତୀୟ ଆସନରେ ଏବଂ ବିଜେଡି ୩ୟ ଆସନରେ ବିଜୟୀ ହେବା ପ୍ରାୟ ନିଶ୍ଚିତ। ୪ର୍ଥ ଆସନ ପାଇଁ କାହାରି ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ଏଥିନିମନ୍ତେ ବିଜେଡି ଗତ ଶନିବାର ଡା. ଦଣ୍ଡେଶ୍ୱର ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ☞ପୃଷ୍ଠା-୨






## ଆଜି ଚନ୍ଦ୍ର ଗ୍ରହଣ
### ସୂର୍ଯ୍ୟୋଦୟରୁ ପାକତ୍ୟାଗ

ଭୁବନେଶ୍ୱର,୨।୩ (ସୁଚିସ୍ମିତା ସାହୁ): ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ମଙ୍ଗଳବାର ସଂଘଠିତ ହେବ। ଅପରାହ୍ନ ୩ଟା ୨୦ରେ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୭ରେ ସର୍ବମୋକ୍ଷ ହେବ। ସମୁଦାୟ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ୍ ରହିବ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ସୂର୍ଯ୍ୟୋଦୟରୁ ହିଁ ପାକତ୍ୟାଗ ହେବ। ଏହି ସମୟରେ ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ କରିବା ଅନୁଚିତ ବୋଲି ଶାସ୍ତ୍ରୀୟ ମାନ୍ୟତା ରହିଛି। ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ସଂଘଠିତ ହେବ।

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ରଙ୍ଗ ଖେଳି ଉତ୍ସବ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳଦାନ ଶିବିର, ସ୍ଥାନ: ପିଞ୍ଚାବଣିଆ ଦୋଳ ମେଳନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ପିଞ୍ଚାବଣିଆ ଦୋଳ ମେଳା, ସ୍ଥାନ: ଦୋଳ ମେଳନ ପଡ଼ିଆ, ପିଞ୍ଚାବଣିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**
- ଦୋଳ ବିମାନ ଶୋଭାଯାତ୍ରା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ରାତି ୧୧ଟା।
- ଦୋଳ ମହୋତ୍ସବ, ସ୍ଥାନ: ବ୍ରାହ୍ମଣଗାଁ, ବାସୁଦେବପୁର, ସମୟ: ରାତି ୩ଟା।

**କେନ୍ଦୁଝର**
- ପିଢ଼ପୋଖରୀରେ ପ୍ରଥମ ରାସ ଉତ୍ସବ ଅନୁଷ୍ଠିତ, ସ୍ଥାନ: ବଡ଼କାଳିମାଟି ପଞ୍ଚାୟତ ପିଢ଼ପୋଖରୀ, ଯୋଡ଼ା, ସମୟ: ସକାଳ ୯ଟା।
- ଜିଲା ଗୋଣ୍ଡ ସାଂସ୍କୃତିକ ସମାଜ, ସାଧାରଣ ଅଧିବେଶନ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ମଣ୍ଡୁଆ, ସମୟ: ପୂର୍ବାହ୍ନ ୧୦ଟା।
- ପିସିସି ସଭାପତିଙ୍କ ଗ୍ରସ୍ତକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କେନ୍ଦୁଝର କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରି, ବଡ଼ସାହି,ସମୟ: ସକାଳ ୮ଟା।
- ଦୋଳ ମହୋତ୍ସବ ଅବସରରେ ନାମ ସଙ୍କୀର୍ତ୍ତନ, ସ୍ଥାନ: ତାଳପଦା, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ୪୦ତମ ହୋଲି ଉତ୍ସବ,ସ୍ଥାନ:ବେଲଡିହା ଦୋଳ ପଡ଼ିଆ, କପ୍ତିପଦା,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଶ୍ରୀ ବାଙ୍କ ବିହାରୀ ମହାପ୍ରଭୁଙ୍କ ପାଲିଙ୍କିରେ ଫଗୁ ଖେଳ ଓ ଗ୍ରାମବାସୀଙ୍କ ବାଇଗଣ ପୋଡ଼ା ଉତ୍ସବ,ସ୍ଥାନ: ଜାମୁବଣୀ ଗ୍ରାମ ହରିମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ପରାବିଲ ଗ୍ରାମର ବାର୍ଷିକ ଦୋଳଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ପରାବିଲ ମନ୍ଦିର ଛକ, ସମୟ ସନ୍ଧ୍ୟା ୬ଟା ୩୦।
- ଦୋଳ ଉତ୍ସବ ଓ ଅପେରା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ମହୀଧରପୁର, ସମୟ: ରାତି ୮ଟା।
- ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଦୋଳଯାତ୍ରା, ସ୍ଥାନ: ଆଠମଲ୍ଲିକ ଦୋଳମଣ୍ଡପ, ସମୟ: ରାତି ୧୦ଟା।

**କେନ୍ଦ୍ରାପଡ଼ା**
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ସମ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ ଭଗବଦ୍ ଗୀତା ପରିଚାଳନା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: ଶ୍ରୀ ସିଦ୍ଧ ବେଲବଣ ମହାପୁରୁଷ ପୀଠ, ପାଖଡ, ନୂଆପଡା, ପଟ୍ଟାମୁଣ୍ଡାଇ, ସମ: ସନ୍ଧ୍ୟା ୭ଟା।
- ଶ୍ରୀ ବଳଦେବଜୀଉଙ୍କ କୃଷ୍ଣ ବଳରାମ ବେଶ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଡ୍ରାମାଟିକ କ୍ଲବ ପକ୍ଷରୁ ୪୫ତମ ନାଟ୍ୟ ଉତ୍ସବର ପ୍ରଥମ ନାଟକ ମୁଁ ଅନାଥ, ତୁ ଜଗନ୍ନାଥ, ସ୍ଥାନ: ଗୋମାତା ପୂଜା ପଡିଆ, ଗୁରୁଗାଁ, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଜାମାଲାଗି ବେଶର ଉଦ୍ୟାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ଉଦ୍ୟାପନ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ସକାଳ ୮ଟା।
- ମଦନ ମୋହନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଓ ଚାଉପଲ୍ଲୀ ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ଅପରାହ୍ନ ୩ଟା।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ଷଷ୍ଠ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା ଉଦ୍ୟାପନ ଦିବସ, ସ୍ଥାନ:ଜଗନ୍ନାଥ ପ୍ରସାଦ ପଞ୍ଚାୟତର କୁଆହରା, ସମୟ: ସନ୍ଧ୍ୟା ୭ଟା।
- ଦୋଳପୂର୍ଣ୍ଣିମା ଯାତ୍ରା ଆରମ୍ଭରେ ୨୦ ଶମ୍ଭୁ ମେଳଣ, ସ୍ଥାନ: ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ, ସମୟ: ରାତ୍ର ୯ଟା।
- ନୂତନ ପାଞ୍ଜି ପଠନ, ସ୍ଥାନ: ଗୋଡିପଡା ଲଡୁକେଶ ମହେଶଙ୍କ ଦୋଳବେଦୀ, ସମୟ: ରାତ୍ର ୯ଟା ୩୦।
- ନୂତନ ପାଞ୍ଜି ପଠନ, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ଦୋଳବେଦୀ, ସମୟ: ରାତ୍ର ୯ଟା ୩୦।

**ସମ୍ବଲପୁର**
- ଗୁଣ୍ଡିଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ହୋଲି ମିଳନ ଓ ସଙ୍ଗୀତ ସନ୍ଧ୍ୟା, ସ୍ଥାନ : ମାରଓ୍ୱାଡ଼ି ପଞ୍ଚାୟତ ଧର୍ମଶାଳା, ସମୟ : ରାତି ୮ଟା।
- ସମ୍ବଲପୁର ସେଲେବ୍ରିଟି ଲିଗ୍‌ର ସମୀକ୍ଷା ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ପାପିଲୋମାଭାଇରସ୍ ଭେକ୍‌ସିନେଶନ୍ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲାଇସିଂହାରେ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ସାପ୍ତାହିକ ବଜାର ପଡ଼ିଆ, ଲୋଇସିଂହା, ସମୟ: ରାତି ୯ଟା।

**ରାଉରକେଲା**
- ୩୧ତମ ନାମଯଜ୍ଞ ଓ ଅଷ୍ଟପ୍ରହର ସମାପନ, ସ୍ଥାନ: ସେକ୍ଟର-୧୯ ଗଜପତି ମାର୍କେଟ, ସମୟ: ଭୋର୍ ୪ଟା
- କାନଭାସ ପକ୍ଷରୁ ରାଉରକେଲା ଦିବସ ପାଇଁ ଗଣଦୌଡ଼, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ସକାଳ ୬ଟା।
- ସରସ ସ୍ୱଦେଶୀ ମେଳା, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ମିଳନ, ସ୍ଥାନ: ସେକ୍ଟର-୨୦, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବେନିଆଚାଲ, ବିଜେପୁର, ସମୟ: ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ:ସକାଳ ୯ଟା।
- ଲୋକ ଅଧିକାର ଯାତ୍ରା ଖବରଦାତା ସମ୍ମିଳନୀ, ସ୍ଥାନ:ସମତା ଭବନ, ବରଗଡ଼, ସମୟ: ସକାଳ ୯ଟା।
- ନୃସିଂହନାଥ ମନ୍ଦିର ପାଇଁ ଡିଜିଟାଲ ପୋଟାଲ ଆପ ଉଦ୍‌ଘାଟନ, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଫଗୁ ଯାତ୍ରା ଉପଲକ୍ଷେ ଦୋଳ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

# ମଧ୍ୟପ୍ରାଚ୍ୟରେ ଫସି ରହିଛନ୍ତି ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ

## ଫେରିବା ବାଟ ଚାହିଁ ବସିଛନ୍ତି ପରିବାର ଲୋକେ

ପାରଳାଖେମୁଣ୍ଡି,୨।୩(ଗିରିଧାରୀ ପରିଚ୍ଛା)

ବିଶ୍ୱର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା, ଇରାନ, ଇସ୍ରାଇଲ ମଧ୍ୟରେ ଏବେ ଯୁଦ୍ଧ ଚାଲିଛି। ଏହି ସ୍ଥିତି ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଅନେକ ପ୍ରବାସୀ ଭାରତୀୟ କାତାର, ଇରାନ, ଇରାକ, ଆବୁଧାବୀ, ବେହେରାନ୍ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ରହି ଆସୁଥିଲେ। ସେମାନେ ଏବେ ଭାରତକୁ ଏବଂ ନିଜ ଗାଁକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଫେରି ନ ପାରି ଫସି ରହିଛନ୍ତି। ଏହି ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ଗଜପତି ଜିଲା ଗୋଷାଣି ବ୍ଲକ ଜଙ୍ଗଲପାଡୁ ଏବଂ ବଡକଟୁରୁ ଗ୍ରାମର ୫୦ରୁ ଅଧିକ ପରିବାରର ସଦସ୍ୟ ରହିଛନ୍ତି। ସେମାନେ ଦାଦନ ଖଟିବାକୁ ଉପରୋକ୍ତ ଅଞ୍ଚଳକୁ ଯାଇ ରହିଛନ୍ତି। ସମ୍ପୃକ୍ତ ପରିବାରର ଲୋକେ ଗାଁରେ ସେମାନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। କେଉଁ ପରିବାରର ଭାଇ ତ କେଉଁ ପରିବାରର ସ୍ୱାମୀ, କାହାର ପୁଅ କାହାର ପୁତୁରା ଓ କାହାର ଭଣଜା ଯାଇ ସେଠାରେ ଅଛନ୍ତି।

ବିଭିନ୍ନ ଗଣମାଧ୍ୟମ ଏବଂ ସୋସିଏଲ ମିଡିଆରେ ଯୁଦ୍ଧ ସମ୍ପର୍କିତ ବିଭିନ୍ନ ଫଟୋ ଓ ଭିଡିଓ ଦେଖି ପ୍ରବାସୀ ଓଡ଼ିଆଙ୍କ ପରିବାର ଲୋକେ ସର୍ବଦା ଚିନ୍ତାରେ ରହୁଛନ୍ତି। ଜଙ୍ଗଲପାଡୁ ଗ୍ରାମର ଅଧିକାଂଶ ପରିବାରର ଲୋକେ ଜୀବନ ଜୀବିକା ପାଇଁ ବାହାର ଦେଶକୁ ଯାଇ କାମ କରୁଛନ୍ତି। ଏହି ଗ୍ରାମର ଲୋକେ ନିଜ ପ୍ରିୟଜନଙ୍କ ସହ ଫୋନ୍‌ରେ କଥା ହେଉଛନ୍ତି ସତ, ମାତ୍ର ସେମାନଙ୍କ ମନରେ ଖୁସି ନାହିଁ। ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକରେ ରହୁଥିବା ପରିବାରଗୁଡ଼ିକର ଲୋକଙ୍କୁ ସୁରକ୍ଷାର ସହ ଭାରତକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଜଙ୍ଗଲପାଡୁ ଗ୍ରାମର ଶାନ୍ତିଲତା ଜେନାଙ୍କ ଦୁଇ ପୁଅ ଆବୁଧାବିରେ ରହିଥିବା ବେଳେ ତାଙ୍କ ପୁତୁରା ଓ ଭଣଜା କାତାର ଏବଂ ଇରାନରେ ରହିଛନ୍ତି। ସେହିଭଳି କଲ୍ୟାଣୀ ସାମଲଙ୍କ ପୁଅ ଦୁବାଇରେ ଗୋଟିଏ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ପୁଷ୍ପା ନାୟକଙ୍କ ସ୍ୱାମୀ ଦୁବାଇରେ କୌଣସି କମ୍ପାନୀରେ କାମ କରୁଛନ୍ତି।

## ଭାଜପା ଦେବ...

ପ୍ରଥମ ପୃଷ୍ଠାରୁ...

ବିଷୟରେ ଆଲୋଚନା ହେଇଥିଲା। ସେଠାରେ ବିଧାୟକମାନଙ୍କ ଦସ୍ତଖତ ରାଜ୍ୟ ସଭା ନିର୍ବାଚନ ଲାଗି ଆଗୁଆ ନିଆଯାଇଥିଲା। ବୈଠକ ବସିବା ଆଗରୁ ରାଜ୍ୟ ସଭା ନିର୍ବାଚନ ନିମନ୍ତେ ଦଳର ୫ ଜଣ ବିଧାୟକ ଯାଇ ୧୬ ସେଟ୍ ଫର୍ମ କିଣିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ, ଜଣେ ରାଜ୍ୟ ସଭା ପ୍ରାର୍ଥୀ ଚାହିଁଲେ, ସର୍ବାଧିକ ୪ ସେଟ୍ ଫର୍ମ ଦାଖଲ କରିପାରିବେ। ହେଲେ ଶାସକ ଦଳ ପ୍ରାର୍ଥୀ ଘୋଷଣା କରିବା ପାଇଁ କାହିଁକି ବିଳମ୍ବ କରୁଛି ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ମଧ୍ୟ ଉଠୁଛି।

ବିଜେଡି ପକ୍ଷରୁ ୪ର୍ଥ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯିବା ପରେ ଭାଜପା ନିଷ୍ପତ୍ତି କ'ଣ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ବିଜେଡି ପକ୍ଷରୁ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମ କମନ୍(ମିଳିତ) ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଅନେକ କିଛି ରାଜନୈତିକ ଘଟଣା କଂଗ୍ରେସ ଭିତରେ ମଧ୍ୟ ଦେଖିବାକୁ ମିଳୁଛି। ଦତ୍ତେଶ୍ୱର ସୋମବାର କଂଗ୍ରେସ ବିଧାୟକ ଦଳ ବୈଠକରେ ଯୋଗଦେଇ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବା ଲାଗି ନିବେଦନ କରିସାରିଛନ୍ତି। କଂଗ୍ରେସ ବିଧାୟକମାନଙ୍କ ଭିତରେ ଦତ୍ତେଶ୍ୱରଙ୍କୁ ସମର୍ଥନ କରିବା ନେଇ ସେଭଳି କିଛି ବିଶେଷ ଅସନ୍ତୋଷ ଥିବାର ଦୃଶ୍ୟ ଏଯାଏ ଲୋକଲୋଚନକୁ ସିଧାସଳଖ ଆସିନାହିଁ। ଏଭଳି ଘଟଣା ଶାସକ ଭାଜପାକୁ ଅଡୁଆରେ ପକାଇବା ସ୍ୱାଭାବିକ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ପକ୍ଷରୁ ଦାବି କରାଯାଇଥିଲା, ଯଦି ଦତ୍ତେଶ୍ୱର ସ୍ୱାଧୀନ ଭାବେ ଭାଜପା ବିରୋଧରେ ପ୍ରାର୍ଥୀ ହେବାକୁ ସ୍ଥିର କରାଯିବ ତା'ହେଲେ ତାଙ୍କ ଦଳର ସମର୍ଥନ ରହିବ ବୋଲି ସେ କହିଥିଲେ। କଂଗ୍ରେସ ବିଧାୟକ ଦଳ ବୈଠକ ଶେଷ ହେବାପରେ ମଧ୍ୟ ଦତ୍ତେଶ୍ୱର ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପଟେ ସିପିଆଇ(ଏମ୍)ର ଜଣେ ବିଧାୟକ ବର୍ତ୍ତମାନ ବିଧାନସଭାରେ ଅଛନ୍ତି।

ଭାଜପା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି, ବିରୋଧୀ ବିଜେଡି, କଂଗ୍ରେସର ଆଭିମୁଖ୍ୟ ଗଣତନ୍ତ୍ର ପ୍ରତି ସୁସ୍ଥ ପରମ୍ପରା ନୁହେଁ। ବିରୋଧୀ ଦଳ ସବୁ ରାଜନୈତିକ ଦଳ ସହ ଆଲୋଚନା କରିବା ଉଚିତ ଥିଲା ବୋଲି ସେ କହିଛନ୍ତି। ଏଥିରୁ ଗୋଟେ କଥା ବୁଝାପଡୁଛି, ନବୀନ ସ୍ୱାଧୀନ ପ୍ରାର୍ଥୀ ଦେବା ଏବଂ କଂଗ୍ରେସ ସମର୍ଥନ ମିଳିବା ପରେ ରାଜ୍ୟ ସଭା ଆସନରେ ପ୍ରାର୍ଥୀ ଚୟନଠାରୁ ଆରମ୍ଭକରି ଭୋଟିଂ ସରିବା ପର୍ଯ୍ୟନ୍ତ ଶାସକ ଦଳ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ରାଜ୍ୟ ସଭାରେ ବର୍ତ୍ତମାନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ୧୩୩ ଏମ୍‌ପି ରହିଛନ୍ତି। ସେଥିରୁ ଭାଜପା ପାଖରେ କେବଳ ୧୦୩ ଜଣ ଏମ୍‌ପି ଅଛନ୍ତି। ଇଣ୍ଡିଆ ମେଣ୍ଟ ପାଖରେ ବର୍ତ୍ତମାନ ୮୭ ଏମ୍‌ପି ରହିଛନ୍ତି। ତେଣୁ ରାଜ୍ୟ ସଭାରେ ଗୋଟିଏ ଏମ୍‌ପି ଆସନ କମ୍ ମିଳୁ, ଏକଥା ଶାସକ ଦଳର କେନ୍ଦ୍ରୀୟ ନେତାମାନେ ଚାହିଁବେ ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଭାଜପାର ବୈଠକ ସମୟରେ କେତେଜଣ ବିଧାୟକଙ୍କୁ କୁଆଡ଼େ କୁହାଯାଇଥିଲା ଯେ, ଯଦି ସେମାନଙ୍କ ସହିତ ଅନ୍ୟ ଦଳର ବିଧାୟକମାନଙ୍କ ସମ୍ପର୍କ ଭଲ ଅଛି, ତେବେ ତାହା ଆଗକୁ ବଢାଇବା ଦରକାର। ଯିଏ ଯାହାସ୍ତରରେ ସବୁ ପ୍ରକାର ଚେଷ୍ଟା କର ବୋଲି କୁହାଯାଇଛି।

ଏ ପରିସ୍ଥିତିରେ ବିଜେଡି ଏବଂ କଂଗ୍ରେସ ଯଦି ମିଳିତ ଭାବେ ପ୍ରାର୍ଥୀ ଦେଇ ଆଗକୁ ବଢ଼ିବେ, ତେବେ ବିଜେଡିର ଗୋଟିଏ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇସାରିବା ପରେ ୪ର୍ଥ ଆସନ ଲାଗି କଂଗ୍ରେସ, ସିପିଆଇ(ଏମ୍)ର ୧୫ ଏବଂ ବିଜେଡିର ୧୮ ବିଧାୟକଙ୍କ ସମର୍ଥନ ସହିତ ସଂଖ୍ୟା ୩୩ ରହିବ। ଜଣେ ରାଜ୍ୟ ସଭା ଯିବା ପାଇଁ ୩୦ ଖଣ୍ଡ ଭୋଟ ଆବଶ୍ୟକତ। ଭାଜପା ୨ଜଣ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଜିତାଇ ସାରିବା ପରେ ଶାସକ ଦଳ ପାଖରେ ୩ୟ ଆସନ ଲାଗି ୨୨ ଖଣ୍ଡ ଭୋଟ ରହିବ। ତେବେ କିଭଳି ଭାଜପା ଆଉ ୮ଟି ଭୋଟ ଯୋଗାଡ଼ କରି ୪ର୍ଥ ଆସନଟିକୁ ହାତେଇବ ସେନେଇ ନାନା ଆକଳନ କରାଯାଉଛି। ଅନ୍ୟପଟେ ଶୁଣିବାକୁ ମିଳିଛି, ଦତ୍ତେଶ୍ୱର ହୋତା ରବିବାର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିବାର ଥିଲା। ହେଲେ ଶେଷ ସମୟରେ ଖାର୍ଗେ ଡାକିବା ବେଳକୁ ଦତ୍ତେଶ୍ୱର କୁଆଡ଼େ ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଆଉ ଭେଟି ନ ଥିଲେ। ତେଣୁ କେଉଁ ଅଦୃଶ୍ୟ ଶକ୍ତି ଦତ୍ତେଶ୍ୱରଙ୍କ ଉପରେ ଚାପ ପକାଇଲା ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

## ଘନଉଛି ତୈଳ...

ଉପରେ ଇରାନର ଆକ୍ରମଣ ଭୂ-ରାଜନୈତିକ ସ୍ଥିତିକୁ ଜଟିଳ କରିଛି। ଏଭଳି ସ୍ଥିତି ପରୋକ୍ଷରେ ବୈଶ୍ୱିକ ଅର୍ଥନୀତି ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ବଢ଼ିଛି। ଇରାନ ସାଉଦି ଆରବ, ୟୁଏଇ, କାତାର, ବାହାରିନ୍, କୁଏତ୍ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଉପରେ ଆକ୍ରମଣ ଜାରି ରଖିଛି। କିନ୍ତୁ ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ରିଫାଇନେରି ସାଉଦି ଆରବର ଆରାମ୍‌କୋ ଏବଂ କାତାର୍‌ର ପ୍ରମୁଖ ଏଲଏନ୍‌ଜି ଗ୍ୟାସ୍ ଉତ୍ପାଦନକାରୀ ସଂସ୍ଥା ଉପରେ ସୋମବାର ଇରାନର ଆକ୍ରମଣ ସ୍ଥିତିକୁ ଆହୁରି ଗମ୍ଭୀର କରିଛି। ଏଭଳି ସ୍ଥିତିରେ ସାଉଦି ଆରବ ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ସେହିପରି ୟୁଏଇର ପ୍ରମୁଖ ଭିତ୍ତିଭୂମି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼ ସ୍ଥିତିକୁ ଜଟଳ କରିଥିଲା ବେଳେ ୟୁଏଇ ମଧ୍ୟ ଇରାନ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଛି। ଗୋଟିଏ ପଟେ ହୋର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନ ପ୍ରତିବନ୍ଧକ ଲଗାଇଥିବାରୁ ୟୁଏଇ, କାତାର୍, କୁଏତ୍, ଓମାନ ଏବଂ ବାହାରିନ୍ ଆଦି ଦେଶଗୁଡ଼ିକର ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଇରାନ ବିରୋଧରେ ସାଉଦି ଆରବ ଏବଂ ୟୁଏଇ ଆଦି ଦେଶ ଯଦି ଆକ୍ରମଣ ଆରମ୍ଭ କରନ୍ତି, ତେବେ ଉପସାଗରୀୟ ଅଞ୍ଚଳରୁ ଅନ୍ତର୍ଜାତୀୟ ବଜାରକୁ ତୈଳ ଯୋଗାଣ ଏକପ୍ରକାର ଠପ୍ ହୋଇଯିବ ବୋଲି ଆଶଙ୍କା ବଢ଼ିଛି। ଏଭଳି ସ୍ଥିତିରେ ସୋମବାର ବୈଶ୍ୱିକ ପୁଞ୍ଜି ବଜାରଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ତୈଳ ବଜାର ଭାରି ମାତ୍ରାରେ ପ୍ରଭାବିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୬ ପ୍ରତିଶତ ବୃଦ୍ଧି ଘଟି ବ୍ୟାରେଲ୍ ପିଛା ମୂଲ୍ୟ ୭୭.୦୮ ଡଲାର ଛୁଇଁଛି। ସେହିପରି ଡବ୍ଲ୍ୟୁଟିଆଇ( ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍) ମୂଲ୍ୟ ମଧ୍ୟ ୫.୫ ପ୍ରତିଶତ ବୃଦ୍ଧିରେ ବ୍ୟାରେଲ ପିଛା ମୂଲ୍ୟ ୭୦.୭୧ ଡଲାରରେ ପହଞ୍ଚିଛି। ବର୍ତ୍ତମାନ ସ୍ଥିତିକୁ ନେଇ ଆଗାମୀ ସପ୍ତାହକ ମଧ୍ୟରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦେଶୀ ପୁଞ୍ଜି ନିବେଶକାରୀ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜଗୁଡ଼ିକରୁ ସୋମବାର ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଏହାଦ୍ୱାରା ବୈଶ୍ୱିକ ସ୍ତରରେ ନିବେଶ କ୍ଷେତ୍ର ମଧ୍ୟ ଭାରି ମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ବଢ଼ିବାରେ ଲାଗିଛି। ସେପଟେ ସୁନା ଏବଂ ରୁପା ମୂଲ୍ୟ ମଧ୍ୟ ପୁଣି ଆକାଶଛୁଆଁ ହେବା ଆଶଙ୍କା ବଢାଇଛି। ନିବେଶକମାନେ ଯୁଦ୍ଧ ପ୍ରଭାବିତ ଷ୍ଟକ୍‌ବଜାରରୁ ପୁଞ୍ଜି ପ୍ରତ୍ୟାହାର କରି ଏବେ ସୁନା ଏବଂ ରୁପାରେ ନିବେଶ କରିବାକୁ ଶ୍ରେୟ ମଣୁଥିବାରୁ ଏହି ଦୁଇଟି ଧାତୁର ଚାହିଦା ବଢ଼ିଛି। ସୋମବାର ଏମ୍‌ସିଏକ୍ସ ଏକ୍ସଚେଞ୍ଜରେ ସୁନା ମୂଲ୍ୟ ଅନ୍ୟୂନ ୫ ପ୍ରତିଶତ ବୃଦ୍ଧି ଘଟିଛି।

ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଆମେରିକା ଏବଂ ଇସ୍ରାଏଲର ଲକ୍ଷ୍ୟ ସାଧନ ହୋଇସାରିଥିବା ଆକଳନ କରାଯିବା ସହିତ ଯୁଦ୍ଧ ବିରତି ପାଇଁ ବାଟ ଖୋଲିପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ଆମେରିକା ସେନା ଆହୁରି ୪ ସପ୍ତାହ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇସାରିଥିବା କଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର କହିଛନ୍ତି। ସେପଟେ ଇରାନ ମଧ୍ୟ ନିଜ ଆଭିମୁଖ୍ୟରୁ ହଟିବା ଦେଖାଯାଉ ନାହିଁ। ଖାମେନେଇଙ୍କ ଅବର୍ତ୍ତମାନରେ ମଧ୍ୟ ଇରାନ ଆମେରିକା ବିରୋଧରେ ଗୋଟିଏ ପରେ ଗୋଟିଏ ଦେଶକୁ ଟାର୍ଗେଟ କରିଚାଲିଛି। ଏଭଳି ସ୍ଥିତି ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଭୟଙ୍କର ସଙ୍କଟ ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି।

## 'କମନ୍' ପ୍ରାର୍ଥୀ...

ଦତ୍ତେଶ୍ୱରଙ୍କୁ ସବୁ ଦଳ ସମର୍ଥନ କରନ୍ତୁ ବୋଲି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ। ଉକ୍ତଦିନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଏହାକୁ ସମର୍ଥନ ଜଣାଇଥିଲେ। ସୋମବାର ରାଜ୍ୟ କଂଗ୍ରେସ ଏନେଇ ସ୍ପଷ୍ଟ ଭାବେ ସମର୍ଥନ ଜଣାଇଛି। ଏହାପୂର୍ବରୁ ଦିନତମାମ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଦଳ ପକ୍ଷରୁ ବୈଠକ ବସି ମାନସମନ୍ଥନ ହେବା ପରେ ଡା. ହୋତାଙ୍କୁ 'କମନ୍' ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।

ବିଜେଡି ଓ କଂଗ୍ରେସ ପକ୍ଷରୁ ଦତ୍ତେଶ୍ୱରଙ୍କୁ ମିଳିତ ପ୍ରାର୍ଥୀ ଘୋଷଣା ହେବା ପରେ ଏବେ ରାଜ୍ୟ ରାଜନୀତି ରୋଚକ ମୋଡ଼ ନେଇଛି। ସଂଖ୍ୟା ଗଣିତରେ ବିଜେଡିର ୫୦ଜଣ ବିଧାୟକଙ୍କ ମଧ୍ୟରୁ ୨ଜଣ ନିଲମ୍ବନ ହୋଇଥିବାବେଳେ ହାତରେ ୪୮ ବିଧାୟକ ରହିଛନ୍ତି। ସେହିପରି କଂଗ୍ରେସର ନିଜସ୍ୱ ୧୪ଜଣ ବିଧାୟକ ରହିଥିବାବେଳେ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ କଂଗ୍ରେସ ସମର୍ଥକ ରହିଛନ୍ତି। ଯଦି ସମସ୍ତ ବିଧାୟକଙ୍କୁ ମିଶାଯାଏ ତେବେ ସହଜରେ ଦତ୍ତେଶ୍ୱର ନିର୍ବାଚିତ ହୋଇପାରିବେ। ହେଲେ କଥା ଏଇଠାରେ ଶେଷ ହେଉନାହିଁ ବୋଲି ମନେ ହେଉଛି। କାରଣ ସୋମବାର ବୈଠକରେ ପିସିସି ସଭାପତି ଦାସଙ୍କ ଉପସ୍ଥିତିରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅଧ୍ୟକ୍ଷତା କରିଥିବାବେଳେ ବିଧାୟକ ରମେଶ ଚନ୍ଦ୍ର ଜେନା ଏବଂ ସୋଫିଆ ଫିର୍‌ଦୋସ୍ ଉପସ୍ଥିତ ନ ଥିଲେ। ଏହାସହ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବୈଠକରେ ଯୋଗଦେଇ ନ ଥିଲେ। ଅନ୍ୟପକ୍ଷରେ ବୈଠକ ପରେ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗଙ୍କ ପ୍ରତିକ୍ରିୟା ଦଳରେ ଅସନ୍ତୋଷକୁ ପଦାରେ ପକାଉଛି। ଗମାଙ୍ଗ କହିଛନ୍ତି, ରାଜ୍ୟ ସଭା ପ୍ରାର୍ଥୀ କିଏ ଚିହ୍ନିନାହିଁ। ବର୍ତ୍ତମାନ ସୁଦ୍ଧା କିଛି 'କ୍ଲିୟର ପିକ୍ଚର' ନାହିଁ। ଯେତେବେଳେ ନୋଟିଫିକେଶନ ହେବ ଏବଂ ଦଳ ଆମକୁ କହିବ ଯେ ଇଏ ଆମର ପ୍ରାର୍ଥୀ, ତାଙ୍କୁ ଭୋଟ ଦିଅନ୍ତୁ, ତା'ପରେ ଆମେ ମାନିବୁ। ପିସିସି ଯାହା ନିଷ୍ପତ୍ତି ନେବ। ଏ ପର୍ଯ୍ୟନ୍ତ ଜାଣିନାହିଁ ଯେ, ଦତ୍ତେଶ୍ୱର ଆମର ରାଜ୍ୟ ସଭା ପ୍ରାର୍ଥୀ ହେବେ କି କ'ଣ ବୋଲି ଗମାଙ୍ଗ କହିଛନ୍ତି। ବିଧାୟକମାନଙ୍କୁ ନେଇ ରାଜ୍ୟ ସଭା ନିର୍ବାଚନ ଆଲୋଚନାର ଆରମ୍ଭ ଦିନରୁ ଏଭଳି ଭିନ୍ନ ମତକୁ ଲକ୍ଷ୍ୟ କରାଯାଇଛି।

ବୈଠକରେ ପିସିସି ସଭାପତି ଓ କାଡ଼ାମଙ୍କ ସମେତ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଏଆଇସିସି ସମ୍ପାଦକ ମୟୂର ଜୟକୁମାର, ବିଧାୟକ ତାରାପ୍ରସାଦ ବାହିନୀପତି, ଡା. ସି. ଏସ୍. ରାଜନ୍ ଏକ୍କା, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ପବିତ୍ର ସାଉଁଟା, ଅଶୋକ ଦାସ, କାଡ୍ରାକା ଅପାଲସ୍ୱାମୀ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନୀ, ସତ୍ୟଜିତ ଗମାଙ୍ଗ ଓ ନୀଳମାଧବ ହିକକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଡା. ଦତ୍ତେଶ୍ୱର ହୋତା ମଧ୍ୟ ବୈଠକରେ ଉପସ୍ଥିତ ରହିବା ସହ ଭୋଜନରେ ଆପ୍ୟାୟିତ ହେଉଥିବା ଦେଖିବାକୁ ମିଳିଛି।

କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ଆଜିର ବୈଠକରେ ରାଜ୍ୟ ସଭା ନିର୍ବାଚନକୁ ନେଇ ଶାନ୍ତିପୂର୍ଣ୍ଣ ଆଲୋଚନା ହୋଇଛି। କଂଗ୍ରେସ ପ୍ରଥମରୁ ୫ଜଣ ନିର୍ବିବାଦୀୟ ପ୍ରାର୍ଥୀଙ୍କୁ ଛିଡ଼ା କରିବାପାଇଁ ଆଗଭର ହୋଇଥିଲା। ସେଥିରେ ଦତ୍ତେଶ୍ୱରଙ୍କ ନାମ ମଧ୍ୟ ରହିଥିଲା। ତେବେ କଂଗ୍ରେସ ଏକ ଜାତୀୟ ଦଳ। ପ୍ରାର୍ଥୀ ଘୋଷଣା ହେବା ପୂର୍ବରୁ ବିଜେଡି ଦତ୍ତେଶ୍ୱରଙ୍କ ଭଳି ଜଣେ ଅନ୍ତର୍ଜାତୀୟ ଚିକିତ୍ସକଙ୍କୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଆଜିର ବୈଠକର ନିଷ୍ପତ୍ତିକ୍ରମେ ଦତ୍ତେଶ୍ୱରଙ୍କୁ କଂଗ୍ରେସ ମଧ୍ୟ କମନ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ ନିଷ୍ପତ୍ତି ନେଇଛି। ତେବେ ବିଧାୟକ ରମେଶ ଜେନା ଏବଂ ବିଧାୟିକା ସୋଫିଆଙ୍କ ଜରୁରୀ କାର୍ଯ୍ୟ ଥିବାରୁ ସେମାନେ ଅନୁପସ୍ଥିତି ଥିଲେ। କିନ୍ତୁ ସେମାନଙ୍କର ଦତ୍ତେଶ୍ୱରଙ୍କ ପ୍ରତି ସମର୍ଥନ ରହିଥିବା ଦାସ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା କାଡାମ କହିଛନ୍ତି, ଆଜିର ବିଧାୟକ ଦଳ ବୈଠକରେ ଦତ୍ତେଶ୍ୱର ଯୋଗଦେଇ ସମର୍ଥନ ମାଗିଥିଲେ। ସେ ଜଣେ ସୁନାମଧନ୍ୟ ଚିକିତ୍ସକ ହୋଇଥିବାରୁ ପିସିସି ସଭାପତି ତାଙ୍କୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାବାଦ୍ ଏଆଇସିସିର ମଧ୍ୟ ସମ୍ମତି ରହିଛି। ତେଣୁ ଦତ୍ତେଶ୍ୱର କଂଗ୍ରେସର 'କମନ' ପ୍ରାର୍ଥୀ ହେବେ। ତାଙ୍କର ନାମାଙ୍କନ ପତ୍ର ଦାଖଲ ଦିନ ଏବଂ ନିର୍ବାଚନରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହିବାକୁ ଦଳ ପକ୍ଷରୁ କୁହାଯାଇଛି। ବିଧାୟକ ରମେଶ ଜେନା ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ପହଞ୍ଚି ପିସିସି ସଭାପତିଙ୍କୁ ଭେଟି ତାଙ୍କ ସମ୍ମତି ଜଣାଇବେ ବୋଲି କାଡ଼ାମ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ବୈଠକ ପରେ କମନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା କହିଛନ୍ତି, 'ସମସ୍ତ ସଦସ୍ୟଙ୍କୁ ଭେଟିବାର ସୁଯୋଗ ପାଇଲି। କଂଗ୍ରେସ ହାଇକମାଣ୍ଡ ଓ ଦଳ ପାଖରେ ମତେ ପକ୍ଷ ରଖିବାର ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବି। ମୋର ବିଶ୍ୱାସ ଅଛି, ନିବେଦନ କରୁଛି, ହେଲେ ନିଷ୍ପତ୍ତି ତାଙ୍କର। ପେସାରେ ଡାକ୍ତର, ସୁଯୋଗ ମିଳିଲେ ସେବା କରିବି।'

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଡ଼ା ଗାଈ ଧରଷ**
**ମା' ହୋଇଛି ନା ବାପ ହୋଇଛି**
**ଜାଣିବି ଦେହ ପରାସ ।**

ପିତାମାତା ବହୁ କଷ୍ଟ କରି ପିଲାଙ୍କ ଲାଳନପାଳନ କରିଥାନ୍ତି। ପିଲାଙ୍କୁ ଛୋଟରୁ ବଡ଼ କରାଇବାରେ ବହୁ କଷ୍ଟ ସହିଥାନ୍ତି। ତାଙ୍କ ଅଳିଅର୍ଦ୍ଦଳି ପୂରଣ କରାଇବାରେ ଦିନ ରାତି ଏକ କରି ଦେଇଥାନ୍ତି। ପିଲାଙ୍କୁ ସମ୍ଭାଳିବା ଏକ ଦାୟିତ୍ୱର କାର୍ଯ୍ୟ ହୋଇଥାଏ। ପରୋକ୍ଷରେ ଯିଏ ଦାୟିତ୍ୱ ମୁଣ୍ଡାଏ ସେ ହିଁ କେବଳ କଷ୍ଟ କ'ଣ ଜାଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦିଆ ଗୋସେଇଁ**
**ଚାଳ ସନ୍ଧିରୁ କଥା କାଢ଼ନ୍ତି ।**

କେତେଜଣ ଲୋକ ଦେବା ନାଁ କଥା ଶୁଣିଲେ ମୁହଁ ଫୁଲାଇଥାନ୍ତି। କ'ଣ କେମିତି କଲେ ଏଥିରୁ ବର୍ତ୍ତିଯାଇହେବ ସେନେଇ ପ୍ରସ୍ତୁତି ଚଳେଇଥାନ୍ତି। ଦେବାର ମନୋବୃତ୍ତି ରଖୁ ନ ଥିବା ଲୋକ କୌଣସି ଛଳର ଆଶ୍ରୟ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ପାପଗ୍ରହଯୁକ୍ତ ଚନ୍ଦ୍ର କୋଣଭାବରେ ରହିଥିବାରୁ ପାରିବାରିକ ସ୍ତରରେ ସାଧାରଣ ବ୍ୟତିକ୍ରମ ବେଶି କ୍ଷଣ ତିଷ୍ଠିରହିବ ନାହିଁ। କଥା ପ୍ରସଙ୍ଗରେ ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ଶ୍ରବଣ କରି ସାମୟିକ ବ୍ୟସ୍ତତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଗୃହ ଭୂମି ସମ୍ପର୍କିତ ଆଲୋଚନା ପ୍ରାୟତଃ ଅନୁକୂଳ ରହିବ।

**ବୃଷ** - କର୍ମଭାବର ଶୁଭତ୍ୱ ଆପଣଙ୍କୁ ନୂତନ ଦାୟିତ୍ୱ ପ୍ରଦାନ ପୂର୍ବକ ସମ୍ମାନଜନକ ସ୍ଥିତିରେ ଅବସ୍ଥାପିତ କରାଇବ। ସ୍ନାୟବିକ ଦୁର୍ବଳତା ଅନୁଭବ ସହ ସୁଯୋଗ ପାଇଲେ ମଧ୍ୟ ସଦୁପଯୋଗ କରିବା କଷ୍ଟକର ହୋଇପାରେ। ଦୂରଯାତ୍ରା, ଶିଳ୍ପ ଏବଂ ବାଣିଜ୍ୟ, ବ୍ୟବସାୟ ଓ ବିବାଦୀୟ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** - ବୁଧ କର୍ମାଧିପଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ ପାଇପାରିବେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଜମିଜମା କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟାକୁ ନେଇ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ** - କର୍ମାଧିପ ଉଚ୍ଚସ୍ଥ ହୋଇ ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କିମ୍ବା ବିଳାସବ୍ୟସନ ଦିଗକୁ ମନ ଢଳିପାରେ। ପରିବାର ସହ ଆଲୋଚନାକ୍ରମେ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟକଳ କରିବେ। ରାଜନୀତି, ସଂଗଠନ, ସଭାସମିତି ଏବଂ ବାଣିଜ୍ୟରେ ଉଚ୍ଚଫଳ ପ୍ରାପ୍ତି ହେବ।

**ସିଂହ** - ବ୍ୟୟାଧିପ ରାଶିସ୍ଥ ଯୋଗୁ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିପାରନ୍ତି। କାର୍ଯ୍ୟାରମ୍ଭ ସକାଶେ ପରିବାରର ସମର୍ଥନ ହାସଲ କରିବେ। ରାଶ୍ୟାଧିପ ଏକାଧିକ ଗ୍ରହଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟରେ ଉନ୍ନତି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆଶା ପୂରଣ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଜମିଜମା କାରବାର କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା** - କର୍ମସ୍ଥାନରେ ବୃହସ୍ପତି ରାଶ୍ୟାଧିପତିଙ୍କୁ ଅବଲୋକନ କରୁଥିବାରୁ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ତୀର୍ଥାଟନ ସକାଶେ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ସ୍ୱସ୍ଥାନହନ୍ତା ବୃହସ୍ପତି ଭ୍ରାତୃ ସମ୍ପର୍କ ହାନି, ପଡ଼ୋଶୀଙ୍କ ସହ କଳହ, ଏବଂ ଦୁଃସାହସିକ କାମରେ ପ୍ରବୃତ୍ତ କରାଇବ। ସମ୍ପର୍କୀୟଙ୍କ ନିକଟରୁ ଧୋକା ଖାଇପାରନ୍ତି।

**ତୁଳା** - ଧନ ସପ୍ତମାଧିପତି ମଙ୍ଗଳ କୋଣଭାବସ୍ଥ ଯୋଗୁ ଉନ୍ନତ ବ୍ୟବସାୟିକ ସ୍ଥିତି ଏବଂ ଜମିଜମା କାରବାରରେ ଉନ୍ନତ ଫଳ ପାଇବେ। ସଭାସମିତିରେ ଯୁକ୍ତିତର୍କ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସମର୍ଥନରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ବିଛା** - ବୃହସ୍ପତିଙ୍କ ଧନସ୍ଥାନ ପ୍ରତି ଦୃଷ୍ଟି ଆପଣଙ୍କ ଆଶା ଓ କାମନାକୁ ପୂରଣ କରିବାରେ ସାହାଯ୍ୟ କରିବ। କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଧାରି ନେଇ ସଫଳତା ପାଇପାରିବେ। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ସୂଚନା ରହିଛି।

**ଧନୁ** - ତୃତୀୟସ୍ଥ ଗ୍ରହ ପ୍ରଭାବରୁ ପଡ଼ୋଶୀଙ୍କ ସ୍ନେହ, ଆଦର ଏବଂ ସହକର୍ମୀଙ୍କ ସୌଜନ୍ୟତା ମନୋବଳ ବୃଦ୍ଧିରେ ସହାୟକ ହେବ। ଆଜି ବକେୟା ଅର୍ଥ, ମିଷ୍ଟାନ୍ନ ଭୋଜନ, ବସ୍ତ୍ର ଭୂଷଣାଦି ଲାଭ କରିବାର ସୌଭାଗ୍ୟ ଅର୍ଜନ କରିବେ। କୌଣସି ଆଗନ୍ତୁକଙ୍କ ସହ ତର୍କବିତର୍କ ଜନିତ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ।

**ମକର** - ଆଜିର ଗ୍ରହସ୍ଥିତି ଶୁଭଖବର ଏବଂ ଅଭିଳାଷ ପୂରଣର ସୂଚନା ଦେବ। ଉଚ୍ଚସ୍ଥ ମଙ୍ଗଳ ଆପଣଙ୍କୁ ମାଙ୍ଗଳିକ କାମ, ଆନୁଷ୍ଠାନିକ ସହଯୋଗ, କାର୍ଯ୍ୟସିଦ୍ଧି ହେତୁକ ଶୁଭଫଳ ପ୍ରଦାନ କରିବ। ଶନି କ୍ଷେତ୍ରସ୍ଥ ରବି ଯେକୌଣସି ପରିସ୍ଥିତିକୁ ସୁଧାରି ନେବାରେ ସମର୍ଥ ହେବେ। ବନ୍ଧୁଙ୍କ ଅନୁରୋଧକ୍ରମେ ଜନହିତକର କାର୍ଯ୍ୟରେ ଲିପ୍ତ ରହିବେ।

**କୁମ୍ଭ** - ରାଶିରେ ପଞ୍ଚଗ୍ରହଙ୍କ ସ୍ଥିତି କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ପଦାର୍ପଣ କରାଇପାରନ୍ତି। ସରକାରୀ ସହାୟତା, ଉପରିସ୍ଥଙ୍କ ଅନୁକମ୍ପା ସ୍ଥଗିତ କାମକୁ ଅଗ୍ରଗାମୀ କରାଇବ। ଅତୀତକୁ ଧରିବସିଲେ ସୁବିଧା, ସୁଯୋଗ ହରାଇବାକୁ ପଡ଼ିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାର ସୁଯୋଗ ମିଳିବ।

**ମୀନ** - ଭାଗ୍ୟାଧିପ ଦ୍ୱାଦଶସ୍ଥ ଯୋଗୁ ଆଜି ଆପଣ ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। ଆଇନ ବିଭାଗର ଗ୍ରହ ଶନି ରାଶିରେ ରହିଥିବାରୁ କଚେରି ମାମଲାରେ ବାଇଦା ପଡ଼ିପାରେ। ଆଜିର ଯାତ୍ରା ଲକ୍ଷ୍ୟ ପୂରଣ ପାଇଁ ଅନୁକୂଳ ସ୍ଥିତି ଉତ୍ପନ୍ନ କରିବ।

ଆଜି ମାର୍ଚ୍ଚ ୩ ତାରିଖ, ରାଷ୍ଟ୍ରୀୟ ପ୍ରତିରକ୍ଷା ଦିବସ, ବିଶ୍ୱ ବନ୍ୟପ୍ରାଣୀ ଦିବସ, ଦୋଳପୂର୍ଣ୍ଣିମା, ମଙ୍ଗଳବାର, ଦୋଳଯାତ୍ରା, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତରାସ, ବସନ୍ତ ଉତ୍ସବ, ଶ୍ରୀ ଚୈତନ୍ୟଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ଦିବା ଘ.୦୭।୩୧ମି. ଗତେ ପୂର୍ବାଫାଲଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୩ମି. ଗତେ ଘ.୧୦।୪୮ମି. ମଧ୍ୟେ, ଘ.୦୧।୦୮ମି. ଗତେ ଘ.୦୧।୨୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨/୫୩ମି. ଗତେ ଘ.୦୪।୨୧ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
52 Years





**ରଙ୍ଗ ଭରିଦେଲା ପରୀକ୍ଷା ଖୁସି:** ସୋମବାର ମାଟ୍ରିକ ପରୀକ୍ଷା ଶେଷ ଦିନ ଭୁବନେଶ୍ୱରସ୍ଥିତ ୟୁନିଟ୍-୧ କ୍ୟାପିଟାଲ ହାଇସ୍କୁଲ କେନ୍ଦ୍ର ବାହାରେ ପରୀକ୍ଷାର୍ଥୀମାନେ ପରସ୍ପରକୁ ରଙ୍ଗ ବୋଳି ହୋଲି ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)

# ବିଟେକ୍ ପାଠ ଛାଡ଼ି ସିମ୍ ବକ୍ସ କାରବାର

## ଭୁବନେଶ୍ୱରରୁ ୧୨ ସିମ୍ ବକ୍ସ ଜବତ, ୨କେରଳୀ ଯୁବକ ଗିରଫ

- **ଚାଇନାର ହାର୍ଡୱେର ହୋଇଥିବାବେଳେ ବାଂଲାଦେଶର ସଫ୍ଟୱେର**
- **ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ପରିବର୍ତ୍ତନ କରୁଥିଲେ**
- **ବଏଜ ହଷ୍ଟେଲରେ ଘର ଭଡ଼ା ନେଇ ରହି ଚଳାଇଥିଲେ ନେଟ୍‌ୱର୍କ**

**ଭୁବନେଶ୍ୱର,୨।୩ (ତ୍ରିନାଥ ମହାନ୍ତି)**

ରାଜଧାନୀର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ସୋମବାର ଏକ ସାଇବର ର୍‍ୟାକେଟ ଠାବ କରାଯାଇଛି। ବିଟେକ୍ ପାଠ ଅଧାରୁ ଛାଡ଼ି ସିମ୍ ବକ୍ସ କାରବାରରେ ସାମିଲ ଥିବା ୨କେରଳ ଯୁବକଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨ଟି ସିମ୍ ବକ୍ସ, ୩ ହଜାରରୁ ଊର୍ଦ୍ଧ୍ୱ ସିମ୍, ଲାପ୍‌ଟପ୍, ୱାଇଫାଇ ରାଉଟର, ମୋଡେମ ଏବଂ କନେକ୍ଟର ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଉମର ଏମ୍ ଏବଂ ସିଆଉଲ୍ ହକ୍। ପଟିଆ ସୁଜର ପ୍ଲାଜା ପଛରେ ଥିବା ଏକ ବଏଜେ ହଷ୍ଟେଲରେ ଗତ ୪ ମାସ ହେଲା ଉମର ଏବଂ ସିଆଉଲ୍ ରୁମ୍ ଭଡ଼ା ନେଇ ସିମ୍ ବକ୍ସ ର୍‍ୟାକେଟ ଚଳାଉଥିଲେ। ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ଟିମ୍, ଚନ୍ଦ୍ରଶେଖରପୁର ପୋଲିସ ଏବଂ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଚଢ଼ାଉ କରିଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଜବତ ସିମ୍ କାର୍ଡଗୁଡ଼ିକ ଆସାମ ଏବଂ ଆନ୍ଧ୍ରପ୍ରଦେଶରେ ରେଜିଷ୍ଟ୍ରେଶନ ରହିଛି। ସମସ୍ତ ସିମ୍‌କାର୍ଡକୁ ଉମର ଏବଂ ସିଆଉଲ୍ ବେଆଇନ ଭାବେ ଆଣିଥିବା ତଦନ୍ତରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଏହି ପୂରା ନେଟ୍‌ୱର୍କ ଚାଇନାରୁ ଅପରେଟ୍ ହେଉଥିଲା। ଚାଇନା ହାର୍ଡୱେର ଭାରତକୁ ପଠାଉଥିବାବେଳେ ବାଂଲାଦେଶ ସଫ୍ଟୱେରରେ ଚାଲୁଥିଲା। ଭିଓଏସ୍ ୩ହଜାର ଆପ୍ଲିକେଶନ ମାଧ୍ୟମରେ ସିମ୍ ବକ୍ସ ପୁରା ନେଟ୍‌ୱର୍କ କାମ କରୁଥିଲା। ଭିଓଏସ୍ ୩୦୦୦ ସଫ୍ଟୱେରକୁ ଲାପ୍‌ଟପ୍‌ରେ ଇନ୍‌ଷ୍ଟଲ କରିବା ପରେ ଏହି ସିମ୍‌ବକ୍ସକୁ କଣ୍ଟ୍ରୋଲ କରାଯାଉଥିଲା। ଏହି ସିମ୍ ବକ୍ସ ମାଧ୍ୟମରେ ଇଣ୍ଟରନ୍ୟାଶନାଲ କଲ୍‌କୁ ଲୋକାଲ କଲରେ ବାଇପାସ୍ କରାଯାଉଥିଲା। ଗୋଟିଏ ସିମ୍ ବକ୍ସରେ ୯୦ରୁ ଊର୍ଦ୍ଧ୍ୱ ସିମ୍ ପଡ଼ି ପାରୁଥିଲା। ଓଡ଼ିଶାରେ ରହି ବେଆଇନ ଭାବେ ଆମେରିକା, ୟୁରୋପଠୁ ଆରମ୍ଭ କରି ବିଭିନ୍ନ ଦେଶ ସହ ଯୋଗାଯୋଗ କରାଉଥିଲେ। ବେଆଇନ ଭାବେ ☞ପୃଷ୍ଠା-୧୩




ଜବତ ସିମ୍‌ବକ୍ସ, ସିମ୍ ସହ ଗିରଫ ୨ ଅଭିଯୁକ୍ତ ।

# ସରିଲା ମାଟ୍ରିକ୍ ପରୀକ୍ଷା, ୧୯ରୁ ଖାତାଦେଖା

## ମେ’ ୨ୟ ସପ୍ତାହ ସୁଦ୍ଧା ପରୀକ୍ଷାଫଳ

**କଟକ,୨।୩ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଏହି ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିଲା। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁସାରେ, ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ଆସନ୍ତା ୧୯ରୁ ଆରମ୍ଭ ହେବ। ଏଥିପାଇଁ ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତି କରିବାକୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଖାତାଦେଖା ଶେଷ ହେବା ପରେ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପ୍‌ଲୋଡ୍ କରାଯିବ। ଏତଦ୍ୱାରା ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ପହଞ୍ଚି ପାରିବ। ସେହିପରି ଏକ ସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇସାରିଛି। ଅନ୍ୟପକ୍ଷରେ ମେ’ ୨ୟ ସପ୍ତାହ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ନିମନ୍ତେ ଚେଷ୍ଟା କରାଯାଉଥିବା ବୋର୍ଡ ସଭାପତି ତରାଇ କହିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷାର୍ଥୀ ☞ପୃଷ୍ଠା-୧୩

# ଝାରସୁଗୁଡ଼ା ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ନିଆଁ



ବିମାନବନ୍ଦର ସମ୍ମୁଖ ଜଙ୍ଗଲରେ ଲାଗିଥିବା ନିଆଁ।

**ଝାରସୁଗୁଡ଼ା, ୨।୩ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ସମ୍ମୁଖ କୁଟି ଜଙ୍ଗଲ ଓ ବୁଦାରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଜଙ୍ଗଲରେ ଥିବା ଶୁଖିଲା ଗଛ ଜଳିଯାଇଛି। ଅଗ୍ନିଶମ କର୍ମଚାରୀମାନେ ୫ଟି ଦମକଳ ଗାଡ଼ି ସହାୟତାରେ ପ୍ରାୟ ୪ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ କେହି ଦୁର୍ବୃତ୍ତ ସିଗାରେଟ୍ ଟାଣି ଫିଙ୍ଗିଦେଇଥିବାରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ବିମାନବନ୍ଦର ନିକଟ ତଥା ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ଡିପୋଠାରୁ ଅଳ୍ପ ଦୂର କୁଟି ଜଙ୍ଗଲ ଓ ବୁଦାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ନିଆଁ ଲାଗିଯାଇଥିଲା। ଧୀରେ ଧୀରେ ଏହି ନିଆଁ ଚାରିଆଡ଼େ ବ୍ୟାପିବାରୁ ଭୟଙ୍କର ରୂପ ଧାରଣ କରିଥିଲା। ଖବରପାଇ ଝାରସୁଗୁଡ଼ା ଅଗ୍ନିଶମ କେନ୍ଦ୍ରର ୨ଟି, ବିମାନବନ୍ଦରର ଗୋଟିଏ ଏବଂ ବେଦାନ୍ତ କମ୍ପାନୀର ୨ଟି ଦମକଳ ଗାଡ଼ି ପହଞ୍ଚିଥିଲା। ଅଗ୍ନିଶମ କର୍ମଚାରୀମାନେ ପରିଶ୍ରମକରି ଅପରାହ୍ନ ପ୍ରାୟ ୩ଟାରେ ନିଆଁକୁ ☞ପୃଷ୍ଠା-୧୩

# ୩୮ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର,୨।୩ (ବନ୍ଦନା ସେଠୀ)**

ରାଜ୍ୟରେ ଦିନକୁ ଦିନ ଖରା ପ୍ରକୋପ ବଢ଼ିବାରେ ଲାଗିଛି। ମାର୍ଚ୍ଚରୁ ମେ’ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ କରିଥିବାବେଳେ ଏବେଠୁ ଏପରି ସ୍ଥିତି ଅନୁଭବ ହେଲାଣି। ମାର୍ଚ୍ଚ ଆରମ୍ଭରୁ ହିଁ ରାଜ୍ୟରେ ପାରଦ ୩୬ ଡିଗ୍ରୀ ଛୁଇଁଥିବାବେଳେ ଅଧିକାଂଶ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ରବିବାର ୧୨ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବାବେଳେ ସୋମବାର ୧୧ ସହରର ତାପମାତ୍ରା ୩୬ ଡିଗ୍ରୀ ଟପିଥିଲା। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ଝାରସୁଗୁଡାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ରେକର୍ଡ ହେବା ସହ ଏହା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏହା ପଛକୁ ଭୁବନେଶ୍ୱର ୩୭.୫ ଡିଗ୍ରୀ ସହିତ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ଉଭା ହୋଇଛି। ☞ପୃଷ୍ଠା-୧୩







## ଶେଷଦିନରେ ୧୧୧ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

ଧର୍ମଶାଳା, (ବଟକୃଷ୍ଣ ପରିଡା): ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ୯୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ସୋମବାର ଶେଷ ପରୀକ୍ଷା ଗଣିତରେ ୧୧୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରଛନ୍ତି। ଧର୍ମଶାଳା ବ୍ଲକର ୧୯ଟି ପରୀକ୍ଷା କେନ୍ଦ୍ରରେ ୩,୩୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନରେ ୩,୨୭୫ ପରୀକ୍ଷା ଦେଇଥିଲେ। ସୋମବାର ଶେଷ ପରୀକ୍ଷାରେ ୩,୨୫୪ ପରୀକ୍ଷା ଦେଇଛନ୍ତି। ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତ ସଂଖ୍ୟାକୁ ନେଇ ଭିନ୍ନଭିନ୍ନ କଥା ଶୁଣାଯାଉଛି। ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



### ସଂକ୍ଷେପରେ

## ବୃଦ୍ଧଙ୍କ ମୃତଦେହ ଜବତ

ଯାଜପୁର ଟାଉନ,୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଟାଉନ ଥାନା ମେଡିକାଲ ଛକ ହକି ଷ୍ଟାଡିୟମ ପାଚେରି କଡ଼ ଗଛରେ ଜଣେ ବୃଦ୍ଧଙ୍କର ଝୁଲନ୍ତା ଅବସ୍ଥାରେ ମୃତ ଦେହ ଜବତ କରାଯାଇଛି। ବୃଦ୍ଧ ଜଣକ ହେଲେ ଦଶରଥପୁର ଥାନା କାଟିଆ ଅଞ୍ଚଳର ଦୁର୍ଯ୍ୟୋଧନ ଜେନା(୬୦)। ସେ କ୍ୟାନସର ରୋଗରେ ପୀଡ଼ିତ ହୋଇ ରବିବାର ରାତିରେ ପରିବାର ଲୋକ ସହିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆସିଥିଲେ। ରୋଗ ଯନ୍ତ୍ରଣାକୁ ସହ୍ୟ କରି ନ ପାରି ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମେଡ଼ିକାଲରୁ ଖସି ପଳାଇ ଯାଇଥିଲେ। ସୋମବାର ସକାଳ ସମୟରେ ତାଙ୍କର ମୃତଦେହ ହକିଷ୍ଟାଡିୟମ ପାଚେରି କଡ଼ ଗଛରେ ଝୁଲୁଥିବାର ଦେଖିବାକୁ ମିଳିଛି। ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହିତ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିବାର ଲୋକଙ୍କ କହିବାନୁସାରେ ସେ କ୍ୟାନସରରେ ପୀଡ଼ିତ ହୋଇ କଷ୍ଟକୁ ସହ୍ୟ କରିପାରୁ ନ ଥିଲେ। ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଏପରି କରିଥାଇପାରନ୍ତି ବୋଲି କହିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୩୧ତମ ଜନ୍ମୋତ୍ସବ

ପାଣିକୋଇଲି,୨।୩ (ବିକାଶ ଚନ୍ଦ୍ର ମଲ୍ଲିକ):

କୋରେଇ ବ୍ଲକ କରଦା ପଞ୍ଚାୟତ ଭକଣ୍ଡାରୀ ଗ୍ରାମରେ ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଆବିର୍ଭାବ ମହୋତ୍ସବ ତଥା ଭକଣ୍ଡରୀ ସତସଙ୍ଗ କେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବେଦ, ମାଙ୍ଗଳି, ଉଷା କୀର୍ତ୍ତନ ପରେ ଭକ୍ତମାନେ ସମ୍ମିଳିତ ଭାବେ ନଗର କୀର୍ତ୍ତନ କରି ବଜାର ପରିକ୍ରମା କରିଥିଲେ। ପରେ ସନ୍ଧ୍ୟାରେ ସତସଙ୍ଗ ଯାଜପୁର ସତ୍‌ସଙ୍ଗ କେନ୍ଦ୍ରର ମୁଖ୍ୟ ରିତ୍ୱିକ ଅଚ୍ୟୁତାନନ୍ଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ କୁଆଖିଆ ସତସଙ୍ଗ କେନ୍ଦ୍ରର ରିତ୍ୱିକ କୃଷ୍ଣପ୍ରସାଦ କର ଯୋଗଦେଇ ଠାକୁରଙ୍କ ଜୀବନୀ ଉପରେ ଅଲୋକପାତ କରିଥିଲେ। ରିତିକ୍ ପୀତାମ୍ବର ପତି, ବଟକୃଷ୍ଣ ଦାସ, ଦୟାନିଧୀ ସାହୁ, ଭାସ୍କର ସାହୁ, ଦ୍ୟୁତିଦେବ ଦାସ ପ୍ରମୁଖ ଠାକୁରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉକ୍ତ ସତସଙ୍ଗ କାର୍ଯ୍ୟକ୍ରମରେ ଭକଣ୍ଡରୀ, ରାଣିଗୋଡା, କରଦା, ଷଠିପୁର, ବୈତରଣୀରୋଡ, ପାଣିକୋଇଲି, ପଥରପଦା ସମେତ ଜିଲା ତଥା ଜିଲା ବାହାରୁ ଗୁରୁଭାଇ ଓ ମା'ମାନେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉତ୍ସବ କମିଟିର ସଭାପତି ଘନଶ୍ୟାମ ସାହୁ, ଗଗନବିହାରୀ ସାହୁ, ଗଦାଧର ସାହୁ, ହରିହର ରାଉତ, ମୋହନ ଚରଣ ସାହୁ, ଦିବାକର ଦାସ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦିବ୍ୟ ଚେତନାର ପ୍ରତୀକ ବରୁଆଁ ଦୋଳ ମେଳଣ

ଯାଜପୁର ସଦର ୨।୩ ( ସମର ବିଜୟ ଶରଣ )


ମେଳଣରେ ସାମିଲ ହୋଇଥିବା ଠାକୁର।

ବର୍ଷକ ୧୨ ମାସ ତେର ପର୍ବ ଭିତରେ ଦୋଳ ପୂର୍ଣ୍ଣିମା ଅନ୍ୟତମ। ଯାଜପୁର ବ୍ଲକର ସର୍ବପୁରାତନ ବରୁଆଁ ମାହାଲ ଦୋଳ ମେଳଣ ସ୍ୱତନ୍ତ୍ର ଖ୍ୟାତି ରହିଛି। ଏହି ମେଳଣ ପାଖାପାଖି ୪ଶହ ବର୍ଷର ପୁରାତନ। ନିଆରା ପରମ୍ପରା ଯାହାକି ଜମିଦାରୀ ପ୍ରଥା ସମୟରୁ ଅଦ୍ୟାବଧି ଏହା ବଜାୟ ରହିଛି। ବଂଶାନୁକ୍ରମିକ ଉତ୍ତରାଧିକାରୀ ସୂତ୍ରରେ ଏହି ମେଳଣର ପରିଚାଳନା ପରିଷଦ ଗଠନ କରାଯାଇ ଶୃଙ୍ଖଳିତ ଭାବେ ଦୋଳ ପୂର୍ଣ୍ଣିମା ପୂର୍ବ ରାତିରେ ଆରମ୍ଭ ହୋଇ ପୂର୍ଣ୍ଣିମା ଅପରାହ୍ନରେ ଉଦ୍‌ଯାପିତ ହୁଏ। ଏହି ମେଳଣର ବିଶେଷତ୍ୱ ହେଉଛି କୌଣସି ଠାକୁରଙ୍କୁ ଆମନ୍ତ୍ରଣ କରାଯାଏ ନାହିଁ। କାରଣ ପୂର୍ବ ବର୍ଷ ଦୋଳ ପୂର୍ଣ୍ଣିମା ଦିନ ପ୍ରତ୍ୟେକ ଠାକୁରଙ୍କୁ ଗୋଟା ପାନ ଗୁଆ ଦିଆଯାଇ ବରଣ କରାଯାଇଥାଏ। ଠାକୁର ଦୋଳ ବିମାନରେ ବିଜେ କରି ପଡିଆ ମଧ୍ୟକୁ ଆସିବା ପରେ ମେଳଣ କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗୋଟା ପାନ, ଗୋଟା ଗୁଆ ଦିଆଯାଇ ସ୍ୱାଗତ କରାଯାଇ ଏକ ମାଲସା କୁଡୁଆରେ ଭୋଗ ଲାଗି କରାଯାଇ ବିଦାକି ସ୍ୱରୂପ ଏକ ଟଙ୍କା ୨୫ ପଇସା ସମ୍ମାନାର୍ଥେ ଦିଆଯିବାର ପରମ୍ପରା ରହିଛି।

ଏହି ମେଳଣର ଏକ ନିଆରା ପ୍ରଥା ଅନୁସାରେ ସମସ୍ତ ସେବାୟତ ନିଜର ଉତ୍ସର୍ଗୀକୃତ ସେବା ଯୋଗାଇ ଠାକୁରଙ୍କ ପୂଜାର୍ଥେ ମାଳି ଦ୍ୱାରା ପୁଷ୍ପମାଲ୍ୟ, କୁମ୍ଭାର ଭୋଗ କୁଡୁଆ ପ୍ରସ୍ତୁତ ଓ ସହାୟକ ଭାବେ ବାରିକ ସେବା ପ୍ରଚଳିତ ପ୍ରଥା ଅନୁଯାୟୀ ମାତ୍ର ଏକ ଟଙ୍କା ପ୍ରଦାନ କରାଯିବାର ପରମ୍ପରା ରହିଛି। ପରମ୍ପରା ଅନୁଯାୟୀ, ଏହି ମେଳଣର ଥାନପତି ବରୁଆଁର ଶ୍ରୀ ଶ୍ରୀଗୋପୀନାଥ ଜୀଉ ସନ୍ଧ୍ୟାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ମେଳଣ ପଡିଆରେ ଥିବା ଥାନପତି ମଣ୍ଡପରେ ବିଜେ ହୋଇଥାନ୍ତି। ପ୍ରତ୍ୟେକ ଠାକୁରଙ୍କ ଦୋଳ ବିମାନ ନିମନ୍ତେ ସ୍ୱତନ୍ତ୍ର ମଣ୍ଡପ ମାନ ପ୍ରସ୍ତୁତ ହୋଇଥାଏ। ଏହି ମେଳଣକୁ ଆଖପାଖ ପ୍ରାୟ ୩୬ ଟି ଗ୍ରାମର ଠାକୁର ଦୋଳବିମାନରେ ବିଜେ କରନ୍ତି। ଚାନ୍ଦି ରୁପା, ସୁନା ଗହଣା ଓ ବିଭିନ୍ନ ପ୍ରକାରର ପୁଷ୍ପରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ପରସ୍ପରକୁ ରଙ୍ଗ ଅବିର ବୋଳି ଥାନ୍ତି। ମେଳଣ କମିଟିର ସ୍ଥାୟୀ ସଭାପତି ଭାବେ ବାଲିଆର ଚୌଧୁରୀ ରାଜା ପାର୍ଥସାରଥୀ ସାମନ୍ତସିଂହାର ମହାପାତ୍ର, ଉପସଭାପତି ଭାବେ କମଳପୁର ଚୌଧୁରୀ ସତ୍ୟ ସୁନ୍ଦର ମହାପାତ୍ର ନିଜର ପୁରାତନ ପାରମ୍ପାରିକ ଭେଷ ପୋଷାକରେ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ମେଳଣ ଚାନ୍ଦିନୀରେ ଠାକୁର ବାଡ଼ିଆଙ୍କ ସହ ବସି ଏହା ପରିଚାଳନା କରିଥାନ୍ତି। ଏହି ମେଳଣ କମିଟିର ସଦସ୍ୟ ଭାବେ ପ୍ରତ୍ୟେକ ଠାକୁର ବାଡିଆ ଓ ଆଖପାଖ ଅଞ୍ଚଳର ମୁରବି, ବହୁ ବୁଦ୍ଧିଜୀବି ଉପସ୍ଥିତ ରହନ୍ତି। ମେଳଣ ପଡିଆରେ ଶତାଧିକ ବ୍ୟବସାୟୀ ନିଜର ପସରା ମେଲାଇଥାନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମାରୋହ

ଧର୍ମଶାଳା, ୨।୩ (ବଟକୃଷ୍ଣ ପରିଡା)

ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୮ତମ ବାର୍ଷିକ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଶାତରୁ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ଦାଶ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରୀୟ ଫେଡେନରଶନ ସଂଘର ସମ୍ପାଦକ ବୃହସ୍ପତି ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବ ପେନସନ ନୀତିରେ ପରିବର୍ତ୍ତନ ୨୦୦୩ ଡିସେମ୍ବର ପରଠାରୁ ପ୍ରଧାନମନ୍ତ୍ରୀ ପେନସନ ବ୍ୟବସ୍ଥାକୁ ବନ୍ଦ କରି ଜାତୀୟ ପେନସନ ବ୍ୟବସ୍ଥା ପ୍ରଚଳନ କରିବା ଦ୍ୱାରା ବହୁ କର୍ମଚାରୀ ଏବ୍ୟବସ୍ଥାରୁ ବାଦ ପଡ଼ିବାଥିବାରୁ ଏହାକୁ ନେଇ ସେ ସମାଲୋଚନା କରିଥିଲେ। ଅବସରପରେ ସ୍ୱାସ୍ଥ୍ୟଗତ ଭତ୍ତା ବୃଦ୍ଧି କରିବାକୁ ଦାବି କରିଥିଲେ। ରାଜ୍ୟ ସଂଘ ମହାସଚିବ ଗୋକୁଳାନନ୍ଦ ବେହେରା, କେନ୍ଦ୍ର ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ଓ ଜିଲା ସଂଘର ସଂଯୋଜକ ବିବେକାନନ୍ଦ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂଘର ମୁଖପତ୍ର 'ଅବସର ଜ୍ୟୋତି'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଡା.ନିହାର ରଞ୍ଜନ କର, ଶିକ୍ଷକ ଫକିର ଚରଣ ପ୍ରଧାନ, ଛାତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ସୂର୍ଯ୍ୟସେନ ଦାସମହାପାତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦ଜଣ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋକର୍ଣ୍ଣିକା ସଭାପତି ଡ. ରମାକାନ୍ତ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନାକର ସାହୁ, ପ୍ରସନ୍ନ କୁମାର ପାଣି, କୁଳମଣି ଦାସ, ସଭାପତି ଅଶୋକ କୁମାର ଦାସ, ଭାସ୍କର ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ, ଶିକ୍ଷାବିତ୍ ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବ୍ରଜ କିଶୋର ଦାଶ ବେଦପାଠ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ମିଶ୍ର, ଯୁଗଳ କିଶୋର ଦାସ, ହୃଷୀକେଶ ସାମଲ, ପୁରୁଷୋତ୍ତମ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅର୍ଜ୍ଜୁନ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ

ଯାଜପୁର ଟାଉନ,୨।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପଞ୍ଚାୟତର ଅଧିବାସୀ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଘଣ୍ଟିଆଳି ପିଇଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗ କରିଥିଲେ। ଗତ ୨୧ ତାରିଖ ପିଇଓଙ୍କ ସ୍ୱାମୀଙ୍କ ଦ୍ୱାରା ଭତ୍ତା ବଣ୍ଟନ ଓ ଗ୍ରାମବାସୀଙ୍କୁ ଆକ୍ରମଣ ଘଟଣାକୁ ନେଇ ବିଞ୍ଝାରପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ସେହିଦିନ ଏବିଡିଓ ମଧ୍ୟ ଆସି ତଦନ୍ତ କରିଥିଲେ। କିନ୍ତୁ ଘଟଣା ଘଟିବାର ୮ ଦିନ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ତେଣୁ ଗ୍ରାମବାସୀ ସମ୍ପୃକ୍ତ ପିଇଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଘଣ୍ଟିଆଳି ପଞ୍ଚାୟତର ବହୁ ଅଧିବାସୀ ଉପସ୍ଥିତ ଥିଲେ।

## ମୁକ୍ତାକାଶ ନାଟକ 'ହେ ମଣିଷ କାନ୍ଦିବ ଆସ' ମଞ୍ଚସ୍ଥ

ପାଣିକୋଇଲି, ୨।୩ ( ବିକାଶ ଚନ୍ଦ୍ର ମଲ୍ଲିକ) :

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମର ସଙ୍କଟମୋଚନ ମହାରାଜଙ୍କ ବାର୍ଷିକ ଉତ୍ସବ ନିମନ୍ତେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁକ୍ତାକଶ ମଞ୍ଚ ଉଦ୍‌ଯାପନୀ ଉତ୍ସବରେ 'ହେ ମଣିଷ କାନ୍ଦିବ ଆସ' ମଞ୍ଚସ୍ଥ ହୋଇଛି। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ମହେନ୍ଦ୍ର ଭାରତୀ, ସଙ୍ଗୀତ ନିର୍ଦ୍ଦେଶକ ଉମେଶ କୁମାର ଓ ନୃତ୍ୟ ନିର୍ଦ୍ଦେଶକ ରମେଶ ସାହୁଙ୍କ ଦ୍ୱାରା ଆୟୋଜିତ ନାଟକ ଦର୍ଶକଙ୍କୁ ବାନ୍ଧି ରଖିବାରେ ସହାୟକ ହୋଇଥିଲା। ଏହି ଅବସରରେ ମଞ୍ଚ କଳାକାରମାନଙ୍କୁ ନେଇ ନରୁ ଓଝାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ସୁବାସ ଧଳ, ଗଦାଧର ସାହୁ, ଶଶିଭୂଷଣ ସେନାପତି, ଦୀପକ ମାଝୀ ପ୍ରମୁଖ ପୂର୍ବରୁ ଆୟୋଜିତ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ଦେଇଥିବା କୃତୀ ପ୍ରତିଯୋଗୀ ଶିଳ୍ପୀମାନଙ୍କୁ ମଞ୍ଚରେ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ହରେକୃଷ୍ଣ, ପଦ୍ମନାଭ, ପ୍ରମୋଦ, ସୁରଜିତ, ପ୍ରଶାନ୍ତ, ଉମେଶ, ସତ୍ୟଜିତ, ସମୀର, ଅର୍ଜ୍ଜୁନଙ୍କ ସମେତ ସମସ୍ତ ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ସମାଜର ସର୍ବଶ୍ରେଷ୍ଠ ସମ୍ପତ୍ତି


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବିଞ୍ଝାରପୁର/ସିଂହପୁର,୨।୩ (ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ):

ବରିଷ୍ଠ ନାଗରିକମାନେ ଆଦୌ ଦୟାର ପାତ୍ର ନୁହନ୍ତି, ବରଂ ଦେଶ ଜାତି ଓ ସମାଜର ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବରେ ଯୋଗନେଇ ବକ୍ତାମାନେ ମତପ୍ରକାଶ କରିଥିଲେ। ସିଂହପୁରଠାରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ଇଞ୍ଜିନିୟର ପଦ୍ମନାଭ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା, ଅନ୍ୟତମ ଅତିଥି ରୂପେ ସାମାଜିକ କର୍ମୀ ଅପର୍ଣା ଧୀର ନରେନ୍ଦ୍ର ସିଂ, ଅନ୍ୟତମ ବକ୍ତା ଭାବେ ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁ ଯୋଗଦେଇ ବରିଷ୍ଠ ନାଗରିକମାନେ ଆଦୌ ଦୟାର ପାତ୍ର ନୁହନ୍ତି ବରଂ ଦେଶ, ଜାତି ଓ ସମାଜର ସର୍ବଶ୍ରେଷ୍ଠ ସମ୍ପତ୍ତି ଅଟନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କର ଧେୟ ହେଉ ବୋଲି ଗୁରୁ ମତବ୍ୟକ୍ତ କରିଥଲେ। ଏହି ଉତ୍ସବର ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ୧୮ ଜଣ ଅସହାୟ ଦୃଷ୍ଟି ବାଧିତଙ୍କୁ ଆର୍ଥିକ ସହୟତା ପ୍ରଦାନ କରାଯାଇଥିଲାବେଳେ ୩୦ ଜଣ ପ୍ରତିଭାବାନ ଶିକ୍ଷାବିତ, ମାତୃଶକ୍ତି, ରାଜନେତା, ଛାତ୍ରୀଛାତ୍ର, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସାମାଜିକ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ରବୀନ୍ଦ୍ର କୁମାର ଦାଶ, ଚନ୍ଦ୍ର ଶେଖର ନାୟକ, ପ୍ରାଧ୍ୟାପକ ଅଜୟ କୁମାର ଓଝା, ସନ୍ତୋଷ କୁମାର ବେଉରିଆ, ଅମ୍ବିକା ପ୍ରସାଦ ସାମଲ, ଜିତେନ୍ଦ୍ର କୁମାର ବେହେରା, ମେଘନାଦ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷାବିତ୍ ପ୍ରଦୀପ କୁମାର ଜେନା ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାଶ ମନ୍ତ୍ର ପାଠ କରିଥିବା ବେଳେ ଶେଷରେ ଶିକ୍ଷାବିତ୍ ଭରତ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଓସିଏନ୍ ୱାନ୍ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୃତୀ ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବଡଚଣା,୨।୩(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ସନ୍ନିକଟ ହରିଦାସପୁରସ୍ଥିତ ବୁଦ୍ଧନଗରଠାରେ ଥିବା ଓସିଏନ ୱାନ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଡ଼ଚଣାସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ଭାରପ୍ରାପ୍ତ ଅଧିକାରିଣୀ ବ୍ରହ୍ମ କୁମାରୀ ମାନସୀ ଭଉଣୀ ଯୋଗଦେଇଥିଲେ। ସେମାନେ ଆଧ୍ୟାତ୍ମିକତାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ଛାତ୍ରୀଛାତ୍ରମାନଙ୍କ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଲିଚନ୍ଦ୍ରପୁରସ୍ଥିତ ସାହସପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କୁଳମଣି ଦାସ, ଗୋ ରକ୍ଷକ ଧରଣୀଧର ମହାନ୍ତି, ସାହିତ୍ୟିକ ସୁବକ୍ତା ପଞ୍ଚାନନ ତ୍ରିପାଠୀ ଏବଂ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ବିଜୟ କେତନ ସାମଲ, ଆରୁହା ଗ୍ରାମର ମୁରବି ଶେଷଦେବ ବାରିକ ପ୍ରମୁଖଙ୍କୁ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ସସ୍ମିତା ଗାହାଣ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ଓସିଏନ ୱାନ ସମ୍ମାନ ୨୦୨୬ର ମାନପତ୍ର ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଅନିଲ କୁମାର ଦାସ ଅତିଥି ପରିଚୟ, ବିଦ୍ୟାଳୟର ଅଧ୍ୟକ୍ଷ ସାଲିମା ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ, ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କ ସହଯୋଗରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ସାହିତ୍ୟ ହୃଦୟର କଥା କହିଲେ କାଳଜୟୀ ହୁଏ

ଧର୍ମଶାଳା, ୨।୩ (ବଟକୃଷ୍ଣ ପରିଡା)

### ସାହିତ୍ୟ ଦର୍ପଣ ପତ୍ରିକାର ୨୪ତମ ବାର୍ଷିକ ସାରସ୍ୱତ ଉତ୍ସବ

ସାହିତ୍ୟ ହୃଦୟର କଥା କହିଲେ କାଳଜୟୀ ହୁଏ। ଯେଉଁ ସାହିତ୍ୟ ମାଟି ଆଉ ମଣିଷର ଜୟଗାନ କରେ ସେ ସାହିତ୍ୟ ସର୍ବକାଳୀନ ସାହିତ୍ୟ ହୁଏ ବୋଲି ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସୋମବାର ଧର୍ମଶାଳା ଷ୍ଟାଡିୟମ ପରିସରରେ ସମ୍ଭ୍ରାନ୍ତ ସାହିତ୍ୟ ଦର୍ପଣ ପତ୍ରିକାର ୨୪ତମ ବାର୍ଷିକ ସାରସ୍ୱତ ଉତ୍ସବ ତ୍ରିଲୋଚନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କବି ଅଭୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜୀବନର ପୂର୍ଣ୍ଣତା ହିଁ ସାହିତ୍ୟ ପାଇଁ ଖୋରାକ ଯୋଗାଏ ବୋଲି ନାୟକ କହିଥିଲେ। ଆଜିର ଆର୍ଟି ଫିସିଆଲ୍ ଟେକନୋଲୋଜି ସାହିତ୍ୟ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ତାକୁ ପ୍ରତିହତ କରି ପତ୍ରିକା ଦ୍ୱାରା ଲେଖକଟିଏ ସମୃଦ୍ଧ ହେବ ନିଶ୍ଚୟ। ଏହି ଉତ୍ସବରେ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ, ସାମାଜିକ କର୍ମୀ ମିନତି ସାହୁ ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥି ସାହିତ୍ୟ ଦର୍ପଣ ପତ୍ରିକା ଉନ୍ମୋଚନ କରିଥିଲେ। ସାମଗ୍ରୀକ ସାହିତ୍ୟ କୃତୀ ପାଇଁ କବି ଡ. ସଂଘମିତ୍ରା ରାଏଗୁରୁଙ୍କୁ ସମ୍ମାନଜନକ ସାହିତ୍ୟ ଦର୍ପଣ ପୁରସ୍କାର ସ୍ୱରୂପ ନଗଦ ୫ ହଜାର, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କବି ରାଜୀବ ପାଣି, ଗାଳ୍ପିକା ସ୍ମୃତି ପଟ୍ଟନାୟକ, କବି ବୃନ୍ଦାବନ ଦାସ, ପ୍ରାବନ୍ଧିକ ଗିରିଜା ଶଙ୍କର ସେଠୀ, ଅବିନାଶ ଷଡଙ୍ଗୀଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ, କବି ପଲ୍ଲବୀ ନାୟକଙ୍କୁ ଯୁବ ପ୍ରତିଭା ସମ୍ମାନ, ବ୍ରହ୍ମାନନ୍ଦ ସାହୁଙ୍କୁ ସଫଳ ଉଦ୍ୟୋଗୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ବିମଳ ପତି ସ୍ୱାଗତ ଅଭିଭାଷଣ ଓ ବିବରଣୀ ପ୍ରଦାନ କରିଥିଲେ। କବି ପିନାକୀ ମିଶ୍ର ଧନ୍ୟବାଦ ଦେଇଥିଲେ। କବି ସୁଚେତା ନନ୍ଦ, ମମତାମୟୀ ଦାଶ ମାନପତ୍ର ପାଠ କରିଥିଲେ। ପୂର୍ବାହ୍ନରେ କବିତା ଓ ବଂଶୀ ଗୀତର ଯୁଗଳବନ୍ଦି କାର୍ଯ୍ୟକ୍ରମରେ କବି ସୁଚେତା ମିଶ୍ର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଗାଳ୍ପିକ ପ୍ରକାଶ ମହାପାତ୍ର ବଂଶୀ ବାଦନ କରିଥିବାବେଳେ ସଂଳାପ ଲେଖକ ବିଜୟ ମଲ୍ଲଙ୍କ ସଂଯୋଜନାରେ ଡ. ଦିଲୀପ ସ୍ୱାଇଁ, ଛବିରାଣି ପତି, ଖଗେଶ୍ୱର ମହାନ୍ତି, ଶ୍ରୀହରି ଧଳ, ରାଜକିଶୋର ପାଢ଼ୀ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ମିରୀନା ମହାନ୍ତି, ନଳିନୀ ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ କବି ଶୁଭଶ୍ରୀ ପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମୋଦ ରାଉତ, ସୁଶାନ୍ତ କୁମାର ସାହୁ, ସେକ ଆଲ୍ଲାଉଦିନ, ସୁଶାନ୍ତ ନାୟକ ରାଜ ତିଳକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ବ୍ଲକ୍, ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

### ଜିଲାସ୍ତରୀୟ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ

ଯାଜପୁର ସଦର,୨।୩(ସମର ବିଜୟ ଶରଣ)

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଅମ୍ବର କୁମାର କର ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍‌ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥିପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଛି। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗଣ ଓ ପରିମଳ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟଗୁଡ଼ିକରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ଓ ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ରରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓଆରଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପ୍ରାଣୀମାନଙ୍କ ପାଇଁ ଗାଁର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନରେ ପାଣି କୁଣ୍ଡର ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲାପାଳ ନିଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାର ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲା ଜରୁରୀକାଳିନ ଅଧିକାରୀ ଅଶୋକ କୁମାର ବେହେରା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।


ବୈଠକରେ ଜିଲାପାଳ ଅମ୍ବର କୁମାର କର ଓ ପ୍ରଶାସନିକ ଅଧିକାରୀ।

# ୧୧ ମାସ ପରେ ଦିଆଗଲା ହିସାବ, ସମୀକ୍ଷା ପୂର୍ବରୁ ଚାପି ଦେଲେ

## ୨୦୨୫ ଜିଲ୍ଲା ମହୋତ୍ସବ ଆୟ, ବ୍ୟୟକୁ ନେଇ ଚର୍ଚ୍ଚା

- ଓଲିଉଡ୍, ବଲିଉଡ୍ ନାଇଟ୍ ପାଇଁ ୪୫.୫୦ ଲକ୍ଷ, ଡେକୋରେଟର ୨୮.୬୧ ଲକ୍ଷ, ସାଂସ୍କୃତିକ ଦଳ ଓ ଆଙ୍କରଙ୍କୁ ୯.୩୮ ଲକ୍ଷ
- ଖର୍ଚ୍ଚ ୧.୨୪ କୋଟି, ବାକି ୩୧.୪୨ ଲକ୍ଷ ଟଙ୍କା

ଜଗତ୍‌ସିଂହପୁର, ୨।୩ (ପ୍ରମୋଦ କୁମାର ନାୟକ)

ପ୍ରତିବର୍ଷ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମହୋତ୍ସବ କଲ୍ଲୋଳ ହୋଇଆସୁଛି। କିନ୍ତୁ ଏହାର ହିସାବ ସାର୍ବଜନୀନ କରାଯାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଥିବା ବେଳେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଗତବର୍ଷ କଲ୍ଲୋଳର ହିସାବ ମାଗିଥିଲେ। ସେ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲଙ୍କୁ ଏଥିମଧ୍ୟରେ ଦୁଇ ଥର ପତ୍ର ଲେଖି ଆୟ, ବ୍ୟୟ ହିସାବ ଦେବାକୁ ଚିଠି କରିଥିଲେ। କିନ୍ତୁ ଜିଲ୍ଲାପାଳ ଗୁରୁତ୍ୱ ଦେଇ ନ ଥିଲେ। ଅନ୍ୟପଟେ ଜିଲ୍ଲାପାଳ ଚଳିତବର୍ଷ କଲ୍ଲୋଳ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଡାକିଥିଲେ। ଏହି ବୈଠକର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ଗତବର୍ଷ କଲ୍ଲୋଳର ହିସାବ ପଢିଥିଲେ। ତାପରେ ଚଳିତବର୍ଷ କଲ୍ଲୋଳ କିପରି କରାଯିବ ତା ଉପରେ ପରାମର୍ଶ ନିଆଯାଇଥିଲା। ହେଲେ ଗତବର୍ଷ କଲ୍ଲୋଳ ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠିବାରୁ ନିଆରା ପରିବେଶ ସୃଷ୍ଟି ହୋଇଥିଲା। କଲ୍ଲୋଳ ୫ ଦିନରେ ସ୍ଥାନୀୟ, ବାହାର ଜିଲ୍ଲା, ରାଜ୍ୟ ସାଂସ୍କୃତିକ ଗ୍ରୁପଗୁଡିକ ଓ ଆଙ୍କରମାନଙ୍କ ବାବଦରେ ୯,୩୮,୦୦୦ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯିବା ପ୍ରସଙ୍ଗକୁ ଅନେକ ସହଜରେ ଗ୍ରହଣ କରିପାରି ନ ଥିଲେ। ଏ ସମ୍ପର୍କରେ ଜଣେ କହିଥିଲେ ଆପଣ ଯେଉଁ ହିସାବ ପଢୁଛନ୍ତି ତାର କପି ପ୍ରାରମ୍ଭରୁ ଦେବାର ଥିଲା। ତଥାପି ୫ ଦିନରେ ଏତେ ଟଙ୍କା ଖର୍ଚ୍ଚ ହେବା ଠିକ ଲାଗୁନାହିଁ। ଏହାପରେ ଜିଲ୍ଲାପାଳ ପ୍ରତିକ୍ରିୟାଶୀଳ ହୋଇ କହିଥିଲେ ହିସାବ କପି ପରେ ଦିଆଯିବ। ଏବେ ଚଳିତବର୍ଷର କଲ୍ଲୋଳ ବାବଦରେ ଆଲୋଚନା ହେବ। ଏନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ବୈଠକରେ ଯଦି କାହାର କିଛି କହିବାର ଅଧିକାର ନାହିଁ ତେବେ କାହିଁକି ଡାକୁଛନ୍ତି ବୋଲି ପ୍ରତିକ୍ରିୟା ପ୍ରକାଶ ପାଇବାରୁ ଯାହାର ଇଚ୍ଛା ଅଛି ରୁହନ୍ତୁ ବୋଲି କହି ଜିଲ୍ଲାପାଳ ଆଲୋଚନାକୁ ଭିନ୍ନମୋଡ ଦେଇଥିଲେ। ଏହାପରେ ଚଳିତ ବର୍ଷ କଲ୍ଲୋଳ ବିଷୟରେ ଆଲୋଚନା ଆଗେଇଥିଲା।

୨୦୨୫ କଲ୍ଲୋଳ ହିସାବ ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଅତିଥି କରିବାକୁ ନିମନ୍ତ୍ରଣ ପାଇଁ ଜଇପୁରସ୍ଥିତ ବୟନ ଗ୍ରାମରୁ ୪ଟି ଉତ୍ତରୀୟ କିଣିବା ପାଇଁ ୬,୪୦୦ ଟଙ୍କା, ପଟ୍ଟଚିତ୍ର କିଣା ବାବଦରେ ୧୧,୦୦୦ ଟଙ୍କା ଦିଆଯାଇଛି। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଟି ଡୋକ୍ରା ମେମେଣ୍ଟୋ କିଣିବା ବାବଦରେ ୧୦,୮୬୬ ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ଅତିଥି, ବାହାର ସାଂସ୍କୃତିକ କାର୍ଯ୍ୟକ୍ରମ ବାବଦରେ ୫୬ଟି ଉତ୍ତରୀୟ କିଣା ପାଇଁ ୪୭,୭୬୦ ଟଙ୍କା ଖର୍ଚ୍ଚ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ବାବଦ, ଆଙ୍କର, ସ୍ୱେଚ୍ଛାସେବୀ ଓ ସେଲିବ୍ରିଟିମାନଙ୍କ ପାଇଁ ୭୬ଟି ମେମେଣ୍ଟୋ ବାବଦରେ ୩୮,୦୦୦ ଟଙ୍କା ଦିଆଯାଇଛି। ଅତିଥି ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସମ୍ମାନିତ ପାଇଁ ୫୩ଟି ବ୍ରାସ ମେମେଣ୍ଟୋ କିଣିବା ବାବଦରେ ୨,୪୩,୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ଅତିଥିମାନଙ୍କ ପାଇଁ ୮୬ଟି ଫୁଲ କୁଣ୍ଡ କିଣିବା ବାବଦରେ ୭,୦୪୦ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ଜିଲ୍ଲାର ସ୍ୱତନ୍ତ୍ର ଡକୁମେଣ୍ଟାରୀ ପ୍ରସ୍ତୁତ, ଛୋଟ ଭିଡିଓ, ଫଟୋ, ଭିଡିଓ ଓ ଡ୍ରୋନ କଭରେଜ ପାଇଁ ୪,୫୬,୦୦୦ ଟଙ୍କା ଦିଆଯାଇଛି। ସୋଭେନିର ଆଦିପତ୍ର ଛପା ବାବଦରେ ୧,୫୦,୨୭୬, ବ୍ୟବହୃତ ବେସରକାରୀ ଗାଡିଗୁଡିକରେ ତେଲ ପକାଇବା ପାଇଁ ୩୩,୦୫୭ ଟଙ୍କା ପ୍ରଦାନ କରାଯାଇଛି। ସ୍ଥାନୀୟ ସେଣ୍ଟ୍ରାଲ ମାର୍କେଟସ୍ଥିତ ରୟାଲ ରେସିଡେନ୍ସିକୁ ମୁଖ୍ୟମନ୍ତ୍ରୀଙ୍କ ପିଏସ୍‌ଓଙ୍କ ରହଣି ବାବଦରେ ୧୧,୧୭୭, ହୋଟେଲ ନିର୍ମଳା ରେସିଡେନ୍ସିରେ ଓଲିଉଡ୍ ଗାୟକ ଓ ସେଲିବ୍ରିଟିମାନଙ୍କ ରହଣି ପାଇଁ ଉକ୍ତ ହୋଟେଲକୁ ୧୧,୪୯୧ ଟଙ୍କା ଦିଆଯାଇଛି। ସ୍ଥାନୀୟ ଏବଂ ବାହାର ସାଂସ୍କୃତିକ ଦଳ, କାର୍ଯ୍ୟରତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ପୋଲିସ, ଅଗ୍ନିଶମ ବାହିନୀ, ପୌର କର୍ମଚାରୀ ଓ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଟିଫିନ ବାବଦରେ ୧,୨୯,୭୦୦ ଟଙ୍କା ଦିଆଯାଇଛି। ସର୍କିଟ ହାଉସରେ ଭିଆଇପିଙ୍କ ଆତିଥ୍ୟ ବାବଦରେ ୩୬,୧୮୫, ଓଡ଼ିଶୀ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୩୫,୦୦୦ ଟଙ୍କା ଦିଆଯାଇଛି। ଷ୍ଟେଜ, ସାଉଣ୍ଡ, ଆଲୋକ, ଡିଜି ସେଟ୍, ତେୟାର ଏବଂ ଅନ୍ୟାନ୍ୟ ବାବଦରେ ଡେକୋରେଟରଙ୍କୁ ୨୮,୬୧,୯୦୦ ଟଙ୍କା ଦିଆଯିବା ସ୍ଥିର ହୋଇଥିବାବେଳେ ଏ ପର୍ଯ୍ୟନ୍ତ ୧୫ ଲକ୍ଷ ଟଙ୍କା ଦିଆଯାଇଛି। ମଞ୍ଜେଶ୍ୱର ଅର୍ମାନ ଇଭେଣ୍ଟସ୍‌କୁ ଓଲିଉଡ୍ ଏବଂ ବଲିଉଡ୍ ନାଇଟ୍ ଆୟୋଜନ ପାଇଁ ସର୍ବାଧିକ ୫୯,୧୦,୦୦୦ ଟଙ୍କା ଦିଆଯିବା ସ୍ଥିର ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ୪୫,୫୦,୦୦୦ ଟଙ୍କା ଦିଆଯାଇଛି। ବାହାର ସାଂସ୍କୃତିକ ଗ୍ରୁପ୍‌ଙ୍କ ଯାତାୟାତ ପାଇଁ ବେସରକାରୀ ଗାଡି ଭଡା ବାବଦରେ ୬୧,୬୨୫, ପାରାଦୀପ ଏମ୍ପାୟାର୍ସକୁ ସ୍ୱତନ୍ତ୍ର ସ୍ନାକ୍ସ ପ୍ୟାକେଟ୍ ଓ ଭିଭିଆଇପି, ଭିଆଇପି ଆଦିଙ୍କ ପାଇଁ ବୁଫେଟ୍ ଡିନର ବାବଦରେ ୬,୯୮,୪୬୦ ଟଙ୍କା ମଧ୍ୟରୁ ୪ ଲକ୍ଷ ଦିଆଯାଇଛି। ବିଭିନ୍ନ ଖବରକାଗଜ ଏଜେନ୍ସିକୁ ବିଜ୍ଞାପନ ବାବଦରେ ୯୩,୯୮୮, ବାହାର ସାଂସ୍କୃତିକ ଦଳଗୁଡ଼ିକୁ ଖାଦ୍ୟ (ପ୍ରାତଃ, ମଧ୍ୟାହ୍ନ ଓ ରାତ୍ର ଭୋଜନ) ବାବଦରେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଦିଆଯାଇଛି। ନିମନ୍ତ୍ରଣ ପତ୍ର, ହୋର୍ଡିଂ, ବ୍ୟାନର, ଆଇଡି କାର୍ଡ, ଲିଫଲେଟ୍, ସାଂସ୍କୃତିକ ଦଳ ସାର୍ଟିଫିକେଟ୍, ମାନପତ୍ର ଆଦି ଛପା ବାବଦରେ ୧,୨୧,୭୫୦ ଟଙ୍କା ଖର୍ଚ୍ଚ ଦର୍ଶାଯାଇଥିଲେ ସୁଦ୍ଧା ଏହା ଦିଆଯାଇନାହିଁ। ଟିପିସିଓଡିଏଲ୍‌କୁ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ପାଇଁ ୫୮,୨୬୨, ଆଦିପତ୍ର ପାଇଁ ବିଭିନ୍ନ ଦିନ ଗାଡି ଭଡା ବାବଦରେ ୧୦,୦୦୦ ଟଙ୍କା ଖର୍ଚ୍ଚ ହୋଇଛି। ଜରୁରୀ ଖର୍ଚ୍ଚ, ପ୍ରସ୍ତୁତି ବୈଠକରୁ ବିଭିନ୍ନ ସବ କମିଟି ବୈଠକ, ଅତିଥି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ କଲମ, ଫୋଲ୍ଡର, ରାଇଟିଂ ପ୍ୟାଡ୍, ଅଫିସ ଷ୍ଟେଶନାରୀ ଓ ଅନ୍ୟାନ୍ୟ ବାବଦରେ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ମୋଟ ଉପରେ ୪୯,୨୯,୯୯୧ ସଂଗ୍ରହ ହୋଇଥିବାବେଳେ ୧,୨୩,୮୧,୪୩୭ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୩୧,୪୨,୧୧୦ ଟଙ୍କା ବାକି ରହିଛି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର: ୫୩ ଅଭିଯୋଗ ପଞ୍ଜୀକୃତ



ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ରଘୁନାଥପୁର, ୨।୩(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହ ଶିବିରରେ ମୋଟ ୫୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୭, ଗୋଷ୍ଠୀଗତ ଅବା ଗ୍ରାମ୍ୟ ସମସ୍ୟା ୬ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମ୍ବନ୍ଧୀୟ ୮, ଆବାସ ଯୋଜନା ସମ୍ପର୍କିତ ୧୦, ଜମିଜମା ସମସ୍ୟା ସମ୍ପର୍କିତ ୫, ପୋଲିସ ସହାୟତା ପାଇବା ପାଇଁ ୨ ଟି, ଭତ୍ତା ପାଇଁ ୫ ଟି ଏବଂ ଅନ୍ୟାନ୍ୟ ୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ବିରଞ୍ଚି ନାରାୟଣ ବେହେରା ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାତୃଭାଷା ପ୍ରତି ମମତା ଜାଗିଲେ ଭାଷା ବଞ୍ଚିବ

## ଆମ ଗାଁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ସାହିତ୍ୟ ସଂସଦ ସଦସ୍ୟମାନେ।

ରଘୁନାଥପୁର,୨।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ବାଲଂଗସ୍ଥିତ ପ୍ରଜ୍ଞାପୀଠ ଆଶ୍ରମ ପରିସରରେ 'ଆମ ଗାଁ ସାହିତ୍ୟ ସଂସଦ'ର ଷୋଡ଼ଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଭାତ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଆସରରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ମାତୃଭାଷା ପ୍ରତି ମମତା ଜାଗିଲେ ଭାଷା ବଞ୍ଚିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତାଭାବେ ସ୍ତମ୍ଭକାର ଅଭିରାମ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବର୍ଷୀୟାନ ଗାଳ୍ପିକ ରବି ସ୍ୱାଇଁ, ବିଶିଷ୍ଟ ଭାଷାବିତ୍ ଡ. ବାବାଜୀ ଚରଣ ପଟ୍ଟନାୟକ, ନାଇଜରର ପୂର୍ବତନ କୁଳସଚିବ ଅଭୟ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ପରିବାର ପୁସ୍ତକ ପଠନ ଉପରେ ନିଜର ରୁଚି ରଖନ୍ତୁ ବୋଲି ମତବ୍ୟକ୍ତ କରିଥିଲେ।

ଆସରରେ ସଂସଦର ସମ୍ପାଦକ ଅଲେଖ ଚନ୍ଦ୍ର ବେହେରା ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ବର୍ଷୀୟାନ ପାଲାଗାୟକ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କୁ ଆମ ଗାଁ ପୁଅ ସମ୍ମାନ ଓ ସଂସାର ପତ୍ରିକାର ସମ୍ପାଦିକା ଅନସୂୟା ନନ୍ଦଙ୍କୁ ଆମ ଗାଁ ଝିଅ ସମ୍ମାନ ଓ ମୁଖ୍ୟ ଅତିଥି ପଟ୍ଟନାୟକଙ୍କୁ ଅସ୍ମିତା ପୁରୁଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସାହିତ୍ୟରେ ଅଧିକ ନମ୍ବର ରଖିଥିବା ବିଭିନ୍ନ ବିଦ୍ୟାଳୟର ୧୦ ଜଣ ଶିକ୍ଷାର୍ଥୀଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସରୋଜ କୁମାର ଦ୍ୱିବେଦୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ଶରତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଆୟୋଜିତ ଆସରରେ ମୁଖ୍ୟ ଅତିଥିଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ଓ ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଶରତ କୁମାର ରାଉତରାୟ ଯୋଗଦେଇ 'ପଲ୍ଲୀରେ ସାହିତ୍ୟ' ଶୀର୍ଷକ ସମ୍ପର୍କରେ ଆଲୋଚନା କରିଥିଲେ।

କାର୍ଯ୍ୟକାରୀ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ ଓ ଉପସଭାପତି କୈଳାସ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବି ରମାକାନ୍ତ ଦାସ ଓ କବୟିତ୍ରୀ ଅଳକାବତୀ ରଥଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଶତାଧିକ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ବରିଷ୍ଠ ସଭ୍ୟ ବନମାଳୀ ମହାରଣା, ରାଜକିଶୋର ସାହୁ, ଭାସ୍କର ବେହେରା, ବିଜନ ମହାପାତ୍ର, ରଞ୍ଜନ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗ୍ରାମ୍ୟ ଜଳଯୋଗାଣ ଅଫିସ ଘେରିଲା କଂଗ୍ରେସ

- ବସୁଧା ଯୋଜନାରେ ଦୁର୍ନୀତିର ଅଭିଯୋଗ
- ପାଣି ପାଇପ ବିଛା ହୋଇଥିବା ରାସ୍ତାର ମରାମତି ଦାବି



ପ୍ରତିବାଦସ୍ଥଳରେ ଏସ୍‌ଡିଓ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରଘୁନାଥପୁର,୨।୩(ରାଜେନ୍ଦ୍ର ନାରାୟଣ ସିଂହ)

ପାଣି ପାଇପ ବିଛାଇବା ପାଇଁ ଖୋଳାଯାଇଥିବା ରାସ୍ତାର ମରାମତି ଓ ବସୁଧା ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବିରେ ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ କରାଯାଇ ବିକ୍ଷୋଭ କରାଯାଇଛି। ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ କଂଗ୍ରେସ କର୍ମୀମାନେ ସ୍ଥାନୀୟ ମଦନ ମୋହନ ମଠରୁ ଏକ ଶୋଭାଯାତ୍ରାରେ ବାହାରି ସରକାର ଏବଂ ଜଳ ଯୋଗାଣ ଓ ପରିମଳ ବିଭାଗ ବିରୋଧରେ ନାରାବାଜି କରି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦେବପ୍ରସାଦ ନାୟକ ଉପସ୍ଥିତ ହୋଇ ସମ୍ପୃକ୍ତ ବିଭାଗରେ ହୋଇଥିବା ଦୁର୍ନୀତି ଓ ବହୁବିଧ ସମସ୍ୟା ସମ୍ପର୍କରେ କହିଥିଲେ। ଏହି ବ୍ଲକର ୧୯ ପଞ୍ଚାୟତରେ ପାଣି ପାଇପ ବିଛାଇବା ପାଇଁ ଯେଉଁ ରାସ୍ତା ଖୋଳାଯାଇଥିଲା, ତାହା ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ମରାମତି ହୋଇପାରିନାହିଁ। ଅନେକ ପଞ୍ଚାୟତରେ ବସୁଧା ଯୋଜନାରେ ହୋଇଥିବା ପାଣି ଟାଙ୍କି କାମ ନିମ୍ନମାନର କରାଯାଇଛି। ଏହାଛଡ଼ା ଏପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ଘରେ ପାଇପ ଯୋଗେ ପାଣି ପହଞ୍ଚି ପାରିନାହିଁ ବୋଲି ବକ୍ତାମାନେ ସଭାରେ କହିଛନ୍ତି। ଏନେଇ ତୁରନ୍ତ ଏକ ନିରୀକ୍ଷଣ ଟିମ ଗଠନ କରି ଏସବୁ ସମସ୍ୟାର ସମାଧାନ କରିବାକୁ ଜିଲ୍ଲା କଂଗ୍ରେସ ସଭାପତି ନାୟକ ଏସଡିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କଂଗ୍ରେସ ନେତା ଇଂ.ମଲ୍ଲିକ ଉପରୋକ୍ତ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦେଇଥିଲେ। ଏସବୁ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଉପଖଣ୍ଡ ଅଧିକାରୀ ପ୍ରତିଶ୍ରୁତି ଦେଲା ପରେ କଂଗ୍ରେସକର୍ମୀମାନେ ଧାରଣାରୁ ଓହରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ସମ୍ପାଦକ ମାନସ ଗୋଚ୍ଛାୟତ, ସମ୍ପାଦକ ବସନ୍ତ ନାୟକ, କାର୍ଯ୍ୟକାରୀ ସଦସ୍ୟ କାଳନ୍ଦୀ ମହାନ୍ତି ,ଯୁବନେତା ରାଜା ରାଟସିଂ, ପ୍ରତ୍ୟୁଷ ନାୟକ, ସାଇ ପ୍ରଭଞ୍ଜନ ମହାପାତ୍ର, ନାରାୟଣ ନାୟକ ଓ ବସନ୍ତ ଦାଶଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ପାଇଁ କୃଷକସଭାର ଦାବି

## ରାଜନଗର ଚାଷୀ ମୃତ୍ୟୁ ଘଟଣା

କେନ୍ଦ୍ରାପଡା, ୨।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଜ୍ୱଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା କୃଷକ ସଭା କେନ୍ଦ୍ରାପଡା ଜିଲ୍ଲା କମିଟି ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ସୋମବାର ଦେଇଛି । ପରିବାର ସଦସ୍ୟଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଅନ୍ୟ କେତେକ ଦାବି ରଖାଯାଇଛି । ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କର୍ମକର୍ତ୍ତାମାନେ ଚେତାଇ ଦେଇଛନ୍ତି । ଏ ସମ୍ପର୍କରେ ସମ୍ପାଦକ ଗୟାଧର ଧଳ କହିଛନ୍ତି, ଖରିଫ ଧାନ ସରକାରୀ ମଣ୍ଡିରେ ବିକିବା ସମୟରେ ଚାଷୀଙ୍କୁ ନିର୍ଯାତନା ଲୋକଲେଚନକୁ ଆସିଛି । ଚାଷୀ ତ୍ରିଲୋଚନଙ୍କୁ ବଳକା ଧାନ ବିକ୍ରୟ ପାଇଁ ପ୍ରାୟ ୪୦ ଦିନ ନିର୍ଯାତନା ଓ ଶୋଷଣର ସହ ଅପେକ୍ଷା କରିବାକୁ ପଡିଥିଲା । କଟ୍‌ନିଛଟ୍‌ନି, ମିଲରଙ୍କୁ ଧାନ ଦେବା, ମିଲରଙ୍କ କଥା ମୁତାବକ ଅଧିକ କୁଇଣ୍ଟାଲ ପିଛା ୧ କି.ଗ୍ରା. ଧାନ ଦେବା ଠାରୁ ଆରମ୍ଭ କରି ଅଖିଆ ଅପିଆ ପଡିରହିବା ଘଟଣା ଜିଲ୍ଲାର ସବୁସ୍ଥାନରେ ଊଣା ଅଧିକ ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସଫେଇ ଆଦୌ ଗ୍ରହଣ ଯୋଗ୍ୟ ନୁହେଁ । ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ । ପରିବାରର ଏକମାତ୍ର ରୋଜଗାରୀ ବ୍ୟକ୍ତିଙ୍କ ସରକାରୀ ଅବହେଳାରୁ ମୃତ୍ୟୁ ପାଇଁ ଅନୁନ୍ୟ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ । ସମବାୟ ସମିତି କର୍ମକର୍ତ୍ତାଙ୍କୁ ଗିରଫ କରିବା, ଧାନ ମଣ୍ଡିରେ ହେଉଥିବା ବ୍ୟାପକ ଅବ୍ୟବସ୍ଥାକୁ ଦୂର କରିବା ଆଦି ଏହି ଦାବି ପତ୍ରରେ ଉଲ୍ଲେଖ ଥିବା ସମ୍ପାଦକ ଧଳ କହିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ନରୋତମ ପାର୍ଥସାରଥି, ବିଜୟ ଦାସ, ଜଗତଜୀବନ ଦାସ, ଭୀମସେନ ବେହେରା ଓ ମାଧବ ଦାସ ପ୍ରମୁଖ ସାମିଲ ହୋଇଥିଲେ ।

# ପଣ୍ୟ କାରବାର ପାଇଁ ସୃଷ୍ଟି କରିବ ସ୍ୱତନ୍ତ୍ର ବଜାର

## ନୂତନ ହାଟର ଶୁଭାରମ୍ଭ

ରଘୁନାଥପୁର,୨।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ସାହେଦା ତବ୍‌ସୁମ ଓ ସମିତିସଭ୍ୟା ସାଗରିକା ତରାଇଙ୍କ ପ୍ରଚେଷ୍ଟାରେ କଟକ ପାରାଦୀପ ରାଜ୍ୟ ରାଜପଥ ନୂଆପଡାରେ ଏକ ନୂତନ ହାଟର ଶୁଭାରମ୍ଭ ହୋଇଯାଇଛି। ଜଗତ୍‌ସିଂହପୁର ଏମପି ବିଭୁପ୍ରସାଦ ତରାଇ ଫିତାକାଟି ନୂତନ ହାଟର ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ରାଜପଥ ପାର୍ଶ୍ୱରେ ଥିବା ଏହି ଗ୍ରାମ୍ୟହାଟ ଭବିଷ୍ୟତରେ ପଣ୍ୟ କାରବାର ପାଇଁ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଗଗନ ଦାଶ, ଯୁବନେତା ପ୍ରକାଶ ଦଳାଇ, ପ୍ରଭଞ୍ଜନ ଦାସ, ଛପଡ଼ା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସାମଗ୍ରୀ କ୍ରୟବିକ୍ରୟ ଦ୍ୱାରା ଗ୍ରାମ୍ୟ ଅର୍ଥନୀତି ସୁଦୃଢ ଓ ଲୋକେ ହାତ ପାଆନ୍ତାରେ ସମସ୍ତ ଜିନିଷ ପାଇପାରିବେ ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ସପ୍ତାହକୁ ଦୁଇଦିନ ସୋମବାର ଓ ଗୁରୁବାର ହାଟ ଚାଲିବା ପାଇଁ ସ୍ଥିର ହୋଇଥିବା ସରପଞ୍ଚ ତବସୁମ ପ୍ରକାଶ କରିଛନ୍ତି। ସଞ୍ଜୟ ଖୁଣ୍ଟିଆ,ବିନୁରି ଖୁଣ୍ଟିଆ,ମନୋଜ ମଲ୍ଲିକ,ସୁବ୍ରତ ନାୟକଙ୍କ ସହ ସମସ୍ତ ୱାର୍ଡସଭ୍ୟ ସହଯୋଗ କରିଥିଲେ।

# ପାରାଦୀପ ବନ୍ଦରର ନାଗରିକ ଦେବୋ ଭବ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ବକ୍ତବ୍ୟ ଦେଉଛନ୍ତି।

ପାରାଦୀପ, ୨।୩(ଶରତ ରାଉତ)

ଭାରତ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନାଗରିକ ଦେବୋ ଭାବ କାର୍ଯ୍ୟକ୍ରମ ସୋମବାର ବନ୍ଦର ପ୍ରଶାସନିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପି.ଏଲ ହାରାନ୍ଧ, ଉପାଧ୍ୟକ୍ଷ ଟି.ଭେନୁଗୋପାଳ ଓ ଅନ୍ୟ ଅଧିକାରୀ କର୍ମଚାରୀମାନେ ସାମିଲ ହୋଇଥିଲେ। ସରକାରୀ କାର୍ଯ୍ୟରେ ସମୟୋପଯୋଗୀ ସେବା, ସଙ୍କଳ୍ପ,ମର୍ଯ୍ୟାଦା, ସ୍ୱଚ୍ଛତା ଓ ନାଗରିକଙ୍କ ପ୍ରତି ଦାୟିତ୍ୱ ରହିବା ଉପରେ ଅଧ୍ୟକ୍ଷ ହାରାନ୍ଧ କହିଥିଲେ।

# କୁଜଙ୍ଗର ପ୍ରସିଦ୍ଧ ରାଜାଘର ମେଳଣ



କୁଜଙ୍ଗ, ୨।୩(ମନୋଜ ପ୍ରଧାନ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ତ୍ରୟୋଦଶୀ ତିଥି ରବିବାର ରାତିରୁ କୁଜଙ୍ଗର ପ୍ରସିଦ୍ଧ ରାଜା ଘର ମେଳଣ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ଉକ୍ତ ମେଳଣରେ କୁଜଙ୍ଗ ଆରାଧ୍ୟା ଦେବୀ ତଥା ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲର ରାମ ନଗରରେ ପୂଜା ପାଉଥିବା ମା' ରାମଚଣ୍ଡୀଙ୍କ ବିମାନ ମୁଖ୍ୟ ଆକର୍ଷଣ ବହନ କରିଛି। ମା' ବହୁତ ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇଥିବାରୁ ମନ୍ଦିରରୁ ସଶସ୍ତ୍ର ପୋଲିସ ଘେରରେ କୁଜଙ୍ଗରେ ପହଞ୍ଚି ଥିଲେ। ମା'ଙ୍କ ବିମାନ ଧାଡ଼ି ରୋଷଣୀରେ ଯାଇ ପ୍ରଥମେ ଆସ୍ଥାନରେ ବସିବା ପରେ ଅନ୍ୟ ବିମାନଗୁଡ଼ିକ ପର୍ଯ୍ୟାୟ କ୍ରମେ ଧାଡ଼ି ରୋଷଣୀ ରେ ଯାଇ ମେଳଣ ପଡିଆରେ ପହଞ୍ଚି ଥିଲେ। ପରେ ତାଙ୍କୁ ବରଣି କରାଯାଇ ମଣ୍ଡପରେ ବସଯାଇଥିଲା। ଏହି ମେଳଣ ଶୋଭାଯାତ୍ରା ବିଳମ୍ବିତ ରାତିରୁ ଆରମ୍ଭ ହୋଇ ସକାଳ ପର୍ଯ୍ୟନ୍ତ ଚାଲିଥିଲା। ରୋଷଣୀ ସମୟରେ ବହୁ ହଜାର ଲୋକ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିବାବେଳେ ରୋଷଣୀବେଳେ ମଠ ମହନ୍ତ ଆଇନଜୀବୀ ଅମୃତ ଦାସ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପୀନାଥଜୀଉ ମନ୍ଦିର ପକ୍ଷରୁ ଆଇନଜୀବୀ ନଳିନୀ ରଞ୍ଜନ ଦାସଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ଆନନ୍ଦ ଉଲ୍ଲାସରେ ଶେଷ ହେଲା କନିକା ପଞ୍ଚଦୋଳ ମେଳଣ

## ରାଜାରାଣୀଙ୍କ ସହିତ ଫଗୁ ଖେଳିଲେ ଶ୍ରଦ୍ଧାଳୁ



ରାଜକନିକା,୨।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ୬ ଶହ ବର୍ଷର କନିକା ରାଜାଙ୍କ ପଞ୍ଚଦୋଳ ମେଳଣ ସୋମବାର ଶେଷ ହୋଇଛି । ଫଗୁ ଦଶମୀଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ମେଳା ରାଜକନିକାର ବିଭିନ୍ନ ସ୍ଥାନରେ ହେବାକୁ ଥିବାବେଳେ, ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ଏହା ଆଗୁଆ ଗୋଟିଏ ଦିନ ପୂର୍ବରୁ ଶେଷ ହୋଇଛି । ପାଞ୍ଚଦିନ ଧରି ଚାଲିଥିବା ଏହି ମେଳଣର ପ୍ରଥମ ଉତ୍ସବ କାଳିକାପୁର, ଦ୍ୱିତୀୟ ଆୟତନ, ତୃତୀୟ ଦେଉଳି ଏବଂ ଚତୁର୍ଥ ଗିରୀଆ ଆଦି ମେଳଣ ଉତ୍ସବ ପରେ ପଞ୍ଚମ କନିକାର ପ୍ରସିଦ୍ଧ ଶେଷ ମେଳଣ ରାଜପ୍ରସାଦ ସମ୍ମୁଖ ପଡିଆରେ ରାଜ ମେଳଣ ଶେଷ ହୋଇଛି। ଭୁବନେଶ୍ୱର, କଟକ, କେନ୍ଦ୍ରାପଡା, ଯାଜପୁର ଓ ଭଦ୍ରକଠାରୁ ଆରମ୍ଭ କରି ଆଳି, ପଟ୍ଟାମୁଣ୍ଡାଇ ରାଜନଗର ଏବଂ ଚାନ୍ଦବାଲି ଅଞ୍ଚଳରୁ ହାଜାର ହଜାର ଶ୍ରଦ୍ଧାଳୁ ଫଗୁର ପର୍ବ ହୋଲି ଉତ୍ସବକୁ ପାଳନ କରିଥାନ୍ତି । ଏହି ମେଳଣରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେବ ଏବଂ ରାଣୀ ମୃଣାଳିନୀ ଦେବୀ ହଜାର ହଜାର ଶ୍ରଦ୍ଧାଳୁଙ୍କ ସହ ରଙ୍ଗ ଅବିରରେ ଫଗୁ ଖେଳି ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ ।

ରାଜାରାଣୀ ରାଧାକୃଷ୍ଣଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥାନ୍ତି। ଏହି ଉତ୍ସବରେ ଆବାଳବୃଦ୍ଧବନିତା ନିଆରା ଢଙ୍ଗରେ ରାଜାରାଣୀଙ୍କ ସହିତ ରଙ୍ଗ ଖେଳିବାର ମଜା ନେଇଥାନ୍ତି । ୫୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସୁସଜ୍ଜିତ ବିମାନରେ ଧାଡି ହୋଇ ମେଳଣ ପଡିଆରେ ଶୋଭାଯାତ୍ରାରେ ଆସି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ରାଜପ୍ରାସାଦ ସମ୍ମୁଖରେ ଶ୍ରୀଜୀଉ ବିମାନରେ ଶୋଭାଯାତ୍ରାରେ ମେଳଣ ପଡିଆରେ ବିରାଜମାନ କରିଥାନ୍ତି । ପରେ ସମସ୍ତ ଶ୍ରୀଜୀଉମାନେ ସୁସଜ୍ଜିତ ବିମାନରେ ରାଜପ୍ରାସାଦ ମଧ୍ୟକୁ ପ୍ରବେଶ କରିଥାନ୍ତି।

କନିକା ରାଜା ଏବଂ ରାଣୀ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରି ଚଅଁର ସେବା କରିଥାନ୍ତି । ମେଳଣ ପଡିଆରେ ସମସ୍ତ ବିମାନରେ ରାଧାକୃଷ୍ଣଙ୍କୁ ଦର୍ଶନ କରି ଭୋଗଲାଗି କରିଥାନ୍ତି। ପୂର୍ବ ପରମ୍ପରା ଅନୁଯାୟୀ ମେଳଣ ଶେଷ ହେବାପରେ ରାତିରେ ଗୋପାଳଜୀଉ, ରାସବିହାରୀ ଜୀଉ ଏବଂ ପ୍ରଭୁ ରାଧାକାନ୍ତ ଜୀଉଙ୍କ ଭେଟଘାଟ ଅନୁଷ୍ଠିତ ହୋଇଥାଏ। ମେଳଣ ପଡିଆରେ ରାଜାରାଣୀ ସ୍ୱତନ୍ତ୍ର ପୂଜାପାଠ କରି ମେଣ୍ଢା ଗୁହାଳ ପୋଡି ହୋଇଥାଏ। ତତ୍କାଳୀନ କନିକାରାଣୀ ସାହିବା ରାଧାକୃଷ୍ଣଙ୍କର ଜଣେ ବଡ ଭକ୍ତ ହୋଇଥିବାରୁ କନିକାକୁ ଶଗଡ଼ ଗାଡ଼ିରେ ଆଧ୍ୟାତ୍ମିକ ପୁସ୍ତକ ଆଣି ଆସିଥିଲେ । ରାଣୀଙ୍କ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ସମ୍ମାନ ଜଣାଇ ତତ୍କାଳୀନ ରାଜା ସାହେବ କନିକାର ବିଭିନ୍ନ ଗାଁ ମାନଙ୍କରେ ମଠ ମନ୍ଦିର ନିର୍ମାଣ କରି ସେହିଠାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପ୍ରତିଷ୍ଠା କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ । ବର୍ଷକୁ ଥରେ ଅର୍ଥାତ୍ ଫଗୁ ଦଶମୀରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ବିଭିନ୍ନ ମଠ ମନ୍ଦିରରୁ ଶ୍ରୀଜୀଉମାନେ ସୁସଜ୍ଜିତ ବିମାନରେ ବାହାରି ମେଳଣ ପଡିଆରେ ଭେଟଘାଟ ହୋଇ ଫଗୁ ଖେଳିବାର ଏହି ୬ଶହ ବର୍ଷର ପରମ୍ପରା ଆଜିବି ଉଜ୍ଜିବିତ ଥିବି ବହୁ ବୁଦ୍ଧିଜୀବୀ ଓ ବୟୋଜ୍ୟେଷ୍ଠଙ୍କ ଠାରୁ ପ୍ରକାଶ ।

# ପୁଆଣିଆଁରେ କଙ୍ଗାରୁ କୋର୍ଟ, ନିର୍ଯାତନା ବନ୍ଦ ପାଇଁ ନିବେଦନ

- ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ୪ ବାସନ୍ଦ ପରିବାର
- ମାମୁ, ଭଣଜା ହତ୍ୟାକାଣ୍ଡର କରାଯାଉ ଠିକ୍ ତଦନ୍ତ

ନୟାଗଡ଼,୨।୩ (ଲୋକନାଥ ମିଶ୍ର)



ଜିଲାପାଳ ଓ ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଲୋକେ ।

ନୟାଗଡ଼ ଜିଲା ଶରଣକୁଳ ଥାନାର ପୁଆଣିଆଁ ଗାଁରେ ଦୀର୍ଘଦିନ ଧରି ଚାଲିଥିବା କଙ୍ଗାରୁ କୋର୍ଟକୁ ବନ୍ଦ କରାଯିବା ସହ ବାସନ୍ଦ ପରିବାରକୁ ଦିଆଯାଉଥିବା ନିର୍ଯାତନାରୁ ମୁକ୍ତି ପାଇଁ ପଦକ୍ଷେପ ନେବାକୁ ୪ ବାସନ୍ଦ ପରିବାର ଜିଲାପାଳ ଓ ଏସ୍‌ପିଙ୍କୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ଜିଲାସ୍ତରୀୟ ଅଭିଯୋଗ ଶୁଣାଣିରେ ସୋମବାର ଭେଟି ନିବେଦନ କରିଛନ୍ତି। ଅନ୍ୟପକ୍ଷେ ୨୦୨୫ ଡିସେମ୍ବର ୩୧ରେ ଘଟିଥିବା ମାମୁ ଭଣଜା ହତ୍ୟାକାଣ୍ଡରେ ବାସନ୍ଦ ପରିବାରର ୨ ଜଣ ସମେତ ୫ଜଣଙ୍କୁ ଛନ୍ଦି ଦିଆ ଯାଇଥିବା ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପ୍ରକୃତ ହତ୍ୟାକାରୀଙ୍କୁ ଦଣ୍ଡିତ କରିବାକୁ ଅନୁରୂପ ଭାବେ ଜଣାଇଛନ୍ତି।

ପୁଆଣିଆଁ ଗାଁର ମାନସ ରାଉତ,ବୀର ରାଉତ, ରବି ସାହୁ ଓ ରଘୁନାଥ ରାଉତଙ୍କ ଅଭିଯୋଗ ଅନୁସାରେ ଗାଁରେ କଙ୍ଗାରୁ କୋର୍ଟକରି ଜଣକ ପରେ ଜଣେ ଲୋକଙ୍କୁ ବାସନ୍ଦ କରାଯାଉଛି। ଗାଁର କେତେକ ଗୁଣ୍ଡା ଶ୍ରେଣୀୟ ଲୋକଙ୍କୁ ଧରି ଗୁଣ୍ଡାରାଜ କରି ଅରାଜକତା ସୃଷ୍ଟି କରୁଛନ୍ତି, ଗାଁ କୋଠ ସମ୍ପତ୍ତିକୁ ଲୁଟ୍ କରି ଚାଲିଛନ୍ତି। ବାସନ୍ଦ ପରିବାରକୁ ନିର୍ଯାତନା ପରେ ନିର୍ଯାତନା ଦେଇ ଚାଲିଛନ୍ତି। ଏପରିକି ମିଥ୍ୟା କେସ୍‌ରେ ଫସାଇ ଦେଉଛନ୍ତି। ୨୦୨୫ ଡିସେମ୍ବର ୩୧ରେ ଗାଁରେ ମାମୁଁ ଘରେ ମାମୁ ସଲିପ ରାଉତ(୪୩) ଓ ହୋମଗାର୍ଡ ଭଣଜା ଲିଲୁ ପ୍ରଧାନ(୪୦)ଙ୍କ ମୃତଦେହ ମିଳିଥିଲା। ମାମୁର ଟାଙ୍ଗିଆ ଚୋଟରେ ହୋମଗାର୍ଡ ଭଣଜାର ମୃତ୍ୟୁ ହୋଇଥିବା କୁହାଯାଇଥିଲା ହେଲେ ମାମୁର କିପରି ମୃତ୍ୟୁ ହେଲା ଜଣାପଡି ନ ଥିଲା। ତେବେ ଭଣଜାଙ୍କୁ ଗାଁର ମାନସ ରାଉତ, ସୁଶାନ୍ତ କୁମାର ସାହୁ, ରବି ସାହୁ, ଜୟ ରାଉତ, ତ୍ରିନାଥ ରାଉତ ହତ୍ୟା କରିଛନ୍ତି ବୋଲି ପୋଲିସକୁ କୁହାଯାଇ ସେମାନଙ୍କ ନାଁରେ ମଥ୍ୟା ମୋକଦ୍ଦମା ଛନ୍ଦି ଦିଆଯାଇଛି। ମାମୁ ଓ ଭଣଜା ହତ୍ୟାକାଣ୍ଡର ଠିକ୍ ବା ଉପଯୁକ୍ତ ତଦନ୍ତ କରାଗଲେ ଗାଁର କିଛି ଲୋକ ଫସିବେ। ଏଣୁ ନିରପେକ୍ଷ ତଦନ୍ତ କରି ଆମ୍ଭ ମାନଙ୍କୁ ଗାଁରେ ରହିବାର ସୁଯୋଗ ଦିଆଯାଉ। ଅତ୍ୟାଚାର, ଜୁଲମ, ନିର୍ଯାତନା, ମିଥ୍ୟା ମୋକଦ୍ଦମାରୁ ରକ୍ଷା ନ ମିଳିଲେ ଗାଁ ଛାଡି ବାକୁ ବାଧ ହେବୁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

ଏନେଇ ମାନସ ରାଉତ କୁହନ୍ତି, ବାସନ୍ଦ ହେଲା ପରେ ମରୁ ମରୁ ବଞ୍ଚି ରହିଛୁ। ପ୍ରତି ଦିନ ଆମକୁ ହଇରାଣ ହରକତ ଏପରି କରାଯାଉଛି। ଆମର ଗାଁରେ ରହିବା ଦୁର୍ବିସହ ହୋଇ ପଡୁଛି। ମୁଁ ୨୦୨୩ରୁ ବାସନ୍ଦ ହେଲିଣି। ମୋ ପରି ଅନ୍ୟମାନେ ବାସନ୍ଦ ହୋଇ ଚାଲିଛନ୍ତି। ଆମେ ୫ଜଣ ବାସନ୍ଦ ହୋଇଥିବାବେଳେ ଆମ ଭିତରୁ ମୁଁ ଓ ରବି ସାହୁ ସମେତ ଗାଁର ଅନ୍ୟ ୩ ଜଣଙ୍କୁ ମିଶାଇ ୫ଜଣଙ୍କୁ ହୋମଗାର୍ଡ ଭଣଜା ଲିଲୁ ପ୍ରଧାନଙ୍କ ହତ୍ୟାକାରୀ ଭାବେ ଛନ୍ଦି ଦିଆଯାଇଛି। ପୂର୍ବରୁ ବଳାତ୍କାର ମାମଲା ବି ମୋ ନାଁରେ ଦିଆଯାଇଥିଲା। ଜିଲାପାଳଙ୍କୁ ଅଭିଯୋଗ ଦେବା ପରେ ଏସ୍‌ପିଙ୍କୁ ସେ ଦରଖାସ୍ତ ବଢ଼ାଇ ନ୍ୟାୟ ଦେବାକୁ କହିଥିଲେ। ଆମର ଅଭିଯୋଗ, ମନର ବ୍ୟଥାକୁ ଏସ୍‌ପି ଏସ ସୁଶ୍ରୀ ଶୁଣିବା ସହ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଗାଁକୁ ଯାଇ ଘଟଣା ସମ୍ପର୍କରେ ସ୍ୱତନ୍ତ୍ର ଭାବେ ତଦନ୍ତ କରି ନ୍ୟାୟ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ମିଳିଛି ବୋଲି କହିଛନ୍ତି।

# ଟ୍ରକ୍, ଟାଟା ଏସିଇ ଜବତ, ୧୮ ଗୋରୁ ଉଦ୍ଧାର

- ୪ ବାଇକ୍ ଜବତ, ୨ ଗୋରୁ ବ୍ୟବସାୟୀ ଜେଲ ଗଲେ
- ପୋଲିସ ସହ ଧସ୍ତାଧସ୍ତି କରି ଖସିଗଲେ ଅନ୍ୟ ଅଭିଯୁକ୍ତ

ନୟାଗଡ଼,୨।୩ (ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ଇଟାମାଟି ଥାନା ଶଙ୍ଖେଇ ଗାଁ ନିକଟରୁ ରବିବାର ବିଳମ୍ବିତ ରାତିରେ ଇଟାମାଟି ଥାନା ପୋଲିସ ଟ୍ରକ୍, ଟାଟା ଏସିଇ ଜବତ କରିବ ସହ ୧୮ ଗୋରୁଙ୍କୁ ଉଦ୍ଧାର କରି ଖଣ୍ଡପଡା ଗୋଶାଳାରେ ଛାଡିଛି। ଅନ୍ୟପକ୍ଷେ ଗୋରୁ ଗାଡି ଦ୍ୱୟଙ୍କୁ ଏସ୍କର୍ଟ କରି ଯାଉଥିବା ୪ ବାଇକ୍‌କୁ ମଧ ପୋଲିସ ଅନୁରୂପ ଭାବେ ଜବତ କରିଛି। ତେବେ ପୋଲିସକୁ ଧସ୍ତାଧସ୍ତି କରି କେତେକ ଗୋ ଚାଲାଣକାରୀ ଖସି ଯାଇଥିବା ବେଳେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ପରେ ଅଟକ ୨ ଗୋଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଉତ୍ତରପ୍ରଦେଶ ମୁଜାଫରପୁର ନଗରର ନାଭାଗିସ୍(୨୧) ଓ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବେଗୁନିଆ ଗାଁର ସେକ୍ ଆଫସଦ ଅଲି(୩୮)ଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦେଇଛି। ପୋଲିସ ନଂ.୭୫/୨୬ରେ ମାମଲା ରୁଜୁକରି ତଦନ୍ତ କରୁଛି। ଚଢ଼ାଉ ସମୟରେ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ ଓ ନୟାଗଡ଼ ସଦର ଥାନା ଆଇଆଇସି ପ୍ରିୟତମା ପ୍ରଧାନଙ୍କ ସମେତ ଇଟାମାଟି ଥାନା ପୋଲିସ ସାମିଲ ଥିଲା।

ସୂଚନା ଅନୁସାରେ ଗୋରୁଗୁଡିକ ଚେରାଇ ଆଣି ବିକ୍ରି ପାଇଁ ଶଙ୍ଖେଇରେ ରଖାଯାଇଥିଲା। ଶଙ୍ଖେଇରୁ ବାହାରକୁ ଚାଲାଣ ପାଇଁ ଗୋରୁଙ୍କୁ ଓଡି୦୨ ବିଏମ ୯୪୩୪ ନମ୍ବର ଟାଟା ଏସିଇରେ ଓ ଡବ୍ଲୁବି୧୧ଡି ୬୯୧୦ ନମ୍ବରର ଟ୍ରକ୍ ଯୋଗେ ରଖାଯାଇଥିଲା। ଓଡି୨୫ କ୍ୟୁ ୩୯୪୩ ଓ ଓଡି୦୨ଡି ୬୧୪୯ ନମ୍ବର ପରି ୪ଟି ବାଇକ୍ ଏସ୍କର୍ଟରେ ଯିବାକୁ ପ୍ରସ୍ତୁତ ହୋଇ ରହିଥିଲେ। ପୋଲିସକୁ ଦେଖି କେତେକ ଗୋଚାଲାଣକାରୀ ଠେଲାପେଲା କରି ଖସି ଯାଇଥିଲେ। ଯେଉଁ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି ଗୋରୁଗୁଡିକୁ କେଉଁଠାରୁ ଆଣିଛ ସେ ନେଇ ମୁହଁ ଖୋଲୁ ନ ଥିବା ଇଟାମାଟି ଥାନା ଆଇଆଇସି ସୂଚନା ଦେଇଛନ୍ତି।

# ଅଚାନକ ପରିଦର୍ଶନ କଲେ କଣ୍ଟ୍ରୋଲର

## ଅନୁପସ୍ଥିତ ଥିଲେ ଅଧ୍ୟକ୍ଷ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ

- ଅନୁପସ୍ଥିତକୁ ନେଇ ବଢ଼ିଲା ସନ୍ଦେହ
- ରଣପୁର କଲେଜରେ ଖୋଲାଖୋଲି କପି ପ୍ରସଙ୍ଗ

ନୟାଗଡ/ରଣପୁର,୨।୩
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱରର କଣ୍ଟ୍ରୋଲର ପ୍ରଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ୨ଜଣିଆ ଟମ୍ ସୋମବାର ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କଲେଜ) ପହଞ୍ଚି ଅଚାନକ ଭାବେ ତଦନ୍ତ କରି ଫେରିଛନ୍ତି। ଶନିବାର ଅନୁଷ୍ଠିତ ଯୁକ୍ତ ୨ ପଦାର୍ଥ ବିଜ୍ଞାନ ପରୀକ୍ଷାରେ କପି କରି ୮ଜଣ ପରୀକ୍ଷାର୍ଥୀ ମାଲ୍ ପ୍ରାକ୍ଟିସ(ଏମପି) ରେ ବୁକ୍ କରାଯିବା, ୨ ଘଣ୍ଟା ବିଳମ୍ବରେ ହବ୍ କଲେଜ ଉତ୍ତର ଖାତା ଫେରାଇବା ପ୍ରସଙ୍ଗ ପରି ଘଟଣାରେ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ତଦନ୍ତ ସମୟରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବିଜ୍ଞାନ ମାଣିଆ ଅନୁପସ୍ଥିତ ଥିବାର ଦେଖିବାକୁ ମିଳିଥିଲା। ଅନୁପସ୍ଥିତ ଅଧ୍ୟକ୍ଷ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟଙ୍କୁ କଣ୍ଟ୍ରୋଲର ଫୋନ କରିଥିଲେ ମଧ ଉଭୟେ ଉଠାଇ ନ ଥିବା ଜଣାପଡିଛି। କଲେଜରେ କପି କରାଯିବା, ଉତ୍ତର ଖାତା ହବ୍ କଲେଜଠାରୁ କେତେବେଳେ ଗ୍ରହଣ କଲ, ଡେରିରେ ମିଳିବାର କାରଣ କ'ଣ, ସିସିଟିଭି କାମ କରୁଛି କି ନାଁ ପରି ବିଭିନ୍ନ ପ୍ରସଙ୍ଗ ଉପରେ ହବ୍‌ର ସୁପର ଭାଇଜର ଦୟାନିଧି ବରାଳଙ୍କୁ କଣ୍ଟ୍ରୋଲର ପଚାରି ବୁଝିଥିଲେ। ବିଳମ୍ବରେ ଉତ୍ତର ଖାତା ମିଳିଥିବାର ରେକର୍ଡ ହବ୍‌ର ସୁପର ଭାଇଜର କଣ୍ଟ୍ରୋଲରଙ୍କୁ ଦେଖାଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ସିସିଟିଭି ଫୁଟେଜ ଚେକ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କେତେକ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝି ବିରକ୍ତି ହୋଇ ଫେରି ଯାଇଥିଲେ। ଅନ୍ୟପକ୍ଷେ କଣ୍ଟ୍ରୋଲରଙ୍କ ତଦନ୍ତ ସମୟରେ ଅନୁପସ୍ଥିତ ରହିବା ଘଟଣା ଅଧ୍ୟକ୍ଷଙ୍କୁ ସନ୍ଦେହଘେରକୁ ଟାଣି ନେଇଛି। ସୂଚନା ଅନୁସାରେ ପରୀକ୍ଷାକୁ କଡାକଡି କରିବା ପାଇଁ କେନ୍ଦ୍ରରେ ସିସିଟିଭି ଲାଗିଥିଲେ ମଧ ଚକ୍‌ମା ଦେଖାଇ ରଣପୁର କଲେଜର ପରୀକ୍ଷା କେନ୍ଦ୍ରରେ କପି ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କଣ୍ଟ୍ରୋଲରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ କଣ୍ଟ୍ରୋଲର ୨ ଜଣ ସେଣ୍ଟ୍ରାଲ ସ୍କ୍ୱାର୍ଡଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ସ୍କ୍ୱାର୍ଡ କଲେଜରେ ପହଞ୍ଚି ଶନିବାର କପି ହେଉଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସଙ୍ଗେ ସଙ୍ଗେ କପି ଧରି ୮ଜଣଙ୍କୁ ମାଲ ପ୍ରାକ୍ଟିସ କରି ଫେରିଥିଲେ।

ଅନ୍ୟପକ୍ଷେ ପରୀକ୍ଷା ଶେଷ ପରେ ଉତ୍ତର ଖାତାରେ ଲେଖାଯାଉଥିବା ଅଭିଯୋଗ ପୁଣି ଉଠିଥିଲା। କଲେଜର କେତେକ କର୍ମଚାରୀ ଓ ଅଧ୍ୟକ୍ଷ ଏଥିରେ ନିୟୋଜିତ ଥିବା କୁହାଯାଇଥିଲା। ଶନିବାର ପରୀକ୍ଷାରେ କପି ବନ୍ଦ ହୋଇଯିବା ଓ ସେଣ୍ଟ୍ରାଲ ସ୍କ୍ୱାର୍ଡ ଚାଲିଯିବା ପରେ ଉତ୍ତର ଖାତା ହବ୍ କଲେଜ ୨ ଘଣ୍ଟା ବିଳମ୍ବରେ ଫେରାଇବା ପରି ଅଭିଯୋଗ ପୁଣି ସନ୍ଦେହ ବଢ଼ାଇଥିଲା। ପରୀକ୍ଷାକେନ୍ଦ୍ର ହବ୍‌ର ସୁପର ଭାଇଜର ଦୟାନିଧି ବରାଳ ମଧ ଉତ୍ତର ଖାତା ହବ୍ କଲେଜରୁ ବିଳମ୍ବରେ ମିଳିଥିବା ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାର କରଥିଲେ।

# ଶ୍ୱଶୁର ପରେ ଚିକିତ୍ସାଧୀନ ଜ୍ୱାଇଁ ମୃତ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗାଁ ଲୋକେ ।

ନୟାଗଡ଼, ୨।୩ (ଲୋକନାଥ ମିଶ୍ର)

- ବାଇପାସ୍‌ରେ ଓଭରବ୍ରିଜ ଦାବି ତ୍ୱରାନ୍ୱିତ
- ଜିଲାପାଳଙ୍କୁ ଫେରାଦ୍ ହେଲେ ୧୫ରୁ ଊର୍ଦ୍ଧ୍ୱ ଗାଁ ଲୋକେ

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୂତନ ବାଇପାସ ଉଦ୍‌ଘାଟନ ହୋଇ ନ ଥିବାବେଳେ ଅଜଣା ଗାଡି ଧକ୍କାରେ ସୁନାଳଟି ବାଘେରା ରାସ୍ତା ଅଞ୍ଚଳରେ ଶ୍ୱଶୁର ଟିପୁରା ଗାଁର ଗୌତମ ଗୋଛି (୫୯)ଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଜ୍ୱାଇଁ କଟକ ଜିଲା ବୈଦ୍ୟେଶ୍ୱର ଥାନା ଘୋଳଗଣ୍ଡ ଗାଁ ଅନିଲ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ସମୟରେ ଦୁର୍ଘଟଣାକୁ ନେଇ ୧୫ରୁ ଊର୍ଦ୍ଧ୍ୱ ଗାଁ ଲୋକ ସୋମବାର ଓଭରବ୍ରିଜ ପାଇଁ ଜିଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି। ଇକିରି, ବିରୁଡା, ବହପଣ୍ଡୁସର ପଞ୍ଚାୟତର ଇକିରି, ନଛିପୁର, ଆଡବନ୍ଧ, ଖଇରପଟି, ଟିପୁରା, ନୂଆଗାଁ, ବିରୁଡା, ପାଣ୍ଡେରୀପାଟଣା, ବାଘରା, ସୁନାଳଟି, ବରକୋଳିପାଟଣା, ମର୍ଦ୍ଦରାଜପୁର, ଖାରପଡା ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ ବାଇପାସ୍‌ରେ ଓଭରବ୍ରିଜ ନ ଥିବାରୁ ଦୁଘଟଣାରେ ଆହତ ଓ ମୃତକଙ୍କ ସଂଖ୍ୟାକୁ ନେଇ ଭୟ ସୃଷ୍ଟି ହେଲାଣି। ବାଇପାସ୍ ଦେଇ ୧୫ରୁ ଊର୍ଦ୍ଧ୍ୱ ଗାଁର ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ କାମରେ ଇଟାମାଟି ଅଞ୍ଚଳ ଓ ନୟାଗଡ଼ ବ୍ଲକ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟହ ଆସିଥାନ୍ତି। ପୁଣି ପିଲାମାନେ ସ୍କୁଲ ଓ କଲେଜ ପଢ଼ିବାକୁ ଆସୁଛନ୍ତି, ବାଇପାସ୍ ଯାଇଥିବାରୁ ଦୁର୍ଘଟଣାର ଭୟ ଘାରୁଛି। ବାଇପାସ୍‌ରେ ୨ଜଣଙ୍କର ଅଜଣା ଗାଡି ଧକ୍କାରେ ମୃତ୍ୟୁ ପରେ ଭୟର ବାତାବରଣ ଦେଖା ଦେଇଥିବା ଗାଁଲୋକ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୟାଗଡ,୨।୩(ଲୋକନାଥ ମିଶ୍ର)

## ୧୨୧ ଅଭିଯୋଗରୁ ୨୧ର ହେଲା ସମାଧାନ

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏସ୍ ସୁଶ୍ରୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍, ଅତିରିକ୍ତ ଜିଲାପାଳ ରୋଜିନା ଦାସ ଓ ବିଜୟାନନ୍ଦ ନାୟକ, ଅତିରିକ୍ତ ଏସ୍‌ପି ସୁବାଶ ଚନ୍ଦ୍ର ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ସିଡିଏମ୍‌ଓ ପୁଷ୍ପା ନିଳିମା ଲାକ୍ରା ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୋମବାର ୧୨୦ ଅଭିଯୋଗ ହୋଇଥିବାବେଳେ ଏଥିରୁ ୨୧ ଅଭିଯୋଗର ଶୁଣାଣି ହୋଇଛି। ୧୨୦ ଅଭିତଯୋଗରୁ ୯୪ଟି ବ୍ୟକ୍ତିଗତ ଥିବାବେଳେ ୭ଟି ସାମୁହିକ, ମୁଖ୍ୟମନ୍ତ୍ରୀ ରିଲିଫ ପଣ୍ଡରୁ ୧୯ଟି ରହିଥିଲା।

# କାର୍ ଉପରେ ଓଲଟି ପଡ଼ିଲା ଧାନ ଟ୍ରକ୍

ଦଶପଲ୍ଲା, ୨।୩
( ପ୍ରକାଶ କୁମାର ପାଣି)



ସୋମବାର ସନ୍ଧ୍ୟାରେ ଦଶପଲ୍ଲା ମେଡିକାଲ ଛକରେ କାର ଉପରେ ଏକ ଧାନ ବୋଝେଇ ଟ୍ରକ୍ ଓଲଟି ପଡିଛି। ଏଥିରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଚାଳକ କାର୍ ରଖି ଚା' ପିଇବାକୁ ଯାଇଥିଲେ। ତେବେ ଧାନ ଟ୍ରକ୍‌ଟି ଦଶପଲ୍ଲା ଆସୁଥିବା ବେଳେ ଉକ୍ତ ଛକଠାରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା।

# ନୟାଗଡ଼ ଜେଲରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୨।୩ (ତ୍ରିନାଥ ମହାନ୍ତି)

- ପାଣିଆ ଡାଲି, ପୋକରା ଚାଉଳ ଭାତକୁ ବିରୋଧ କରିବାରୁ ପିଟିଲେ
- ଡିଜିପି, ଓଏଚ୍‌ଆରସିରେ ଜେଲ ଫେରନ୍ତାଙ୍କ ଅଭିଯୋଗ

ନୟାଗଡ଼ ଜେଲରୁ ଆସିଛି ବିଚାରାଧୀନ କଏଦୀଙ୍କୁ ନିର୍ଯାତନାର ଅଭିଯୋଗ। ଜେଲରେ ବନ୍ଦୀଙ୍କୁ ପାଣିଆ ଡାଲି, ପୋକରା ଚାଉଳରେ ପ୍ରସ୍ତୁତ ଭାତ ଦିଆଯାଉଥିବା ନେଇ ୩୦ଜଣ ବିଚାରାଧୀନ କଏଦୀ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ। ଏହି କଥାରୁ ରାଗ ରଖି ତାଙ୍କ ହାତଗୋଡ଼ ବାନ୍ଧି ଜେଲର ନିର୍ଘାତ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ୪ଦିନ ତଳେ ଜେଲରୁ ଜାମିନରେ ମୁକୁଳିଥିବା ଗିରିଜା ଶଙ୍କର ସେଠୀ ଏହି ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେ ସୋମବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଡିଜିପି ଏବଂ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରି କି ତାଙ୍କୁ ମାଡ଼ ଯୋଗୁ ପିଠିରେ ହୋଇଥିବା ଦାଗକୁ ଗଣମାଧ୍ୟମ ଆଗର ଦେଖାଇଥିଲେ। ଏନେଇ ନୟାଗଡ଼ ଜେଲର ବାବୁଲି ବାରିକ କହିଛନ୍ତି, ବନ୍ଦୀମାନେ ଯେଉଁ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଜେଲ ଭିତରକୁ ସେମାନେ ବେଆଇନ୍ ଭାବେ ବିଭିନ୍ନ ସାମଗ୍ରୀ ପ୍ରବେଶ କରିବାକୁ ଚାପ ପକାଉଥିଲେ। ଜେଲ ବାହାରୁ ସ୍ପେଶାଲ ଖାଇବା ସହ ଫୋନ୍‌ରେ କଥା ହେବାକୁ ସୁଯୋଗ ଦେବାକୁ କହୁଥିଲେ। ତାହାକୁ ମନା କରିବାକୁ ସେମାନେ ଜାଣିଶୁଣି ଜେଲ କର୍ମଚାରୀଙ୍କୁ ମାଡ଼ ମାରିଥିବା ସେ କହିଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ଖଣ୍ଡପଡ଼ା,୨।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମସ୍ଥିତ ଗଡିଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ୯ମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାରଠାରୁ ୪ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ବଜରଙ୍ଗବଲୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ବେଦୀ ନିକଟରେ ସ୍ଥାପନ କରିଥିଲେ। ଏ ଅବସରରେ ପୂର୍ବାହ୍ନରେ ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ଗୋପୂଜା, ଅଭିଷେକ ଓ ଚଣ୍ଡୀପାଠ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ରବିବାର ଅପରାହ୍ନରେ ପୂର୍ଣ୍ଣାହୂତି ଓ ଆନନ୍ଦ ବଜାର କାର୍ଯ୍ୟକ୍ରମ ପରେ ପ୍ରତିଭା ପୂଜନ ସମାରୋହ ଅନୁଷ୍ଠିତ ହୋଇଥିବାବେଳେ ରାତ୍ରରେ ମଞ୍ଚସ୍ଥ ସାମାଜିକ ନାଟକ 'କଟି କଟି ଡବଲ କଟି'କୁ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ମହାବୀର ଯୁବ ପରିଷଦ ଓ କାଦୁଆ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ସବକୁସରସ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରହିଥିବାରୁ ଆବାହକ ତୁଷାରକାନ୍ତ ଦାଶ ସାଧୁବାଦ ଜ୍ଞାପନ କରିଛନ୍ତି। ୪ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମର ବିଭିନ୍ନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ଜଣାପଡିଛି।

# ଭାଗବତ ସପ୍ତାହ, ଗୀତା ମହାଯଜ୍ଞ

ଖଣ୍ଡପଡା,୨।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧିନ ଖଳିସାହି ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ୨୭ ତମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ, ପ୍ରବଚନ ଓ ଗୀତା ମହାଯଜ୍ଞ କାର୍ଯ୍ୟକ୍ରମ ଫେବୃୟାରୀ ୨୩ ରୁ ଆରମ୍ଭ ହୋଇ ସୋମବାର ୮ମ ଦିନରେ ଉଦ୍‌ଯାପିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ପ୍ରତ୍ୟେହ ସୂର୍ଯପୂଜା, ବିଷ୍ଣୁ ସହସ୍ର ନାମ, ଭାଗବତ ଓ ଗୀତା ପାଠ ଅନୁଷ୍ଠିତ ହେଉଛି। କର୍ତ୍ତାଭାବେ ସୁରେନ୍ଦ୍ର କୁମାର ସାହୁ, କର୍ମାଚାର୍ଯ୍ୟ ଭାବେ ସୁରେଶ ଚନ୍ଦ୍ର ମିଶ୍ର. ବ୍ୟାସ ପଣ୍ଡିତ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ମନ୍ଦିର ପୂଜକ ଅଭିମନ୍ୟୁ ପଣ୍ଡା ଓ ମନୋଜ କୁମାର ପତି କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ଜଣାପଡିଛି। ଦୈନିକ ପ୍ରବଚନ ଶ୍ରବଣ ନିମନ୍ତେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି। ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି। ୧୪ ତାରିଖରେ ପୂର୍ଣ୍ଣାହୁତି ସହ ଗୀତା ମହାଯଜ୍ଞ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି ।


ଗୀତା ଯଜ୍ଞ କରାଯାଉଛି।

# ଭାଲୁ ମୁଣ୍ଡିଆ ପୁଣି ଜଳିଲାଣି

## ହାତୀମୁଣ୍ଡା ଜଙ୍ଗଲ ନିଆଁ ଲିଭି ପାରିଲାନି

ନୟାଗଡ଼,୨।୩(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜ ଖେଉପଡା ବିଟ୍ ର ହାତୀମୁଣ୍ଡା ସଂରକ୍ଷିତ ଜଙ୍ଗଲର ଚକାପଥର ନିକଟସ୍ଥ ଅଁଳାବାଙ୍କ ଜଙ୍ଗଲର ନିଆଁ ଲିଭି ନଥିବାବେଳେ ଭାଲୁ ମୁଣ୍ଡିଆରେ ନିଆଁ ଲାଗିଲାଣି । ଫେବୃଆରୀ ୩୧ ରାତିରୁ ହାତୀମୁଣ୍ଡା ଜଙ୍ଗଲ ଜଳୁଛି । ବନବିଭାଗର କର୍ମଚାରୀ ଏହାକୁ ଆୟତ କରି ପାରି ନାହାନ୍ତି। ହାତୀମୁଣ୍ଡା ଜଙ୍ଗଲ ପରେ ଭାଲୁ ମୁଣ୍ଡିଆର ନିଆଁ ଚିନ୍ତାର କାରଣ ହୋଇଛି । ଜଙ୍ଗଲ ନିଆଁ ଲିଭାଇବା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦପେକ୍ଷ ନ ନେଲେ ପରିସ୍ଥିତି ଅଣାୟତ ହୋଇ ପଡିବ। ଗାଁ ଓ ସହର ମୁଖୀ ହେବେ ବନ୍ୟ ଜୀବଜନ୍ତୁ । ଶିକାର ବଢ଼ି ଚାଲିବ ବୋଲି ପରିବେଶିତ ମାନେ ଚିନ୍ତା ପ୍ରକଟ କଲେଣି। ସେପଟେ ବହୁ ଔଷଧିୟ ବୃକ୍ଷ ବି ଜଳି ଯାଉଥିବା ପରିବେଶବିତ୍ ମାନେ କହୁଛନ୍ତି ।

# କୁମୁଦୁନୀଙ୍କ ପାଇଁ ଆବାସ ଯୋଜନା ଦିବାସ୍ୱପ୍ନ

ଶରଣକୁଳ,୨।୩ (ଦୀପକ କର)

ଶରଣକୁଳ ନିକଟ ମଗରବନ୍ଧ ପଞ୍ଚାୟତ ଫାଶିପଲ୍ଲୀ ଗ୍ରାମର କୁମୁଦୁନି ସ୍ୱାଇଁ ଆବାସ ଖଣ୍ଡିଏ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ବହୁଥର ଗୁହାରି କଲେଣି କିନ୍ତୁ ଆବାସ ତାଙ୍କ ପାଇଁ ଏକ ଯନ୍ତ୍ରଣା ପାଲଟିଛି। ଫାଶିପଲ୍ଲି ଗ୍ରାମର ଆନନ୍ଦ ଚରଣ ସ୍ୱାଇଁଙ୍କ ବିଭିନ୍ନ ଝଡଝଞ୍ଜା ଦେଇ ଗତି କରୁଛନ୍ତି। ଦିନେ ଖାଇଲେ ଆଉ ଦିନେ ଉପବାସ ରହିବାକୁ ପଡୁଛି। ଚାଳ ଛପର ଘରେ ଆନନ୍ଦ ଓ ସ୍ତ୍ରୀ କୁମୁଦୁନି ବର୍ଷ ବର୍ଷ ଧରି ଦିନ କାଟୁଛନ୍ତି। ବାର୍ଦ୍ଧକ୍ୟ ସମୟରେ ମା' ବାପା ଦୁଇଜଣଙ୍କୁ ଛାଡି ତାଙ୍କ ଦୁଇ ପୁଅ ବାହାରେ ଯାଇ ରହୁଛନ୍ତି। ଚଳିବାକୁ ଘର ଖଣ୍ଡିଏ ନ ଥିବାରୁ ସେହି ଭଙ୍ଗା ଘର ହିଁ ଏକମାତ୍ର ଭରଷା ପାଲଟିଛି।


ନିଜ ଛପରଘର ଆଗରେ ଆନନ୍ଦ ଚରଣ ସ୍ୱାଇଁ ଓ ସ୍ତ୍ରୀ କୁମୁଦୁନି।

ଅର୍ଥାଭାବରୁ ଘର କରିବା ତ ଦୂରର କଥା ଚାଳ ଛପର କରିବା ତାଙ୍କ ପକ୍ଷେ କଷ୍ଟଦାୟକ ହୋଇପଡୁଛି। ଗତ ୩ବର୍ଷ ତଳେ ଆବାସ ତାଲିକାରେ କୁମୁଦୁନିଙ୍କ ନାଁ ଥିଲେ ମଧ ଚକ୍ରାନ୍ତ କରି ତାଲିକାରୁ ତାଙ୍କ ନାଁ କାଟି ଦେଇଥିବା କୁମୁଦୁନି କହିଛନ୍ତି।

ସେତିକି ନୁହଁ ତାଙ୍କୁ ଆବାସ ପାଇବାକୁ ଅର୍ଥ ଦାବି କରାଯାଇଥିଲା କିନ୍ତୁ ଅର୍ଥ ଦେବାକୁ ତାଙ୍କ ପକ୍ଷେ ସମ୍ବଳ ନ ଥିବାରୁ ଘର ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ବର୍ଷାଦିନ ହେଲେ ଘରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥାଏ ବୋଲି କହିଛନ୍ତି। ସରକାରଙ୍କ ଯୋଜନା କାହା ପାଇଁ ବୋଲି କହି ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରି ଗତ ଜିଲାପାଳଙ୍କ ଜନ ଶୁଣାଣ ଶିବିରକୁ ଆସି କୁମୁଦୁନି ଅଭିଯୋଗ କରିଛନ୍ତି। ତାଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ମିଳିଛି କିନ୍ତୁ ବାସ୍ତବରେ ତାଙ୍କୁ ଆବାସ ମିଳିବ କି ନାହିଁ ତାହା ଦେଖିବାକୁ ବାକି ରହିଛି। ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଏଭଳି କେବଳ ପ୍ରତିଶ୍ରୁତି ଦିଆଯାଇ ପରବର୍ତ୍ତୀ ସମୟରେ ତାଙ୍କୁ ଅଣଦେଖା କରାଯାଇଥିବା କଥା କୁମୁଦୁନି କହିଛନ୍ତି। ଜିଲା ପ୍ରଶାସନ କୁମୁଦୁନିଙ୍କୁ ଖୁବ ଶୀଘ୍ର ଆବାସ ଯୋଗାଇ ଦେବାକୁ ଦାବି ହେଉଛି।

**ବଛୋଳରେ ଚେତନା ଗାୟତ୍ରୀ ମହାଯଜ୍ଞ**

ସିଂହପୁର ୨।୩ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ବଛୋଳରେ ଗାୟତ୍ରୀ ମହାଯଜ୍ଞ ଫେବୃଆରୀ ୨୭ରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ହୋଇଛି। ପ୍ରଥମ ଦିବସରେ ସାଧିକାସାଧକଙ୍କ ଦ୍ୱାରା କଳସ ଯାତ୍ରା, ଚଣ୍ଡୀପାଠ, ଯଜ୍ଞ, ଗୁରୁପୂଜା, ଗୀତା ପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଣ୍ଡିତ ରବୀନ୍ଦ୍ର କୁମାର ମହାନ୍ତିଙ୍କ ପ୍ରବଚନ ପ୍ରଦାନ କରିଥିଲେ। ଅସୁରାଳି ପାଠର ପଣ୍ଡିତ ଦୟାନିଧି ମିଶ୍ର ଯଜ୍ଞରେ ପୂଜା କାର୍ଯ୍ୟ ସଞ୍ଚାଳନ କରିଥିଲେ। ବଛୋଳ, ହରସିଂହପୁର, ଟିଣ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ୭୫ଲକ୍ଷ ବ୍ୟୟରେ ନାଳର ପୁନରୁଦ୍ଧାର, ଡାଲୁ ନିର୍ମାଣ ହେବ

## ଭୋଟକା ପଞ୍ଚାୟତ ବଡ଼ନାଳର ଭିତ୍ତିପ୍ରସ୍ତର ସ୍ଥାପନ

**ରସୁଲପୁର, ୨।୩ (ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଅଧୀନ ଭୋଟକା ଗ୍ରାମରେ ଅବସ୍ଥିତ ବଡ଼ନାଳର ପୁନରୁଦ୍ଧାର ଓ ଡାଲୁ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟ ପାଇଁ ଜଳସମ୍ପଦ ବିଭାଗ ଅଧୀନ ଡ୍ରେନେଜ ବିଭାଗ ପକ୍ଷରୁ ୭୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଉକ୍ତ ଅର୍ଥକୁ ବ୍ୟୟ କରାଯାଇ ନାଳର ପୁନଃରୁଦ୍ଧାର, ନାଳ ଉତ୍ପତ୍ତି ସ୍ଥଳରେ କଲଭର୍ଟ ନିର୍ମାଣ, ଉଭୟପାର୍ଶ୍ୱରେ ଥିବା ଚାଷଜମିକୁ ସୁରକ୍ଷା ଦେବାକୁ ଡାଲୁ ନିର୍ମାଣ କରାଯିବ। ଉକ୍ତ ନାଳର ପୁନରୁଦ୍ଧାର କରାଗଲେ ଚାଷୀମାନଙ୍କ ପାଇଁ ଜଳସେଚନ ସୁବିଧା ହେବା ସହ ନାଳରୁ ବର୍ଷା ଓ ବନ୍ୟାଜଳ ନିଷ୍କାସନ ସହଜ ହେବ। ପୁନରୁଦ୍ଧାର କାର୍ଯ୍ୟ ଶେଷ ହେବା ପରେ ନାଳର ବିଭିନ୍ନସ୍ଥାନରେ ଚେକ୍ ଡ୍ୟାମ ନିର୍ମାଣ କରାଯାଇ ଜଳ ସଂରକ୍ଷଣ ବ୍ୟବସ୍ଥା ସହ ଚାଷକାର୍ଯ୍ୟ ପାଇଁ ଜଳସେଚନ ସୁବିଧା ସୃଷ୍ଟି କରାଯିବା ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ବୋଲି ବିଧାୟକ ଦାସନାୟକ କହିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ।

ଏହି ନାଳର ପୁନରୁଦ୍ଧାର କରିବାକୁ ୨୦୧୫ ମସିହାରେ ପଞ୍ଚାୟତ ପକ୍ଷରୁ ଡ୍ରେନେଜ ବିଭାଗକୁ ପତ୍ର ଜରିଆରେ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ପ୍ରସ୍ତାବ ମୁତାବକ ଯାଜପୁର ଜିଲା ଡ୍ରେନେଜ ବିଭାଗର ତତ୍କାଳୀନ ଅଧୀକ୍ଷଣଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ନାଳର ସ୍ଥିତି ପରଖି ପୁନରୁଦ୍ଧାର କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ତଦ୍‌ନୁଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟୟ ଅଟକଳ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବା ଦିଗରେ ବିଧାୟକ ପଦକ୍ଷେପ ନେଇଥିବାରୁ ଭୋଟକା ପଞ୍ଚାୟତବାସୀଙ୍କ ପକ୍ଷରୁ ବିଧାୟକ ଦାସନାୟକ ଓ ବିଭାଗୀୟ ଅଧିକାରୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ପ୍ରକାଶଥାଉ କି ଏଠାରେ ବଡ଼ ନାଳ (୩.୫ କିମି) ଭୋଟକା ଗ୍ରାମର ତୈଲାବର ପଡିଆ ନିକଟସ୍ଥ ଜଳଧର ପାଟରୁ ବାହାରି ମୂଳ ଖରସ୍ରୋତା ନଦୀକୁ ସଂଯୋଗ କରୁଛି। ଉକ୍ତ ନାଳ ଦେଇ ଭୋଟକା, ସୁଆଁସାହି ଆଦି ଗ୍ରାମରୁ ବହି ଆସୁଥିବା ବର୍ଷାଜଳ ନଦୀଗର୍ଭକୁ ବହିଯାଇଥାଏ ଏବଂ ନଦୀରେ ଆସୁଥିବା ବନ୍ୟାଜଳ ପାଟ ମଧ୍ୟରେ ପ୍ରବେଶ ଓ ନିଷ୍କାସନ ହୋଇଥାଏ। ଏହି ପ୍ରକ୍ରିୟାରେ ପ୍ରତିବର୍ଷ ନଦୀଜଳରେ ଆସୁଥିବା ପଟୁମାଟି, ଗାଁଗଣ୍ଡାର ଅଳିଆ ଅବର୍ଜନାରେ ନାଳ ପୋତି ହୋଇଯାଏ। ଫଳରେ ଜଳ ନିଷ୍କାସନ ହୋଇ ନ ପାରି ପାଟର ଖାଲୁଆ ଅଞ୍ଚଳରେ ଥିବା ଚାଷଜମି ଚାଷ ଉପଯୋଗୀ ହୋଇପାରେନାହିଁ। ଉକ୍ତ ନାଳର ପୁନରୁଦ୍ଧାର କରାଗଲେ ଚାଷୀମାନଙ୍କ ହିତ ସାଧନ ହୋଇପାରିବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି, ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ବାହାଦଲାପୁର ସମିତି ସଭ୍ୟା ମାମି ମହାନ୍ତି, ଡ୍ରେନେଜ ବିଭାଗ-ଚଣ୍ଡିଖୋଲ ପକ୍ଷରୁ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ଦେବସ୍ମିତା ଦାସ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦାସ, ପରିବେଶବିତ୍ ଗୋପୀନାଥ ପତି, ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ଭାଜପା ନେତା ବିନୋଦ ମହାରଣା, ସୁବାସ ନାୟକ, ହିମାଂଶୁ ବେହୁରିଆ, ଭୋଟକା ପଞ୍ଚାୟତ ଭାଜପା ସଭାପତି ନରେଶ ଆଏଚ, ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ ଦେଓ ପ୍ରମୁଖ ଯୋଗଦେଇଥିଲେ। ଯୁବନେତା ସଞ୍ଜୟ ରାଉତ, ଅନୀଲ ସାମନ୍ତରାଏ, ରତ୍ନାକର ମଲିକ, ଅଶୋକ କୁମାର ମଲିକ, ଯଶୋବନ୍ତ ଦାସ, ଦିଲୀପ କୁମାର ରାଉତଙ୍କ ସମେତ ଭୋଟକା ଗ୍ରାମବାସୀ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ଦାସନାୟକଙ୍କୁ ବାବା ବିଶ୍ୱନାଥଙ୍କ ମନ୍ଦିର ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା

## ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

**ପାଣିକୋଇଲି, ୨।୩ ( ବିକାଶ ଚନ୍ଦ୍ର ମଲ୍ଲିକ)**



ଏକ ମରଣାନ୍ତ ଆକ୍ରମଣ ମାମଲା ରୁଜୁକୁ ୧୪ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ହାତବାନ୍ଧି ବସିଛି। ପୀଡିତା ନ୍ୟାୟ ନ ପାଇ ଶେଷରେ ସୋମବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛି।

ଧର୍ମଶାଳା ଥାନା ଅନ୍ତର୍ଗତ ନିଳାଦେଇପୁର ଗ୍ରାମର ଦମୟନ୍ତୀ ଓଝା ୨୦୨୪ ଡିସେମ୍ବର ୧୧ ଯାଜପୁର ସଦର ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଆକଶ କୁମାର ଓଝାଙ୍କ ସହ ବୈଦୀକ ରୀତିରେ ବିବାହ କରିଥିଲେ। ବିବାହର ୧୫ ଦିନ ପରେ ଆକଶ କାମ କରୁଥିବା ବ୍ରହ୍ମପୁରକୁ ପଳାଇଥିଲେ। ତାଙ୍କୁ ଫୋନ କଲେ ବି ସେ ବ୍ୟସ୍ତ ଅଛନ୍ତି କହି ଫୋନ କାଟି ଦିଅନ୍ତି। ପରେ ସେ ଆସି ଦମୟନ୍ତୀଙ୍କୁ ବ୍ରହ୍ମପୁର ନେଇଯାଇଥିଲେ। ସେଠାରେ ୧୩ ଦିନ ରହିବା ଭିତରେ ନିଶାସକ୍ତ ଭାବେ ଆକାଶ ବିଭିନ୍ନ ସମୟରେ ଆକ୍ରମଣ ଓ ମାରପିଟ କରନ୍ତି। ତାଙ୍କ ଅନିଚ୍ଛାରେ ପରିବାର ଲୋକ ବିବାହ କରାଇଛନ୍ତି ବୋଲି କୁହନ୍ତି। ଅନ୍ୟ ଝିଅ ସହ ତାଙ୍କର ସମ୍ପର୍କ ରହିଥିବା ମଧ୍ୟ ଜଣାପଡିଥିଲା। ପରେ ବ୍ରହ୍ମପୁରରୁ ନେଇ ଆସି ତାଙ୍କ ସପରିବାର ଯାଜପୁର ଟାଉନସ୍ଥିତ ଲଳିତେଶ୍ୱର ନଗର ଭଡା ଘରେ ରହୁଥିବା ଘରେ ସେମାନେ ରହିଥିଲେ। ହେଲେ ସମସ୍ତ ପରିବାର ସହିତ ତାଙ୍କର ସମ୍ପର୍କ ଭଲ ନ ଥିଲା। ଶ୍ୱଶୁର ରବୀନ୍ଦ୍ର ମଧ୍ୟ ତାଙ୍କୁ ଲୋଲୁପ ଦୃଷ୍ଟିରେ ଦେଖନ୍ତି। ୨୦୨୬ ଫେବୃଆରୀ ୧ରେ ତାଙ୍କ ପରିବାରର ସ୍ୱାମୀ, ଶାଶୁ, ଶ୍ୱଶୁର, ଦାଦା ଶ୍ୱଶୁର, ଦିଅର ଓ ନଣନ୍ଦ ମିଶି ଏକ ବଣ୍ଡ ପେପରେ ଜବରଦସ୍ତ ଦସ୍ତଖତ କରାଇନେବା ପରେ ମାଡ ମାରିଥିଲେ। ଖାଇବାକୁ ନ ଦେଇ ଘରେ ପୂରାଇ ବନ୍ଦ କରି ରଖୁଥିଲେ। ଏମିତିକି ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଫେବୃଆରୀ ୩ ତାରିଖ ମାଡ ସମୟରେ ଘର ମାଲିକ ପହଞ୍ଚିଯିବା ବେଳେ ଦମୟନ୍ତୀଙ୍କ ଭାଇ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଏ ନେଇ ୭ ତାରିଖ ଯାଜପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଚାପର ବଶବର୍ତ୍ତୀ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ମାମଲା ରୁଜୁ କଲା ନାହିଁ। ପରେ ୧୭ ତାରିଖ ନଂ. ୬୧/୨୬ରେ ମାମଲା ରୁଜୁ ହୋଇଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ନିଆଯାଇନାହିଁ। ଫଳରେ ନ୍ୟାୟରୁ ବଞ୍ଚିତ ହୋଇ ଦମୟନ୍ତୀ ସୋମବାର ଏସପିଙ୍କୁ ଭେଟି ଜୀବନର ସୁରକ୍ଷା ଓ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ନୀଳପଥର ଚାଲାଣକାରୀ ୪ ଗିରଫ

**କାଳିଆପାଣି, ୨।୩ ( ଅସିତ ମହାନ୍ତ)**

ଯାଜପୁର ଜିଲା ଟମକା ବନାଞ୍ଚଳରେ ଚାଲିଥିବା ନୀଳପଥର ଚୋରା ଚାଲାଣକାରୀ ୪ ଜଣଙ୍କୁ ବନ ବିଭାଗ ଗିରଫ କରିବା ସହ ନଂ. ୯୦/୨୬ରେ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ କହିଛନ୍ତି।ବନାଞ୍ଚଳ ଅଧିକାରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ନୀଳ ପଥର ରାଜସ୍ଥାନୀ ବ୍ୟବସାୟୀଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ରାଇଘାଟି ଅଞ୍ଚଳରୁ ପୁଣି ୨ ଜଣଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଗିରଫ ହୋଇଥିବା ରାଜସ୍ଥାନୀ ବ୍ୟବସାୟୀଙ୍କ ସୂଚନା ଆଧାରରେ ବନ ବିଭାଗ ସନ୍ଧ୍ୟା ୬ଟାରେ ରାଇଘାଟି ଅଞ୍ଚଳରେ ଚଢ଼ାଉ କରି ଗିରଫ କରିଛି। ସେମାନେ ହେଲେ ଟମକା ଥାନା ଅଞ୍ଚଳର ଇନ୍ଦ୍ରଜିତ ମୁଣ୍ଡା ଓ ଦେବନ ମୁଣ୍ଡା। ଏହି ଚଢାଉରେ ରବିବାର ବନ ବିଭାଗ ନଂ. ଓଆର ୨ ବିୱାଇ ୪୧୮୮ ପିକଅପ୍ ଭ୍ୟାନକୁ ଜବତ କରିଥିଲା। ତଲାସି ସମୟରେ ସେଥିରୁ ପ୍ରାୟ ୬ ଟନ୍ ଓଜନର ଉଚ୍ଚମାନର ନୀଳପଥର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ। ରବିବାର ରାତିରେ ମାମଲାରେ ରାଜସ୍ଥାନର ମୁଖ୍ୟ ବ୍ୟବସାୟୀ କୁଲଦୀପ ସିଂ ଯାଦବ (ଖୋର୍ଦ୍ଧା ନିବାସୀ) ଏବଂ ତାଙ୍କ ସହଯୋଗୀ ବରଗଡ଼ର ବୁଦ୍ଧୁରାଜୁ ବାବୁଙ୍କୁ ଗିରଫ କରାଯାଇଥିଲା।

# ବେଦୀହୁଡାରେ ମେଳଣ ଉତ୍ସବ

**ବଡ଼ଚଣା, ୨।୩ (ଦିଲୀପ କୁମାର ମହାନ୍ତି):**

ବଡଚଣା ପଞ୍ଚାୟତର ଦେଉଳକୁର ଗ୍ରାମର ପ୍ରସିଦ୍ଧ ଧର୍ମପୀଠ ବେଦୀହୁଡାଠାରେ ମେଳଣ ଉତ୍ସବ ପାଳିତ ହୋଇଯାଇଛି। ଏହି ପୀଠ ଥିଲା ଧର୍ମରାଜ ଯୁଧିଷ୍ଠିରଙ୍କ ପୀଠ, ସେଥିପାଇଁ ଦୀର୍ଘ ୧୦୦ ବର୍ଷ ହେଲା ଏଠାରେ ଲୀଳାମୟ ପୁରୁଷ ଭଗବାନ ଶ୍ରୀକୃଷ୍ଣ, ମା' ଶ୍ରୀରାଧାଙ୍କ ମେଳଣ ଉତ୍ସବ ଫଗୁ ଦଶମୀ ତିଥିରେ ପାଳନ ହୋଇଆସୁଛି। ରବିବାର ରାତ୍ରିରେ ବିଭିନ୍ନ ସ୍ଥାନରୁ ଶ୍ରୀରାଧାକୃଷ୍ଣଙ୍କ ବିମାନରେ ବସାଇ ମେଳଣ ସ୍ଥାନରେ ପହଞ୍ଚି ଥିଲେ। ସୋମବାର ସକାଳୁ ଥାନପତି ଶ୍ରୀରାହାସ ବିହାରୀ ଜୀଉଙ୍କୁ ଏକ ବିମାନରେ ବସାଇ ବାଜା ବଜାଇ, ଆତସବାଜି ଫୁଟାଇ, ଭକ୍ତମାନେ ଭଜନ, କୀର୍ତ୍ତନ କରି ମଣ୍ଡପ ନିକଟରେ ପହଞ୍ଚି ଥିଲେ। ସେହିପରି ବିଭିନ୍ନ ଗ୍ରାମର ପୀଠରୁ ୩୦ ବିମାନ ଶ୍ରୀରାଧଶକୃଷ୍ଣଙ୍କ ଆସ୍ଥାନରେ ବସିଥିଲେ। ବିମାନରେ ଠାକୁର ମଣ୍ଡପ ପହଞ୍ଚିବା ପରେ ବେଦୀହୁଡ଼ା ମେଳଣ ଉତ୍ସବ କମିଟିର ସଭାପତି ବିଜୟ ପ୍ରଧାନ, ସମ୍ପାଦକ ଶିବ ପ୍ରସାଦ ରାଉତ, ପୂର୍ବତନ ସରପଞ୍ଚ ଭାଗ୍ୟଧର ପ୍ରଧାନ, ଅବିନାଶ ରାଉତ, ନିରଞ୍ଜନ ଦାସ, ପ୍ରଫୁଲ୍ଲ ପଣ୍ଡା, ଚିତ୍ତରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାସ, ପ୍ରମୁଖ ପ୍ରଭୁଙ୍କ ପାଇଁ ଭୋଗ, ଧୂପ, ପୁଷ୍ପ ମାଲ୍ୟ ଅବିର ଲଗାଇଥିଲେ।ଏଥିରେ ରବୀନ୍ଦ୍ରନାଥ ଦାଶ, ସୁଶ୍ରୀ କାମିନୀ ନାୟକ, ଡା. ପାବନେଶ୍ୱର ଜେନା, ଜଗନ୍ନାଥ ପ୍ରଧାନ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ମେଳଣରେ ଠାକୁର ବିମାନରେ ବସିଛନ୍ତି।

# ଅଞ୍ଜିରା ପଞ୍ଚାୟତର ନିଶା ନିବାରଣ ଅଭିଯାନ




**ଜେନାପୁର, ୨।୩(ଅଶୋକ ଦାସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଅଞ୍ଜିରା ପଞ୍ଚାୟତରେ ନିଶା ନିବାରଣ ଅଭିଯାନ ସୋମବାର ଆରମ୍ଭ ହୋଇଛି। ଚୋରାରେ ଜିଲା ବାହାରୁ ଦେଶୀ ମହୁଲି ଆଣି ଅଳସଗଣ୍ଡ ଗ୍ରାମ, ଢଙ୍କୁଣୀଆ, ଅଞ୍ଜିରାଗଡ଼, ଟାଇଲ ସାହି ଗ୍ରାମର ଦୀର୍ଘଦିନ ହେବ ଦେଶୀ ମହୁଲି ବିକ୍ରି କରାଯାଉଛି। ଏହି ମଦ ପିଇ ଲୋକେ ରାସ୍ତା ଘାଟରେ ଖରାପ ଭାଷାରେ ଗାଳିଗୁଲଜ କରୁଥିବାରୁ ମହିଳା ଛୋଟ ଛୋଟ ପିଲାଙ୍କ ଉପରେ କୁପ୍ରଭାବ ପକାଉଛି। ଏ ନେଇ ଗ୍ରାମର ପଞ୍ଚେଇଁ ସାମଲ, କମଳୀ ପାଇକ, କଳ୍ପନା ପ୍ରଧାନ, ମାଳବିକା ପ୍ରଧାନ, ମମତା ଖଟୁଆଙ୍କ ସମେତ ୫୦ ଊର୍ଦ୍ଧ୍ୱ ମହିଳା ଶୋଭାଯାତ୍ରାରେ ଜେନାପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଯଦି ଏଥିପ୍ରତି ପୋଲିସ ତୁରନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ। ଆଗାମୀଦିନରେ ଥାନା ଆଗରେ ଧାରଣା ଦିଆଯିବ ବୋଲି ଗ୍ରାମର ମହିଳାମାନେ ଚେତାବନୀ ଦେଇଛନ୍ତି।

# ୩ ବାଲି ବୋଝେଇ ହାଇୱା ଜବତ

**ପାଣିକୋଇଲି, ୨।୩ (ବିକାଶ ଚନ୍ଦ୍ର ମଲ୍ଲିକ)**

ପାଣିକୋଇଲିଠାରେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ୩ଟି ବାଲି ହାଇୱାକୁ ସୋମବାର ଜବତ କରି ପାଣିକେଇଲି ଥାନା ଜିମା ଦେଇଛନ୍ତି। ବ୍ୟାସନଗର ତହସିଲଦାର ପଣ୍ଡା ପାଣିକୋଇଲି ବଜାର ଅତିକ୍ରମ କରୁଥିବା ବେଳେ ବାଲି ବୋଝେଇ ଭାରୀଯାନ (ହାଇୱା)କୁ ଯାଞ୍ଚ କରିଥିଲେ। ଯାଂଚ ସମୟରେ ୩ ହାଇୱା କାଗଜପତ୍ର ଦେଖାଇ ନ ପାରିବା ଯୋଗୁ ସେଗୁଡିକୁ ପୋଲିସ ଜିମା ଦେଇଥିଲେ। ଗାଡି ସହ ୩ ଚାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

# ହାଇୱା ଦୁର୍ଘଟଣାରେ ସାହିତ୍ୟିକ ଗୁରୁତର

**ପାଣିକୋଇଲି, ୨।୩ ( ବିକାଶ ଚନ୍ଦ୍ର ମଲ୍ଲିକ)**

ପାଣିକୋଇଲି ଥାନା ସ୍ଥାନୀୟ ବଜାର ଟ୍ରାଫିକ୍‌ରେ ସେମାବାର ମଧ୍ୟାହ୍ନରେ ଏକ ହାଇୱା ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୋରେଇ ମଣ୍ଡଳ ସାହିତ୍ୟ ସଂସଦର ସମ୍ପାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ। ଖୁଣ୍ଟିଆ ଏକ ସ୍କୁଟି ଯୋଗେ ବଜାର ଅତିକ୍ରମ କରୁଥିବା ବେଳେ ଓଭରବ୍ରିଜ ମଧ୍ୟରୁ ଏକ ହାଇୱା (ଓଡି୦୧ଏଡବ୍ଲୁ ୮୬୧୯) ହଠାତ ତାଙ୍କ ଆଡକୁ ମାଡିଆସି ଆସିଥିଲା। ଫଳରେ ଖୁଣ୍ଟିଆ ସ୍କୁଟି ସହ ହାଇୱା ତଳେ ପଶି ଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସ ପହଞ୍ଚି ତାଙ୍କୁ ହାଇୱା ତଳୁ ଉଦ୍ଧାର କରିଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ଖବର ପାଇଁ ବହୁ ବ୍ୟକ୍ତି ସେଠାରେ ପହଞ୍ଚି ଥିଲେ। ପରିବାର ଲୋକ ପହଞ୍ଚି ଏକ ଘରୋଇ ଆମ୍ବୁଲାନ୍ସରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ୧୯୪ ପଞ୍ଜୀକୃତ



ପ୍ରଶାସନିକ ଅଧିକରୀ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

**ଯାଜପୁର ସଦର, ୨।୩ (ସମର ବିଜୟ ଶରଣ)**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉପସ୍ଥିତ ରହି ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ। ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ମୋଟ ୧୯୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୪, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୭, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୩ ଅଭିଯୋଗର ଶୁଣାଣି କରାଯାଇଥିଲା। ୪୦ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ତହସିଲଦାର ରବି ନାରାୟଣ ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ କ୍ରିଷ୍ଣା



@ ମିଟୁ



@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ମୃତକଙ୍କ ୨ ପରିବାରକୁ ଭେଟିଲେ ବିଧାୟକ



**ବଡ଼ଚଣା, ୨।୩ (ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ବନ୍ତଳା ପଞ୍ଚାୟତ ଉପୁଳା ଗାଁରେ ଶନିବାର ରାତିରେ ସଂକୀର୍ତ୍ତନ ସାରି ଫେରୁଥିବା ବେଳେ ଗାଡି ଓଲଟି ପଡିବାରୁ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଥିଲା। ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୃତ ଉପେନ୍ଦ୍ର ମଲିକ ଓ ଚନ୍ଦନ ମଲିକଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଲୋକଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ। ଦୁର୍ଘଟଣାରେ ଗୁରୁତର ହୋଇଥିବା ଲକ୍ଷ୍ମୀଧର ମଲିକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ତାଙ୍କ ସହ ମଣ୍ଡଳ ସଭାପତି ବିମଳ ପ୍ରଧାନ, ଜିଲା ଭାଜପା କାର୍ଯ୍ୟକାରି ସଭାପତି ଲଲାଟେନ୍ଦୁ ମହାପାତ୍ର, ଯୁବନେତା ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ ପ୍ରମୁଖ ମୃତକ ପରିବାରଙ୍କୁ ସାକ୍ଷାତ କରି ସମବେଦନା ଜଣାଇଥିଲେ।



## ପାଣିରେ ବୁଡି ଜଣଙ୍କର ମୃତ୍ୟୁ

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ଥାନା ଅନ୍ତର୍ଗତ ବନ୍ଧପଡା ଗାଁର ବାଉରୀ ବନ୍ଧୁ ଦାସ (୫୩ ବର୍ଷ) ସୋମବାର ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଗାଁ ପାଖ ଯୋରକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ତାଙ୍କ ଗୋଡ ଖସି ଯାଇଥିଲା। ପହଁରା ଜାଣିନଥିବାରୁ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମିଲରଙ୍କ ମନମାନି: ମାସେ ହେବ ମଣ୍ଡିରୁ ଉଠୁନି ଧାନ

**ମହାକାଳପଡ଼ା, ୨।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବିଜୟନଗର ସମବାୟ ସମିତି ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ମାସ ମାସ ଧରି ପଡ଼ି ରହିଛି। ଏଥି ମଧ୍ୟରେ ପଞ୍ଜୀକୃତ ଚାଷୀଙ୍କ ଧାନ ବିକ୍ରୟ କରିବା ଅବଧି ତାରିଖ ଶେଷ ହୋଇଯାଇଥିଲେ ମଧ୍ୟ ଉଠି ପାରୁନି। ମିଲରଙ୍କ ମନମାନି ଓ ସମବାୟ ସମିତି ସମ୍ପାଦକଙ୍କ ଭିତିର ଚାଲ ଯୋଗୁ ଚାଷୀଟି ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବିଜୟନଗର ସମବାୟ ସମିତିର ପଞ୍ଜୀକୃତ ଚାଷୀ ମହନୀ ଜେନାଙ୍କ କ୍ଷେତ୍ରରେ । ଜେନାଙ୍କ କହିବା କଥା ଧାର କରଜ ଘରୋଇ ଋଣ କରି ଚାଷ କରିଥିଲି। ଭାବିଥିଲି ଧାନ ବିକ୍ରୀ କରି ଋଣ ପରିଶୋଧ କରିବି। ହେଲେ ମାସେ ହେଲାଣି ମଣ୍ଡିରେ ଧାନ ପଡ଼ିଛି


ବିଜୟନଗର ମଣ୍ଡିରେ ଚାଷୀ ମହନୀ ଜେନାଙ୍କ ଧାନ ଗଦା ହୋଇରହିଛି।

ବିକ୍ରୀ ହୋଇ ପାରୁନି, ଏହାର ଅବଧି ସାରିଲାଣି । ଚାଷୀମାନେ କହିବାରୁ ଟୋକନ ଅବଧି ଆଉ ଏକ ସପ୍ତାହ ସମିତି ବଢାଇଛନ୍ତି। ଚାଷୀ ମହନୀଙ୍କ କହିବା କଥା ମୋର ୮୨ କୁଇଣ୍ଟାଲ ଧାନ ବିକ୍ରୟ ବ୍ୟବସ୍ଥା ରହିଛି। ଧାନ ଯଦି ନ ଉଠିଲା ତେବେ ମଣ୍ଡି ସମ୍ମୁଖରେ ପେଟ୍ରୋଲ ଢାଳି ମରିବି ବୋଲି ଚେତାବନୀ ଦେଇଛନ୍ତି। ବିଜୟନଗର ସମବାୟ ସମିତି ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ କହିବା କଥା ୫୦ କୁଇଣ୍ଟାଲରୁ ଅଧିକ ଧାନ ଉଠିବ ନାହିଁ ବୋଲି ଚାଷୀ ଜେନାଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟରଙ୍କ ମତାମତ ନେବାରେ ବିଜୟନଗର ସମବାୟ ସମିତିରେ ମାସେ ଧରି ଧାନ ଉଠୁନି ବୋଲି ଦୃଷ୍ଟି ଆକର୍ଷଣ କରାଯାଇଥିବା କଥା କହିଛନ୍ତି।

**ବିଜୟନଗର ସମବାୟ ସମିତି**
■ **ପେଟ୍ରୋଲ ଢାଳି ମରିବା ପାଇଁ ଚାଷୀଙ୍କ ଚେତାବନୀ**

ସୂଚନାଯୋଗ୍ୟ, ମଣ୍ଡିରେ ଧାନ ବସ୍ତାରେ ମୂଷା ଖାଇଲେଣି, ଆଉ କେଉଁଠି ତଳି ସନ୍ତସନ୍ତିଆ ହୋଇ ଗଜା ହେଲାଣି ତ ଗୋରୁ ବସ୍ତା ଫୁଟାଇ ଧାନ ଖାଇବା ଅଭିଯୋଗ ହେଉଛି। ଚାଷୀମାନଙ୍କର ଧାନ ବସ୍ତା ମଣ୍ଡିରେ ଖୋଲା ଆକାଶ ତଳେ ମାସ ମାସ ଧରି ପଡ଼ିଛି ରହିଛି ବୋଲି ବ୍ଲକର ୨୪ ମଣ୍ଡିରେ ଏଭଳି ଦେଖିବାକୁ ମିଳିଛି।

## ପୂର୍ବତନ ସରପଞ୍ଚ ମଧୁସୂଦନ ରାଉତଙ୍କ ଏକାଦଶାହରେ ସ୍ମୃତିସଭା

**ପାଟକୁରା, ୨।୨(ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ବନ୍ତଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ରାଉତଙ୍କ ଏକାଦଶାହରେ ଆୟୋଜିତ ସ୍ମୃତିଚାରଣ ସଭାରେ ତାଙ୍କ ଅତୀତ ରାଜନୈତିକ ଓ ସାମାଜିକ ଜୀବନ ସମ୍ପର୍କରେ ଅତିଥିମାନେ କହିଥିଲେ। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ମଧୁସୂଦନ ରାଉତଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସେ ଜଣେ ନିଜର ଘନିଷ୍ଠ ବନ୍ଧୁଙ୍କୁ ଓ ରାଜନୈତିକ ସହକର୍ମୀଙ୍କୁ ହରାଇଲେ ବୋଲି ମହାପାତ୍ର କହିଥିଲେ । ବିଜେଡିର ପୂର୍ବତନ ରାଜ୍ୟ ସମ୍ପାଦକ ରବି ସାମଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା,ପୂର୍ବତନ ସରପଞ୍ଚ ଅନୁଜ ମହାନ୍ତି ପ୍ରମୁଖ ରାଉତଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣକରି ତାଙ୍କର ସ୍ମୃତି ଚାରଣ କରିଥିଲେ ।

## ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ପଟ୍ଟାମୁଣ୍ଡାଇ, ୨।୩(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ବିଜୟ କେତନ ପାତ୍ରଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଅଜିତ ବାରିକ,ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରେମବାଳା ମହାପାତ୍ର ,ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକୁମାର ବିଶ୍ୱାଳ,ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଆହ୍ଲାଦିନ ଭଦ୍ର, ବାବାଜୀ ଚରଣ ଦାସ, ଅବସରପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ, ଅଳପୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସୁକାନ୍ତି ଶର୍ମା, ମାଳତୀ ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ଶର୍ମା, ବନ୍ଦେ ମାତରମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୀର ସେଠୀ ଓ ଏସ୍‌କେ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଜୟ କେତନ ପାତ୍ରଙ୍କ ବିଦ୍ୟାଳୟ ପ୍ରତି ଥିବା ଅବଦାନକୁ ଭୁରି ଭୁରି ପ୍ରଶଂସା କରିଥିଲେ । ସେ ଥିଲେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଶିକ୍ଷାଦାନ ସହିତ ବିଦ୍ୟାଳୟର ଉନ୍ନତି ପାଇଁ ଅହରହ ଉଦ୍ୟମ ଜାରି ରଖିଥିଲେ। ସର୍ବଦା ଛାତ୍ରୀଛାତ୍ରଙ୍କୁ ସଂସ୍କାର ଓ ଶୃଙ୍ଖଳା ଉପରେ ଗୁରୁତ୍ୱଦେଇ କିପରି ଭଲ ମଣିଷ ହେବେ ପରାମର୍ଶ ଦେଉଥିଲେ । ଅବସରକାଳୀନ ସଭାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଯୋଗଦେଇ ତାଙ୍କ ଗୁଣଗାନ କରିବା ସହିତ ସମ୍ବର୍ଦ୍ଧନା କରିଥିଲେ । ଏହି ବିଦାୟ କାଳୀନ ସଭାରେ ଅନ୍ୟ ଶିକ୍ଷକଙ୍କ ମଧ୍ୟରେ ଲୀନା ସାହୁ, ସୁଶ୍ରୀ ସଂଗୀତା ନାୟକ, ଶୁଭଶ୍ରୀ ଜେନା, ମାନସ ରଞ୍ଜନ ଭୋଇ, ରାଜକିଶୋର ବେହେରା,ଶୁଭଶ୍ରୀ ବେହେରା, ସଞ୍ଜୟ କୁମାର ବେହେରା,ତରଙ୍ଗବାଳା ରାଉତ, ଲିଲିରାଣୀ ରାଉତ, ଶ୍ୱେତପ୍ରଭା ନାୟକ ଓ ଜଗନ୍ନାଥ ପତି ସହଯୋଗ କରିବା ସହିତ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## ଶାଗ ଭାତ ଭୋଗ ପାଇବା ପାଇଁ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ

**ଡେରାବିଶ, ୨।୩(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗ୍ରାମରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶାଗ ଓ ଅନ୍ନ ପ୍ରସାଦ ଭୋଗ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ସୋମବାର ପ୍ରାତଃରୁ ସନ୍ଧ୍ୟା ଯାଏ ଲାଗି ରହିଛି । କେନ୍ଦ୍ରାପଡା-କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ପ୍ରସିଦ୍ଧ ଓଲକଣା ମେଳଣ ପଡିଆ ନିକଟ ଭକ୍ତ ବିଦୁର ମନ୍ଦିର କାହିଁ କେଉଁ କାଳରୁ ପ୍ରତିଷ୍ଠିତ ହୋଇଛି । ଭକ୍ତି ଓ ବିଶ୍ୱାସର ପ୍ରତୀକ ଭାବେ ପୂଜା ପାଉଥିବା ମହାପ୍ରଭୁ ବିଦୁରଙ୍କ ପାଇଁ ବହୁ ଜନଶ୍ରୁତି ରହିଛି।

ଜନଶ୍ରୁତି ଅନୁଯାୟୀ, ଦ୍ୱାପର ଯୁଗରେ ପାଣ୍ଡବ ୫ ଭାଇ ନିକଟସ୍ଥ ଡେରାଡିହ ଗ୍ରାମରେ ଅଜ୍ଞାତ ବାସରେ ରହିଥିବା ବେଳେ ଭକ୍ତ ବିଦୁର ଅରାଖଣ୍ଡ ଗ୍ରାମରେ ଏକ ଆଶ୍ରମ ସ୍ଥାପନ କରି ରହୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ଅତି ଅନ୍ତରଙ୍ଗ ଥିବା ଭକ୍ତ ବିଦୁରଙ୍କ ସମ୍ପର୍କ ସର୍ବଜନ ବିଦିତ । ତେବେ ବିଦୁରଙ୍କ ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣ ଅବସ୍ଥାନ ସମୟରେ ବିଦୁରଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ବର ଯାଚି ଥିଲେ।


ଠାକୁର ବିଦୁର ।

ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ବ୍ରାହ୍ମ ମୁହୂର୍ତ୍ତରେ ହରିହରଙ୍କ ମିଳନର ଦୃଶ୍ୟ ଦର୍ଶନ ପାଇଁ ଭକ୍ତ ବିଦୁର ବର ମାଗିଥିଲେ। ଶ୍ରୀକୃଷ୍ଣଙ୍କ ବର ପ୍ରଦାନ ଅନୁଯାୟୀ ପ୍ରସିଦ୍ଧ ଓଲକଣା ମେଳଣରେ ହରିହରଙ୍କ ମିଳନ ହୋଇଥାଏ । ତେବେ ଚଳିତ ବର୍ଷ ୩ ତାରିଖ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଗ୍ରହଣ ଅନୁଷ୍ଠିତ ହେଉଥିବାରୁ ସୋମବାର ରାତି ୩.୨୦ରେ ପାକତ୍ୟାଗ ଦେବନିତି ନିଷେଧ ରହିଥିବାରୁ ଚଳିତ ବର୍ଷ ଏହି ପ୍ରସିଦ୍ଧ ମେଳଣ ରାତି ୧୦ଟାରୁ ଆରମ୍ଭ ହୋଇ ୨ଟାରେ ଶେଷ ହେବାକୁ ନିଷ୍ପତି ନିଆଯାଇଛି। ଏହି ମିଳନ ଏକ ଅନନ୍ୟ ପରମ୍ପରା ଭାବେ ସମଗ୍ର ରାଜ୍ୟରେ ଖ୍ୟାତି ଲାଭ କରିଥାଏ । ମେଳଣ ପଡିଆରେ ସମସ୍ତ ବିମାନରେ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଥିବା ବେଳେ କଟକ ଜିଲା ମହାଙ୍ଗା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଶିବ ଶକ୍ତି ମେଳଣ ପଡିଆକୁ ଆସିଥାନ୍ତି । ପାରମ୍ପରିକ ରିତି ନୀତି ଅନୁସାରେ ଶ୍ରୀ ଭଦ୍ରେଶ୍ୱର ମେଳଣରେ ପହଞ୍ଚିବା ପରେ ଏକ ବିରାଟ ଆଳତୀ ୧୦୮ ଘଣ୍ଟ ପଟୁଆର ମରେ ବିଦୁରଙ୍କ ମନ୍ଦିରକୁ ଯାଇଥାନ୍ତି । ଏହି ଅପୂର୍ବ ଦୃଶ୍ୟ ଓ ହରିହର ମିଳନର ପର୍ବ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିମୁଗ୍ଧ କରିଥାଏ । ମନ୍ଦିରରେ ଚତୁର୍ଦ୍ଦଶୀ ତିଥିରେ ଶାଗ ଓ ଅନ୍ନପ୍ରସାଦ ଶ୍ରୀ ବିଦୁରଙ୍କ ନିକଟରେ ଭୋଗ ଲଗାଇଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ସୋମବାର ଚତୁର୍ଦ୍ଦଶୀ ତିଥି ଥିବାରୁ ମାନସିକ ଧାରୀ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି ।

## ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣି: ୧୨୧ ଅଭିଯୋଗ ପଞ୍ଜୀକୃତ

**ରାଜନଗର, ୨।୩(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୧ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୧୨ଟି ବ୍ୟକ୍ତିଗତ ଏବଂ ୯ ଟି ସାମୁହିକ ରହିଛି । ପଞ୍ଜୀକୃତ ହୋଇଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ଉପରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣିରେ ଜିଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡ଼ିଓ ଅଶୋକ କୁମାର ମହାନ୍ତି, ତହସିଲଦାର ଯୀଶୁକୃଷ୍ଣ ଦାସ, ଏସ୍‌ଡିପିଓ ସୁକାନ୍ତ କୁମାର ପାତ୍ର ଓ ଆଇଆଇସି ନରେଶ କୁମାର ସାହୁଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝୀ, ବିରଞ୍ଚି ସାମଲ,ତୁଷାର ବେହେରା, ନକୁଳ ପଢିହାରୀ ପ୍ରମୁଖ ସହଯୋଗ କରିଥିଲେ ।



ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

## ଶିକ୍ଷା ସର୍ବାଙ୍ଗୀନ ଉନ୍ନତିର ମୂଳ ଉତ୍ସ

**ମାର୍ଶାଘାଇ, ୨।୩(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ସମାଜରେ ଯେ କୌଣସି ବୃତ୍ତି କରିବାକୁ ହେଲେ ପ୍ରଥମେ ଶିକ୍ଷା ଅପରିହାର୍ଯ୍ୟ। ଅଭିଭାବକ, ଶିକ୍ଷକ, ଛାତ୍ରୀଛାତ୍ର ଏଥିପ୍ରତି ପ୍ରାଥମିକତା ଦେବା ଦରକାର। ଶିକ୍ଷା ସର୍ବାଙ୍ଗୀନ ଉନ୍ନତିର ମୂଳ ଉତ୍ସ ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ପଦ୍ମପୁରସ୍ଥିତ ଶିଶୁବିକାଶ ଜ୍ଞାନମନ୍ଦିର ତଥା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ। ଅନ୍ତେଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖତୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ସମାଜସେବୀ ତଥା ଅର୍ବାନ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ କୁମାର ବେହେରା,ତିଖିରୀ ସରପଞ୍ଚ ଚାମେଲୀ ଓଝା, ଅବସରପ୍ରାପ୍ତ ଶିକ୍ଷକ ମୋହନ ଚରଣ ମହାନ୍ତି, ସମାଜସେବୀ ଗଙ୍ଗାଧର ସାମଲ,ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫୁଲ୍ଲ ସାମନ୍ତରାୟ, କାମଦେବ ମହାରାଜ,ସ୍କୁଲର ପ୍ରିନ୍ସିପାଲ ପ୍ରଭାସ ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ପରୀକ୍ଷିତ ବେହେରା,ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରା, ସନ୍ଧ୍ୟାରାଣୀ ପ୍ରଧାନ, ମିତାଲି ଓଝା, ପିନାରାଣୀ ବେହେରା, ସୁଦ୍ଧାଙ୍ଗିନୀ ପରିଡା, ପ୍ରିୟଦର୍ଶିନୀ ସାହୁ, ସଂଯୁକ୍ତା ସାହୁ, ବିଜୟାଲକ୍ଷ୍ମୀ ସ୍ୱାଇଁ, ଅନସୂୟା ପ୍ରଧାନ ଓ ଆଶୁତୋଷ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ସୁବୋଧ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ବାର୍ଷିକ କ୍ରୀଡା ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବେଡ଼ାରୀରେ ଲଉଡ଼ିଖେଳ, ଗୋପାଳ ଉଗାଳ, ଡାଳୀ କଳସ ଶୋଭାଯାତ୍ରା

**ପାଟକୁରା, ୨।୨(ରବୀନ୍ଦ୍ର ନାଥ ବାରିକ )**

ଦୋଳ ପୂର୍ଣ୍ଣିମାରେ ଗରଦପୁର ବ୍ଲକ ବେଡାରୀ ଗ୍ରାମରେ ଗୋପାଳ ବାଳକଙ୍କ ନଉଡ଼ିଖେଳ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କିତ ଗୋପାଳ ଉଗାଳ ଗାବାବା ସଂଗେ ସଂଗେ ନାମ ସଂକୀର୍ତ୍ତନ ମଧ୍ୟରେ ଗୋପାଳ ଘର ବୋହୂମାନେ ଡାଳୀକଳସ ଶୋଭା ଯାତ୍ରାରେ ଆସିଥିଲେ । ଚିତ୍ରୋତ୍ପଳା ନଦୀରେ ସ୍ନାନ କରି ଡାଳୀ କଳସରେ ଜଳ ଭରିନଦୀ କୂଳରେ କୁଳ ଆରାଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଆସିଥିଲେ। ଶୋଭା ଯାତ୍ରାରେ ଘରର ସମସ୍ତ ପରିବାର ସଦସ୍ୟ ସାମିଲ ହୋଇଥିଲେ। ଘରେ କଳସ ସ୍ଥାପନ କରିବାପରେ କଳସ ନିକଟରେ କ୍ଷୀର ବନ୍ଦାପନା କରିପୂଜା ଅର୍ଚ୍ଚନା କରଥିଲେ । ରାଧା କୃଷ୍ଣଙ୍କ ମୃଣ୍ମୟୀ ଯୁଗଳ ମୂର୍ତ୍ତୀ ପୂଜା ମଣ୍ଡପରେ ମଧ୍ୟ ପୂଜା ପାଉଛନ୍ତି । ଗ୍ରାମର ମାନସ ଦାଶ, ଗଙ୍ଗାଧର ଦାଶ, ଗଗନ ଦାଶ, ଯଦୁମଣି ବେହେରା, ନୃସିଂହ ବେହେରା ପ୍ରମୁଖଙ୍କ ନେତୃତ୍ୱରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

![ସେଲ୍‌ଫି କର୍ଣ୍ଣର ଧରିତ୍ରୀ]
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବାବୁ


@ କ୍ରିଷ୍ଣା


@ ମିଟୁ


@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

## ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦିଏ ଯୌଥ ପରିବାର

**କେନ୍ଦ୍ରାପଡା, ୧।୩ (ଜଗନ୍ନାଥ ଧଳ)**

୯୦ ଦଶକରେ ଦେଶରେ ଆର୍ଥିକ ଉଦାରିକରଣ ନୀତିକୁ ଅଧିକ ଗୁରୁତ୍ୱ ଦିଆଗଲା। ଏହି ସମୟରେ ଯୌଥ ପରିବାର ପରିବେର୍ତ୍ତେ ଅଣୁ ପରିବାରକୁ ବେଶି ପସନ୍ଦ କଲେ। ଅଣୁ ପରିବାରରେ ମା', ବାପା ଓ ପିଲାମାନେ ରହିଥିବାରୁ ପାରିବାରିକ ସମ୍ପର୍କ ସଂକୁଚିତ ହେଲା। ତେବେ ଯୌଥ ପରିବାର ସମୟରେ ଜେଜେଠାରୁ ଅଣନାତି ପର୍ଯ୍ୟନ୍ତ ଏକାଠି ଥିବାରୁ ସାମାଜିକ ସୁରକ୍ଷା ଅଧିକ ଥିଲା। ଯାହା ଆଜିର ଦିନରେ ନାହିଁ ବୋଲି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ବାର୍ଷିକ ଉତ୍ସବର ଏକତା ୨୬ର ଆଲୋଚନା ଚକ୍ରରେ ଆଲୋଚକମାନେ ରବିବାର ମତ ରଖିଛନ୍ତି। ଟ୍ରଷ୍ଟ ସଭାପତି ଦମନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ମାର୍ଶାଘାଇ ବ୍ଲକ ଗୁପ୍ତ କ୍ଷେତ୍ର ସଖୀବଟ ଠାରେ ରବିବାର ଆୟୋଜିତ ହୋଇଥିଲା। ଏଥିରେ ଶ୍ରୀ ବଳଦେବଜୀଉଙ୍କ ବଡପଣ୍ଡା କେଶବ ଚନ୍ଦ୍ର ପତ୍ରୀ, ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି, ବିନୋଦ ମହାନ୍ତି, ନାଟ୍ୟକାର ଅଜୟ କୁମାର ଜେନା, ଅସିତ ବାବା, ବ୍ରଜ କିଶୋର ସାହୁ, ଦେବଦାସୀ ମୋହିନୀ ମାଆ, ଶିକ୍ଷାବିତ ଶାନ୍ତି ମାଆ, ପ୍ରତିଭା ଶତପଥୀ ସମ୍ମାନୀତ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସନାତନ ସଂସ୍କୃତିର ଯୌଥ ପରିବାର ଓ ସାମ୍ପ୍ରତିକ ଅଣୁ ପରିବାରର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ଏଥିସହ ଯୌଥ ପରିବାରରେ ରହି ସମସ୍ୟାର ସମାଧାନକୁ ଶାନ୍ତିର ସହ ଗ୍ରହଣ ପାଇଁ ଆହ୍ୱାନ ଦେଇଥିଲେ।

ଅତିଥିମାନେ ତବଲା ବାଦକ ନୀହାର, ସାମାଜିକ କର୍ମୀ ଗୌରାଙ୍ଗ ନାୟକ, ଚକ୍ରଧର ବିଶ୍ୱାଳ, ହିମାଂଶୁ ରାଉତଙ୍କ ସମେତ ୮ଟି ଯୌଥ ପରିବାରକୁ ସମ୍ବର୍ଦ୍ଧିତ କରିଥିଲ। ସେହିପରି ଶ୍ରୀରାମ ନର୍ସିଂ କଲେଜ ଛାତ୍ରୀମାନେ ଯୌଥ ପରିବାର ପାଇଁ ଶପଥ ନେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ନାୟକ, ଟ୍ରଷ୍ଟର ସଞ୍ଜୀବ ତରାଇ, ବିଷ୍ଣୁ ଚରଣ ମହାପାତ୍ର, ରାଜେଶ କୁମାର ବାରିକ, ରଶ୍ମିରଞ୍ଜନ ବାରିକ, ନିମାଇଁ କର ପ୍ରମୁଖ ଏହି ଉତ୍ସବ ପରିଚାଳନା କରିଥିଲେ।

## କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ
## ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କଲେ ଯୁବ ମୋର୍ଚ୍ଚା ସଭାପତି

**ଡେରାବିଶ,୨।୩(ବେବର୍ତ୍ତା ଅଜୟ ଦାସ):** କେନ୍ଦ୍ରାପଡା ଜିଲାରେ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବିକାଶ ସମେତ ୨୨୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବୃହତ୍ ଜାହାଜ ତିଆରି କ୍ଲଷ୍ଟର ନିର୍ମାଣ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ସ୍ଥାନ ପାଇ ଥିବାରୁ ଜିଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। ଏହି ଅବସରରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଧନ୍ୟବାଦ ଦେବା ସହିତ ଜିଲାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ତଥା ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଏମ୍‌ପି ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକଙ୍କୁ କେନ୍ଦ୍ରାପଡା ଜିଲାବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ନିଷ୍ପତ୍ତି ଜିଲାର ଉଚ୍ଚଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ସହାୟକ ହେବା ସହ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଗାମୀ ପିଢ଼ିଙ୍କ ସ୍ୱପ୍ନକୁ ଶକ୍ତି ଦେବ ବୋଲି ଆଚାର୍ଯ୍ୟ ଚଣ୍ଡୀବଜାରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

## ସ୍ୱାଭାବିକ ହେଲା ପାନୀୟ ଜଳ ଯୋଗାଣ, ଗ୍ରାମବାସୀ ଆଶ୍ୱସ୍ତ

**ଡେରାବିଶ,୨।୩(ବେବର୍ତ୍ତା ଅଜୟ ଦାସ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତର ଜହଙ୍ଗର, ମଠସାହି, ତ୍ରିପାଠୀ ସାହି, ମହାନ୍ତି ସାହି ଓ ପଣ୍ଡା ସାହି ପ୍ରମୁଖ ଅଞ୍ଚଳରେ କିଛି ଦିନ ହେବ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା। ଫଳରେ ଉକ୍ତ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ମଲ୍ଲିକେଶ୍ୱରପୁରସ୍ଥିତ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କିରୁ ଏହି ଅଞ୍ଚଳକୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ବହୁ ପରିବାର ପାନୀୟ ଜଳ ନ ପାଇ ଦହଗଞ୍ଜ ହେଉଥିଲେ । ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ ଆବେଦନ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଫଳରେ ଅଞ୍ଚଳବାସୀ ଜଳ ଯନ୍ତ୍ରଣାର ଶିକାର ହେଉଥିଲେ। ତେବେ ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବିଭାଗୀୟସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ ସୋମବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶ ଓ ସ୍ଥାନୀୟ ପଲେଇ ପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ସାହୁ ଉକ୍ତ ଅଞ୍ଚଳକୁ ଯାଇ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚିବାର ବ୍ୟବସ୍ଥା କରିଥିଲେ। ଏପରିକି ଏହି ଅଞ୍ଚଳଗୁଡିକୁ ଗସ୍ତ କରି ପାନୀୟ ଜଳ ପହଞ୍ଚୁଛି କି ନାହିଁ,ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଫଳରେ ଅଞ୍ଚଳବାସୀ ଆଶ୍ୱସ୍ତି ଲାଭ କରିଛନ୍ତି।



ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାଶ କହିଛନ୍ତି, ଉକ୍ତ ଅଞ୍ଚଳଗୁଡ଼ିକ ପାଣି ଟାଙ୍କିର ଶେଷ ସୀମାରେ ଥିବାରୁ ଚାପ କମ ରହୁଛି। ଅନ୍ୟ ପକ୍ଷରେ ବହୁ ସ୍ଥାନରେ ବେନିୟମ ଭାବେ ସଂଯୋଗ ନେଇ ପାନୀୟ ଜଳର ବ୍ୟାପକ ଅପଚୟ ହେଉଥିବାରୁ ଏ ଭଳି ସମସ୍ୟା ଦେଖାଦେଇଛି। ସରପଞ୍ଚ ଅକ୍ଷୟ ସାହୁ କହିଛନ୍ତି, ପିଇବା ପାଣିର ଅଯଥା ଅପଚୟକୁ ରୋକିବା ପାଇଁ ଡ଼ାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଯଦି ଏଭଳି ଘଟଣା ପୁନର୍ବାର ଦୃଷ୍ଟିକୁ ଆସେ ତେବେ ଆଇନ ଅନୁଯାୟୀ ପଞ୍ଚାୟତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



# ପୁରୁଣା କାମ ବିଲ୍‌କୁ ନେଇ ଦଶପଲ୍ଲା ବିଡିଓଙ୍କ ଅଫିସ୍‌ରେ ଗଣ୍ଡଗୋଳ

## ବିଧାୟକ, ଚେୟାରମ୍ୟାନଙ୍କ ଉପସ୍ଥିତିରେ ଘଟିଛି ଘଟଣା

**ନୟାଗଡ଼, ୨।୩(ଲୋକନାଥ ମିଶ)**

ନୟାଗଡ଼ ଜିଲା ଦଶପଲ୍ଲା ବିଡିଓଙ୍କ ଚାମ୍ବରରେ ସୋମବାର ପୂର୍ବାହ୍ନରେ ପ୍ରାୟ ଅଧଘଣ୍ଟା ଧରି ପୁରୁଣା ଏକ କାମର ବିଲ୍‌କୁ ନେଇ ଶାସକ ବିରୋଧୀ ଗୋଷ୍ଠୀ ହାତାହାତି ହେବା ପରେ ଉତ୍ତେଜନା ବଢ଼ିଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁଙ୍କ ଉପସ୍ଥିତିରେ ବିଡିଓଙ୍କ ଚାମ୍ବର ପାଲଟିଥିଲା ରଣକ୍ଷେତ୍ର। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଗଣ୍ଡଗୋଳକାରୀଙ୍କୁ ଚାମ୍ବର ଭିତରୁ ହଟାଇଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଏଠାରେ ବିଜେଡି ବିଧାୟକ ଥିବାବେଳେ ଭାଜପା ଏମ୍‌ପି ଥିବାରୁ ଛୋଟ ଛୋଟ ପ୍ରସଙ୍ଗକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ବିଭିନ୍ନ ସମୟରେ ବାଦାନୁବାଦ, କଥା କଟାକଟି ଓ ଧାରଣା ଆଦି ଦେଖିବାକୁ ମିଳୁଛି। ସୂଚନା ଅନୁସାରେ, ପୁରୁଣା କାର୍ଯ୍ୟାଦେଶଗୁଡିକର ବିଲ୍ ହେଉ ନ ଥିବାରୁ ଦଶପଲ୍ଲା ବିଡିଓଙ୍କ ଚାମ୍ବରକୁ ବିଧାୟକ ବେହେରା, ବ୍ଲକ ଚେୟାରମ୍ୟାନ ସାହୁ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଉପେନ୍ଦ୍ର ସାହୁ, କେତେଜଣ ସରପଞ୍ଚ, ବିଜେଡି କର୍ମୀ ଓ ସମର୍ଥକ ପହଞ୍ଚି ଆଲୋଚନା କରୁଥିଲେ। ସେହି ସମୟରେ ଶାସକ ଦଳର କେତେଜଣ କର୍ମୀ ସେଠାକୁ ଧସେଇ ପଶି ଆମ ଅଭିଯୋଗ ବିଡିଓ ଶୁଣନ୍ତୁ ବୋଲି କହିଥିଲେ। ଏହି ସମୟରେ ବିଜେଡି ଓ ଭାଜପା କର୍ମୀ, ସମର୍ଥକଙ୍କ ମଧ୍ୟରେ କଥା କଟାକଟି, ଯୁକ୍ତିତର୍କ, ଠେଲାପେଲା ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଉଗ୍ରରୂପ ନେଇ ଉତ୍ତେଜନା ବଢୁଥିବାବେଳେ ପୋଲିସ ଉଭୟଙ୍କୁ ଚାମ୍ବରରୁ ବାହାର କରିଦେଇଥିଲା। ପରେ ବିଧାୟକ, ଚେୟାରମ୍ୟାନ ଏବଂ ଅନ୍ୟ କେତେଜଣ ଜନପ୍ରତିନିଧିଙ୍କୁ ବିଡିଓଙ୍କ ସହ ଆଲୋଚନା କରିବାକୁ କହିଥିଲେ। ଘଟଣା ସମ୍ପର୍କରେ ଜଣେ ଭାଜପା କର୍ମୀ ନିଜ ନାଁ ଗୋପନ ରଖି କହିଛନ୍ତି, ବିଧାୟକ, ଚେୟାରମ୍ୟାନଙ୍କ ପରି ଲୋକପ୍ରତିନିଧି ବିଡିଓଙ୍କ ସହ ଆଲୋଚନା କରନ୍ତୁ ଆମର କିଛି ପ୍ରତିବାଦ ନାହିଁ । ତେବେ ଠିକାଦାର, କର୍ମୀ, ସମର୍ଥକମାନଙ୍କୁ ନେଇ ବିଡିଓଙ୍କ ଚାମ୍ବରରେ ଆଲୋଚନା କରିବା କେତେଦୂର ଠିକ୍। ଆମକୁ କାହିଁକି ସେପରି ସୁବିଧା ମିଳିବନାହିଁ। ବିଜେଡି ସରକାର ସମୟରେ ଆମେ ଅବହେଳିତ ଥିଲୁ । ଏବେ ପୁଣି ଆମ ସରକାର ଥାଇ ଆମେ ଅବହେଳିତ ପରି ଲାଗୁଛି। ଏଣୁ ଆମେ ମଧ ଆମ ଅଭିଯୋଗ ରଖିବାକୁ ଯାଇଥିଲୁ । ହେଲେ ଆମକୁ ବିଜେଡି କର୍ମୀ ଓ ସମର୍ଥକ ବାରଣ କରିଥିଲେ, ଯାହାଦ୍ୱାରା ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ବିଜେଡିର ଲୋକପ୍ରତିନିଧିଙ୍କୁ ରଖି ଆମମାନଙ୍କୁ ଚାମ୍ବରରୁ କାଢ଼ିଦେଇଛି । ଆମ ସରକାର ଥାଇ ଆମେ ଅବହେଳିତ ବୋଲି କହିଛନ୍ତି । ସେପଟେ ବିଜେଡିର କେତେଜଣ କର୍ମୀ ଘଟଣା ପାଇଁ ଭାଜପା କର୍ମୀଙ୍କୁ ଦାୟୀ କରିଛନ୍ତି । ଦଶପଲ୍ଲା ବିଡିଓ ଶରତ କୁମାର ନାୟକ କୁହନ୍ତି, ମୁଁ କିଛି ମାସ ହେଲା ଏଠାରେ ନୂଆକରି ଯୋଗଦେଇଛି। କେତେକ ପୁରୁଣା କାର୍ଯ୍ୟାଦେଶର ବିଲ୍ ହୋଇ ନ ଥିବା ସମ୍ପର୍କରେ ଦଶପଲ୍ଲା ବିଧାୟକ, ଚେୟାରମ୍ୟାନଙ୍କ ସମେତ କେତେକ ଲୋକ ଆଲୋଚନା କରିବାକୁ ଚାମ୍ବରକୁ ଆସିଥିଲେ, ଆଲୋଚନା ଚାଲିଥିଲା। ଏହି ସମୟରେ ଆଉ କିଛି ଲୋକ ଆମର ଅଭିଯୋଗ ଶୁଣ କହି ପଶିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳିସ୍ଥଳେ ପୁରୁଣା କାମର ଅନୁଧ୍ୟାନ ନ କରି ବିଲ୍ କରିବା କିପରି ସମ୍ଭବ ବୋଲି କହିଥିଲେ। ପୂର୍ବରୁ ବିଜେଡି ସରକାର ଥିଲା, ବର୍ତ୍ତମାନର ଚେୟାରମ୍ୟାନ ମଧ୍ୟ ସେ ସମୟରେ ଥିଲେ। ତେବେ ପୁରୁଣା କାର୍ଯ୍ୟାଦେଶର ବିଲ୍ କରିବାରେ ଅସୁବିଧା ନ ଥିଲା। କିନ୍ତୁ ସେଗୁଡିକର ବିଲ୍ କରାଯାଇନାହିଁ। ନୂଆ ସରକାର ଆସିବା ପରେ ପୁରୁଣା କାମର ତଦନ୍ତ ନ କରି କିପରି ବିଲ୍ କରାଯିବ ବୋଲି କହିଥିଲେ। ଆମେ ପୁରୁଣା କାର୍ଯ୍ୟକୁ ଅନୁଧ୍ୟାନ ପରେ ପଦକ୍ଷେପ ନେବୁ ବୋଲି କହିଛନ୍ତି । ଏ ସମ୍ପର୍କରେ ବ୍ଲକ ଚେୟାରମାନ ସୁନନ୍ଦା ସାହୁଙ୍କୁ ପଚାରିବାରୁ ବ୍ଲକର ଉନ୍ନୟନ କାର୍ଯ୍ୟ ଓ ପୁରୁଣା ବିଲ୍ ସମ୍ପର୍କରେ ଆଲୋଚନା ପାଇଁ ବିଡିଓଙ୍କୁ ବିଧାୟକ ସମୟ ମାଗିଥିଲେ। ବିଡିଓଙ୍କ ସମୟ ଅନୁସାରେ ସୋମବାର ଦଶପଲ୍ଲା ବିଧାୟକ, ମୁଁ , କେତେକ ସରପଞ୍ଚ ଓ ସମିତି ସଭ୍ୟ, ଠିକାଦାର ପହଞ୍ଚି ଆଲୋଚନା କରୁଥିଲୁ । ଏହି ସମୟରେ କେତେକ ଲୋକ ଯାଇ ଆଲୋଚନାରେ ବ୍ୟାଘାତ ସୃଷ୍ଟି କରି ଗଣ୍ଡଗୋଳ କରିଥିଲେ । ଫଳରେ ବିବାଦ ବଢ଼ିଥିଲା । ଆମର ଉଦ୍ଦେଶ୍ୟ ଗଣ୍ଡଗୋଳ ପାଇଁ ନ ଥିଲା । ଆମେ ଶାନ୍ତିଶୃଙ୍ଖଳାର ସହ ଆଲୋଚନା କରୁଥିଲୁ । ଅନ୍ୟମାନେ ବିଡିଓଙ୍କ ସହ ଆଲୋଚନା କଲାବେଳେ ଆମେ ବିରୋଧ କରୁନାହୁଁ । ତେବେ ଆମ ଦଳର ଲୋକମାନେ ଆଲୋଚନା କଲାବେଳେ ଗଣ୍ଡଗୋଳ କାହିଁକି କରୁଛନ୍ତି ବୁଝା ପଡୁନି ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ ।


ଦଶପଲ୍ଲା ବିଡିଓଙ୍କ ଚାମ୍ବରରେ ମଙ୍ଗଳବାର ଶାସକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ହୋଇଥିବା ଧସ୍ତାଧସ୍ତି ।







@ ବାବୁ


@ କ୍ରିଷ୍ଣା


@ ମିଟୁ


@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ପରମ୍ପରାରେ ଶ୍ରୀଜୀଉଙ୍କ ଦୋଳ ପରିକ୍ରମା

**ଖଣ୍ଡପଡା, ୨।୩(ଅଜୟ କୁମାର ମହାରଣା)**

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ରବିବାର ତ୍ରୟୋଦଶୀ ତିଥିରେ ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରୀ ଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପୁରୀ ଶ୍ରୀ ମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବଜୀଉଙ୍କ ମଧ ଫଗୁ ଦଶମୀଠାରୁ ଶ୍ରୀଜୀଉଙ୍କ ପବିତ୍ର ଦୋଳଯାତ୍ରା ୩ଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି । ଏହି ଅବସରରେ ଶ୍ରୀ ଜୀଉମାନେ ପ୍ରତ୍ୟହ ସନ୍ଧ୍ୟାରେ ଦୟଣାଚୋରି ବଗିଚାକୁ ଦୋଳ ପୂଜା ପାଇଁ ବିଜେ ହୋଇଥାନ୍ତି। ରବିବାର ସନ୍ଧ୍ୟାରେ ମଦନମୋହନ ଜୀଉ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ସନ୍ଧ୍ୟା ଆଳତୀ ପରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରୀ ବଗିଚାକୁ ଯାଇ ଦୋଳନୀତି ସମ୍ପନ୍ନ ପରେ ରାତି ପ୍ରାୟ ୮.୩୦ରେ ଗ୍ରାମ ପରିକ୍ରମା କରି ଗ୍ରାମସ୍ଥିତ ଶ୍ରୀରଘୁନାଥ ଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରୀ ଭୋଗ ଖାଇଥିଲେ । ପ୍ରତ୍ୟାବର୍ତ୍ତନ ସମୟରେ ଗୃହସ୍ଥମାନେ ନିଜ ନିଜ ଦୁଆରେ ଦୀପ, ଧୂପ ରଖି ଠାକୁରଙ୍କୁ ଚଣା, ଖଜା ଭୋଗ ଲଗାଇଥିଲେ ।


ବିମାନରେ ଠାକୁରଙ୍କୁ ପରିକ୍ରମା କରାଯାଉଛି।

# ସଡ଼କ ଦୁର୍ଘଟଣା, ଜଣେ ମୃତ



ଦୁର୍ଘଟଣା ସ୍ଥଳରେ ଲୋକଙ୍କ ଭିଡ।

**ଦଶପଲ୍ଲା, ୨।୩( ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ୫୭ନମ୍ବର ଜାତୀୟ ରାଜପଥର ବ୍ଲକ ନିକଟସ୍ଥ ଜଗାପୁର ଛକଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ନୟାଗଡ ରାଜପଟଣା ମାନ୍ଧାତାପୁର ଗ୍ରାମର ପ୍ରକାଶ କୁମାର ଜେନା (୭୫)। ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ୧ ଟାରେ ଗୋଟିଏ ମିଶ୍ଟର ଟ୍ରକ୍ ନୟାଗଡ଼ରୁ ଦଶପଲ୍ଲା ଆସୁଥିବା ସମୟରେ ଏକ ସ୍କୁଟିଂ ଓଭରଟେକ କରୁଥିବା ସମୟରେ ଟ୍ରକର ହୁକ ଲାଗିବା ଫଳରେ ଛକା ତଳେ ପଡି କିଛି ବାଟ ଘୋଷାଡି ନେବା ଫଳରେ ଘଟଣା ସ୍ଥଳରେ ପ୍ରକାଶଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ କିଛି ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଦଶପଲ୍ଲା ପୋଲିସ ପହଞ୍ଚି ପରସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ଆମ୍ବୁଲାନ୍ସ ଯୋଗେ ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା।

# ନୀଳମାଧବ ଜୀଉଙ୍କ ଦୋଳ ଉତ୍ସବ, ହୋଲିକା ଦହନ

**ଖଣ୍ଡପଡା, ୨।୩ (ଅଜୟ କୁମାର ମହାରଣା)**

ଶ୍ରୀନୀଳମାଧବ ଜୀଉଙ୍କ ଅନ୍ୟାନ୍ୟ ପର୍ବ ପର୍ବାଣି ଭଳି ଦୋଳ ଓ ମେଣ୍ଢାଶାଳ ପୋଡି(ହୋଲିକା ଦହନ) ଉତ୍ସବ ଅନ୍ୟତମ। ଫାଲଗୁନ ଦଶମୀ ବା ଫଗୁ ଦଶମୀଠାରୁ ନୀଳମାଧବ ଜୀଉଙ୍କର ଦୋଳ ଉତ୍ସବ ଆରମ୍ଭ ହୋଇଥାଏ। ସୋମବାର ରାତ୍ର ପ୍ରାୟ ୮ଟା୩୦ରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ସିଂହଦ୍ୱାର ସ୍ଥିତ ଦୋଳବେଦୀକୁ ହାନ୍ଦୋଳାରେ ବିଜେ କରାଇ ପୂଜାର୍ଚ୍ଚନା ପରେ ଠାକୁରଙ୍କ ଫଗୁ ଖେଳ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ଦୋଳବେଦୀ ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳ ଘରକୁ ଅଗ୍ନି ସଂଯୋଗ କରାଯାଇଥିଲା । ଏହି ସମୟରେ ଶ୍ରୀ ଜୀଉଙ୍କୁ, ପୋଡି ଯାଉଥିବା ଏହି ଗୃହର ଚତୁଃପାର୍ଶ୍ୱରେ ୭ ଥର ପରିକ୍ରମା କରାଯାଇଥିଲା। ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଭାଗବତ ପାରାୟଣ ସପ୍ତାଙ୍ଗ ଯଜ୍ଞ ଉଦ୍‌ଯାପିତ



**ଖଣ୍ଡପଡା, ୨।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧିନ ଗଡିଆସାହି ପଞ୍ଚାୟତସ୍ଥିତ ଗ୍ରାମର ଆରାଧ୍ୟା ମା' ବରାଳୟୀଙ୍କ ପୀଠରେ ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ ଫେବୃୟାରୀ ୨୩ରୁ ୭ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ବେଳେ ଛି ରବିବାର ଉଦ୍‌ଯାପିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ଆଧ୍ୟାତ୍ମିକ ବିଭିନ୍ନ ଉପାଖ୍ୟାନ ତଥା ପ୍ରସଙ୍ଗ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟେହ ସୂର୍ଯ୍ୟ ପୂଜା, ଘୃତଯଜ୍ଞ ସହିତ ରବିବାର ଅପରାହ୍ନରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି । ଗଡିଆସାହି ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଓ ଜନସାଧାରଣ ଉପସ୍ଥିତ ରହି ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକୁ ଉପଭୋଗ କରିଥିଲେ ।

# ଦୋଳ ପର୍ବ ପାଇଁ ଖଣ୍ଡପଡା ଅଞ୍ଚଳ ଉତ୍ସବମୁଖର

**ଖଣ୍ଡପଡା, ୨।୩ (ଅଜୟ କୁମାର ମହାରଣା)**

ଦୋଳ ପର୍ବ ପାଇଁ ଖଣ୍ଡପଡା ଅଞ୍ଚଳର ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଛି । ପ୍ରତ୍ୟେକ ଗ୍ରାମରେ ଆରାଧ ଦେବଙ୍କ ଚର୍ଳି ପ୍ରତିମାକୁ ବିମାନ ଯୋଗେ ଗ୍ରାମ ପରିକ୍ରମା କରିବା ଅବସରରେ ପ୍ରତ୍ୟେକ ବ୍ୟକ୍ତି ଘର ଆଗରେ ବିଗ୍ରହଙ୍କୁ ଭୋଗ ଲାଗି କରିବାର ଦୃଶ୍ୟ ପରିଲକ୍ଷିତ ହେଉଛି । ଆବହମାନ କାଳରୁ ଦୋଳ ବିମାନରେ ବିଗ୍ରହ ମାନଙ୍କ ଗ୍ରାମ ପରିକ୍ରମା ପ୍ରଚଳିତ ହୋଇ ଆସୁଛି । ଏ ଅବସରରେ ବିଭିନ୍ନ ସ୍ଥାନରେ ଗୋପାଳ ସମାଜ ପକ୍ଷରୁ ଲଉଡି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଖଣ୍ଡପଡା ବ୍ଲକ ଅଧିନ ବସନ୍ତପୁରରେ ତିନିଦୋଳ ଯାତ୍ରା, ବନମାଳୀପୁରରେ ପଞ୍ଚୁଦୋଳ ଯାତ୍ରା ଓ ଖଳିସାହି ଗ୍ରାମରେ ଦଶଦୋଳ ଯାତ୍ରା ନିମନ୍ତେ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି । ଗାଁ ଗାଁରେ ଦୋଳ ପର୍ବ ଯୋଗୁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଦାବିରେ ୫ରେ ଧର୍ମଘଟ

- ଆସନ୍ତା ୫ ରେ ୬ଦଫା ଦାବିରେ ୧୨ ଘଣ୍ଟିଆ ଧର୍ମଘଟ
- ଲଡୁବାବା ବଣିକ ସଂଘ ସମେତ ଅଞ୍ଚଳବାସୀଙ୍କ ସମର୍ଥନ

**ଶରଣକୁଳ, ୨।୩(ଦୀପକ କର)**

ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ନିମିତ୍ତ ଆସନ୍ତା ୫ ତାରିଖରେ ୬ଦଫା ଦାବୀରେ ଶରଣକୁଳ ବିକାଶ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ବିକାଶ ମଞ୍ଚ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଦାବୀପତ୍ର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହାକୁ ଲଡୁବାବା ବଣିକ ସଂଘ ସମେତ ଅଞ୍ଚଳବାସୀଙ୍କ ସମର୍ଥନ କରୁଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଶରଣକୁଳ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ଘେରରେ ରହିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପଦକ୍ଷେପ ଏହାକୁ ଜଟିଳ ସ୍ଥିତିକୁ ଟାଣି ନେଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ଅଭାବ ରହିଥିବା ଏବଂ ଏହି ସମସ୍ୟାର ସମାଧାନ ହୋଇନଥିବା ବେଳେ ବିଶେଷ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପଦବୀକୁ ନେଇ ବର୍ତ୍ତମାନ ଜଟିଳ ପରିସ୍ଥିତି ସୃଷ୍ଟିହୋଇଛି। ଗୋଟିଏ ପଟରେ ଡା. ତାପସ ରଞ୍ଜନ ସେନାପତି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବରେ ଅବସ୍ଥାପିତ ହୋଇ ସମସ୍ତ କାର୍ଯ୍ୟ ସହ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେଇ ଆସୁଥିବା ବେଳେ ହଠାତ୍ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଗରବନ୍ଧ ଡାକ୍ତରଖାନାର କନିଷ୍ଠ ଡା. ଇପ୍ସିତା ଦାସଙ୍କୁ ଡା. ସେନାପତିଙ୍କ ସ୍ଥାନରେ ଅବସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣା ପରେ ଡା. ସେନାପତି ଅସୁସ୍ଥତା କାରଣରୁ ଛୁଟିରେ ରହିଛନ୍ତି। ଏଭଳି ସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀମାନେ ଆସି ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ଡାକ୍ତର ରହିଥିବାବେଳେ କନିଷ୍ଠ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭାବେ ଅବସ୍ଥାପିତ ନିର୍ଦ୍ଦେଶ ପ୍ରଦାନ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଗତ ୧୯ରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୪ ଜଣ ଅଧିକାରୀଙ୍କୁ ପଠାଇ ତଦନ୍ତ କରିଥିଲେ। ତଦନ୍ତ ପରେ କୌଣସି ସମାଧାନ ନ ପାଇ ବୁଦ୍ଧିଜୀବୀମାନେ ଜିଲା ଚିକିତ୍ସାଧିକାରୀ ଡା. ପୁଷ୍ପ ନୀଳିମା ଲାକ୍ରାଙ୍କୁ ଭେଟି ସମସ୍ତ ତଥ୍ୟ ଜଣାଇବା ପରେ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ। କିନ୍ତୁ ଏହାର ବିଳମ୍ବ ହେବା ଯୋଗୁ ଡା. ସେନାପତିଙ୍କ ନାମରେ ଅନେକ ଭିତ୍ତିହୀନ ମିଥ୍ୟା ଆରୋପ ଲଗାଇ ସମସ୍ୟାକୁ ଜଟିଳ କରିବାରେ ଲାଗି ପଡ଼ିଥିବା ବିକାଶ ମଞ୍ଚ ଅଭିଯୋଗ କରିଛି । ଯଥାଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭାବେ ଡା. ତାପସ ରଞ୍ଜନ ସେନାପତିଙ୍କୁ ପୁନଃ ଅବସ୍ଥାପିତ ବ୍ୟତୀତ ଅନ୍ୟ ୫ଦଫା ଦାବିରେ ଶରଣକୁଳ ବିକାଶ ମଞ୍ଚ ପକ୍ଷରୁ ୫ ମାର୍ଚ୍ଚରେ ୧୨ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ଏନେଇ ବିକାଶ ମଞ୍ଚ ପକ୍ଷରୁ ଶରଣକୁଳ ଅଞ୍ଚଳର ଗ୍ରାମକୁ ଗ୍ରାମ ବୁଲି ବୈଠକ କରି ଆବଶ୍ୟକ ଜନ ସମର୍ଥନ କରାଯାଉଥିବା ଜଣାପଡିଛି। ଏହାସହ ସେଦିନ ଭୁବନେଶ୍ୱର-ଭଞ୍ଜନଗର ମୁଖ୍ୟ ରାଜ୍ୟ ରାଜପଥ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ବନ୍ଦ ରହିବ ବୋଲି ଜଣାପଡିଛି। ଏହି ବନ୍ଦକୁ ଶରଣକୁଳ ବଣିକ ସଂଘ ସମର୍ଥନ କରୁଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ନିମିତ୍ତ ରହିଥିବା ୬ଦଫା ଦାବୀ ଯଦି ଖୁବଶୀଘ୍ର ପୂରଣ ନ ହୁଏ ତେବେ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଯୋଜକ ପବିତ୍ର କୁମାର ଇନ୍ଦ୍ରଜିତ କହିଛନ୍ତି ।



ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।




# କୋର୍ଟକୁ ପୁଣି ବୋମା ଧମକ

କୋର୍ଟକୁ ପୁଣି ଧମକ୍। ବୋମା ପକାଇ ସମ୍ବଲପୁର, ବରଗଡ଼ କୋର୍ଟ ଉଡ଼ାଇ ଦେବାକୁ ଇ-ମେଲ୍‌ରେ ଧମକ ପରେ ସୋମବାର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସକାଳୁ ସମ୍ବଲପୁର ଓ ବରଗଡ଼ ଜିଲାରେ ସ୍ୱତନ୍ତ୍ର ପୋଲିସ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ, ଅନୁସନ୍ଧାନୀ କୁକୁର କୋର୍ଟ ପରିସରରେ ପହଞ୍ଚି ତନାଘନା କରିଥିଲେ। ଉଭୟ ଜିଲାରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ମଧ କରି ଦିଆଯାଇଛି। ସମ୍ବଲପୁର ଜିଲାଜଜ୍ ଓ ବରଗଡ଼ ସିଭିଲ କୋର୍ଟ ପରିସର ତନ୍ନତନ୍ନ ଯାଞ୍ଚ ପରେ ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ପୂର୍ବଥର ପରି ଏଥର ବି ଆସିଥିବା ମେଲ୍‌ର କୌଣସି ସତ୍ୟତା ନ ଥିବା ଜଣାପଡିଥିଲା। ତେବେ କିଏ ଏପରି ମେଲ୍ ପଠାଇଛନ୍ତି ତାହାର ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।


ବୋମା ଧମକ ପରେ ସମ୍ବଲପୁର ଅଦାଲତ ପରିସରରେ ପୋଲିସ ଅନୁସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରୁଛି।

- ବୋମା ପକାଇ ସମ୍ବଲପୁର, ବରଗଡ଼ କୋର୍ଟ ଉଡ଼ାଇ ଦେବାକୁ ଇ-ମେଲ୍
- ସମ୍ବଲପୁର, ବରଗଡ଼ରେ ପୋଲିସର ତନାଘନା

**ସମ୍ବଲପୁର/ବରଗଡ଼, ୨।୩(ପ୍ରମୋଦ ବହିଦାର/ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁର ଜିଲାଜଜ୍‌ଙ୍କ ଅଦାଲତ (କୋର୍ଟ)କୁ ବୋମାରେ ଉଡ଼ାଇ ଦେବାକୁ ରବିବାର ବିଳମ୍ବିତ ରାତିରେ ଏକ ଧମକପୂର୍ଣ୍ଣ ଇ-ମେଲ୍ ରେଜିଷ୍ଟ୍ରାରଙ୍କୁ ମିଳିବା ପରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ସକାଳୁ କୋର୍ଟରେ ଅଦାଲତି କାର୍ଯ୍ୟ ବନ୍ଦ ରହିଥିଲା। ବୋମାସ୍କ୍ୱାଡ୍, ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ସହିତ ସନ୍ଧାନୀ କୁକୁର ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। କୋର୍ଟ ବାହାରେ ଥିବା ସମସ୍ତ ଗାଡ଼ି, ଗାଡ଼ିର ଡିକି, ସମସ୍ତ ସ୍ଥାନକୁ ଟିମ୍ ଯାଞ୍ଚ କରିଥିଲା। ସେହିପରି କୋର୍ଟ ପାଖରେ ଥିବା ଏସ୍‌ପିଙ୍କ କାର୍ଯ୍ୟାଳୟ, ସରକାରୀ ବାସଭବନ, ଜିଲାପାଳଙ୍କ ସରକାରୀ ବାସଭବନକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ଏହାକୁ ନେଇ ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ୍ କହିଛନ୍ତି, ଗତ ୨ମାସ ହେଲା କେବଳ ସମ୍ବଲପୁରର ନୁହେଁ ରାଜ୍ୟ ଓ ଦେଶର ବିଭିନ୍ନ କୋର୍ଟକୁ ଏହିଭଳି ଧମକପୂର୍ଣ୍ଣ ମେଲ୍ ଆସୁଛି। ଫଳରେ ପ୍ରତିଷେଧାତ୍ମକ ବ୍ୟବସ୍ଥା ସ୍ୱରୂପ ପୋଲିସ ପକ୍ଷରୁ ବିଗତ କିଛିଦିନ ହେଲା ରୁଟିନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ମେଲ କେଉଁଠୁ ଆସିଛି ତାହାର ମଧ୍ୟ ତଦନ୍ତ ଚାଲିଥିବା ସେ କହିଛନ୍ତି। ତେବେ ଗତ ଜାନୁଆରୀ ୮ରେ ଯେଉଁ ଆଇଡିରୁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଥିଲା ବର୍ତ୍ତମାନ ମଧ୍ୟ ସେହି ମେଲ୍ ଆଇଡିରୁ ଏଭଳି ମେଇ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ସମ୍ବଲପୁର କୋର୍ଟକୁ ବାରମ୍ବାର ବୋମା ଧମକ ମିଳିବା ଏକ ଷଡଯନ୍ତ୍ର ବୋଲି ବାର୍ ଆସୋସିଏଶନ ସଭାପତି ପ୍ରଦୀପ ବହିଦାର କହିଛନ୍ତି। ବରଗଡ଼ ସିଭିଲ କୋର୍ଟକୁ ମଧ୍ୟ ଇ-ମେଲ୍‌ରେ ଏଭଳି ଧମକ ଆସିଛି। ଏହା ଜଣାପଡିବା ପରେ ବିଭାଗୀୟ ବିଚାରପତି, କର୍ମଚାରୀ ଏବଂ ଓକିଲମାନେ କୋର୍ଟ ବାହାରକୁ ଆସିଥିବାବେଳେ ପୋଲିସ ତନାଘନା ଚଳାଇଛି। ପ୍ରକାଶ ଥାଉକି, ଗତମାସ ୬ତାରିଖ ମଧ୍ୟ ଏହି କୋର୍ଟକୁ ଏଭଳି ବୋମା ଧମକ ଆସିଥିଲା।

## ବୃଦ୍ଧଙ୍କୁ ଲଙ୍ଗଳ ଜୁଆଳିରେ ପିଟି ହତ୍ୟା

**ଝରିଗାଁ, ୨ ।୩(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଇଛାପୁର ପଞ୍ଚାୟତ କର୍ଲାପଡା ଗ୍ରାମରେ ଜଣେ ଯୁବକଙ୍କ ଆକ୍ରମଣରେ ଗାଁର ଗୋବର୍ଦ୍ଧନ ମାଝୀ (୬୮)ଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ଝରିଗାଁ ପୋଲିସ ସୋମବାର ଉକ୍ତ ଗ୍ରାମର ଅଭିଯୁକ୍ତ ଲଛମନ ମାଝୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସୂଚନା ପ୍ରକାରେ କର୍ଲାପଡ଼ା ଗ୍ରାମର ଜୟସିଂ ମାଝୀ ଓ ଶେଷମଲ ମାଝୀ ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଇଟାଭାଟି କରିଥିଲେ। ଭାଟିରେ ନିଆଁ ଲଗାଇବା କାମ ପାଇଁ ଲଛମନ ମାଝୀ, ପୁରୁଷ୍ତମ ମାଝୀ, ଭଗବାନ ମାଝୀ,ପୀତବାସ ମାଝୀ, ଋଷିକେଶ ମାଝୀ ଓ ତାଙ୍କ ଜେଜେବାପା ଗୋବର୍ଦ୍ଧନ ମାଝୀଙ୍କୁ ସେମାନେ ଡାକିଥିଲେ। ରବିବାର ଅପରାହ୍ନ ୫ଟାରେ ସମସ୍ତେ ଇଟା ଭାଟି ନିକଟକୁ ଯାଇଥିଲେ। କାମ ସରିବା ପରେ ଜୟସିଂଙ୍କ ଅସ୍ଥାୟୀ କୁଡ଼ିଆରେ ରୋଷେଇ କରି ଖାଇଥିଲେ। ସନ୍ଧ୍ୟା ୭ଟାରେ ଋଷିକେଶ, ଭଗବାନ, ପୁରୁଷ୍ତମ ଓ ପୀତବାସ ଭାଟି ଠାରୁ କିଛି ଦୂରରେ ବସିଥିବାବେଳେ ହଠାତ୍ ଅସ୍ଥାୟୀ କୁଡ଼ିଆରୁ ପାଟି ଶୁଭିଥିଲା। ସମସ୍ତେ ଦଉଡ଼ି ଯାଇ ଦେଖିବାବେଳକୁ ଗୋବର୍ଦ୍ଧନ ତଳେ ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ। ଲଛମନ କୁଡ଼ିଆ ଭିତରେ ଥିବା ହଳ ଜୁଆଳିରେ ଗୋବର୍ଦ୍ଧନଙ୍କ ମୁଣ୍ଡକୁ ମାରିଥିବା ଶେଷମଲ ଓ ଜୟସିଂ କହିଥିଲେ। ଗୁରୁତର ଗୋବର୍ଦ୍ଧନଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କୁ ଘରକୁ ନିଆଯାଇଥିଲା। ଗୋବର୍ଦ୍ଧନ ରକ୍ତବାନ୍ତି କରିବାରୁ ପରିବାର ଲୋକେ ପୁଣି ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି। ଗୋବର୍ଦ୍ଧନଙ୍କ ନାତି ଋଷିକେଶ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ କାହିଁକି ଏବଂ କେଉଁ କାରଣରୁ ଗୋବର୍ଦ୍ଧନଙ୍କୁ ଲଛମନ ହତ୍ୟା କଲେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଗଞ୍ଜେଇ ବେପାର ସହ ବନ୍ଧୁକ କାରବାର

- ୪କି.ଗ୍ରା. ୫୭୭ଗ୍ରାମ୍ ଗଞ୍ଜେଇ, ଦେଶୀବନ୍ଧୁକ, ଜୀବନ୍ତ ଗୁଳି ଜବତ
- ୩ ଅଭିଯୁକ୍ତ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

**ବାଲେଶ୍ୱର, ୨।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ଗଞ୍ଜେଇ ବେପାର ସହ ଦେଶୀବନ୍ଧୁକ ଓ ପିସ୍ତଲ କାରବାର ଚଳାଇଥିଲେ। ବାଲେଶ୍ୱର ସଦର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ତାମୁଲିଆ ପୋଲ ନିକଟରୁ ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ପରେ ଏହାର ସୁରାକ ମିଳିଛି। ଅଭିଯୁକ୍ତମାନେ ଗଞ୍ଜେଇ କାରବାର କରିବା ସହ ପିସ୍ତଲ ଓ ଦେଶୀ ବନ୍ଧୁକ ବାହାର ରାଜ୍ୟରୁ ଆଣି ଏଠାରେ ବିକ୍ରି କରୁଥିବା ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୪.୫୭୭ କିଲୋ ଗଞ୍ଜେଇ, ୩ଟି ପିସ୍ତଲ, ଗୋଟାଏ ଦେଶୀ ବନ୍ଧୁକ, ୧୪ ରାଉଣ୍ଡ ବୁଲେଟ, ୧୦ଟି ମୋବାଇଲ ଫୋନ, ୨ଟି ସ୍କୁଟି, ଗୋଟାଏ ମୋଟରସାଇକେଲ ଓ ୫ହଜାର ଟଙ୍କା ପୋଲିସ ଜବତ କରିଛି।

ରବିବାର ରାତି ପ୍ରାୟ ସାଢ଼େ ୧୨ଟାରେ ସଦର ଥାନା ଏସ୍‌ଆଇ ଶଙ୍କର ମୁର୍ମୁ ଓ ତାଙ୍କ ପାଟ୍ରୋଲିଂ ଟିମ୍ ତାମୁଲିଆ ପୋଲ ନିକଟରେ ଚୋରା ଗଞ୍ଜେଇ କାରବାର ଚାଲିଥିବା ନେଇ ସୂଚନା ପାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଏସ୍‌ଆଇ ଶଙ୍କର ମୁର୍ମୁଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଗଞ୍ଜେଇ କାରବାରରେ ଜଡ଼ିତ ଥିବା ସଦର ଥାନା ଭୋଇସାହି ଅଞ୍ଚଳର ମନୋଜ ଦାସ (୨୭), ଖନ୍ତାପଡ଼ା ଥାନା ତୁଣ୍ଡୁରା ଅଞ୍ଚଳର ଗଙ୍ଗାଧର ଦାସ (୩୮) ଓ ଭଗବାନ ପାଢ଼ୀ (୩୧)ଙ୍କୁ ପୋଲିସ କାବୁ କରିଥିଲା। ଏନେଇ ସଦର ଥାନାରେ ଏକ ମାମଲା (ନଂ.୧୩୬/୨୬) ରୁଜୁ ହେବା ସହ ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଭଗବାନ ପାଢ଼ୀଙ୍କ ନାମରେ ପୂର୍ବରୁ ସଦର ଓ ଶିଳ୍ପାଞ୍ଚଳ ଥାନାରେ ହତ୍ୟା ଉଦ୍ୟମ, ଡକାୟତି ଭଳି ସଙ୍ଗୀନ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଓ ସଦର ଥାନା ଅଧିକାରୀ ଅଜୟ ମୁର୍ମୁ ଉପସ୍ଥିତ ଥିଲେ।

## ୧ କେଜି ସୁନା, ୪ କେଜି ରୁପା ଅଳଙ୍କାର ଜବତ

**କେନ୍ଦ୍ରାପଡ଼ାରୁ ୪ ଗିରଫ, ଖସିଗଲେ ୨**


ଜବତ ସୁନା, ରୁପା ଅଳଙ୍କାର ଓ ନମ୍ବର ପ୍ଲେଟ୍।

**ଭଦ୍ରକ,୨।୩(ସନାତନ ରାଉତ)**

ଭଦ୍ରକ ଟାଉନ ପୋଲିସ ଏକ ଚୋରି ଘଟଣାର ତଦନ୍ତ କରୁଥିବାବେଳେ ରବିବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ାରୁ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ଜଣ ଖସିଯାଇଛନ୍ତି। ୨ଟି ମାମଲାରେ ଗିରଫ ୪ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ତିଲଙ୍ଗ ଗ୍ରାମର ଦୈତାରୀ ଦାସ(୨୯), ପଟ୍ଟାମୁଣ୍ଡାଇ ଥାନା ଅଧୀନ ମାଟିଆ ଗ୍ରାମର ଟୁକୁନା ଦାସ(୨୮), କେନ୍ଦ୍ରାପଡ଼ା ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଉମେଶ ଦାସ(୪୦) ଓ କୁନା ଦାସ(୨୦)। ସେମାନଙ୍କଠାରୁ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଓ ୪ କେଜି ରୁପା ଅଳଙ୍କାର ଜବତ କରାଯାଇଛି। ଜବତ ସୁନାର ମୂଲ୍ୟ ୧.୫ କୋଟି ଓ ରୁପାର ମୂଲ୍ୟ ୧୫ ଲକ୍ଷ ହେବ ବୋଲି ସୋମବାର ଅପରାହ୍ନରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭଦ୍ରକ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି।

ଏସ୍‌ପି ସୂଚନା ଦେଇ କହିଛନ୍ତି, ଗତ ଫେବୃଆରୀ ୮ ରାତିରେ ଟାଉନ ଥାନା ଅଧୀନ ମଠସାହିର ଗୌରହରି ସାହୁଙ୍କ ଘରୁ ଝରକା ତାଡ଼ି ୯୦ ଗ୍ରାମ୍ ସୁନା ଓ ୧୦୦ ଗ୍ରାମ୍ ରୁପା ଚୋରି ହୋଇଥିଲା। ଏନେଇ ଗୌରହରିଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୧୧୦/୨୬) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ରମ୍ୟରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍‌ଟିମ୍‌ ଓ ଡଗ୍‌ସ୍କ୍ୱାଡ୍‌ର ସାହାଯ୍ୟ ନିଆଯାଇଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ବେଳେ ସମାନ ଢଙ୍ଗରେ ଝରକା ତାଡ଼ି ଅନ୍ୟାନ୍ୟ ସ୍ଥାନରେ ଚୋରି କରିଥିବା ଗ୍ୟାଙ୍ଗ୍‌ର ଦୈତାରୀ ଓ ଟୁକୁନାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଖସିଯାଇଛନ୍ତି। ସେହିପରି ୨୦୨୫ ଜୁଲାଇ ୨ ରାତିରେ ଟାଉନ ଥାନା ଅଧୀନ ଜଗନ୍ନାଥପୁର ନିଉ କଲୋନୀର ଅଶୋକ କୁମାର ଜେନାଙ୍କ ଘରୁ ତାଲା ଭାଙ୍ଗି ୧୦୦ ଗ୍ରାମ୍ ସୁନା ଓ ୧୫୦ ଗ୍ରାମ୍ ରୁପା ଚୋରି ନେଇ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା (ନଂ.୩୭୮/୨୫) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ଉମେଶ ଓ କୁନାଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ଖସିଯାଇଛନ୍ତି। ସେମାନଙ୍କଠାରୁ ଚୋରି ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ୧୫ରୁ ଅଧିକ ମାମଲା ରହିଛି। ସେମାନଙ୍କ ନିକଟରୁ ରାଜ୍ୟ ଓ ରାଜ୍ୟ ବାହାରର ୧୫ରୁ ଅଧିକ ଗାଡ଼ିର ନମ୍ବର ପ୍ଲେଟ୍ ମଧ୍ୟ ଜବତ କରାଯାଇଛି। ସମାନ ଢଙ୍ଗରେ ଏମାନେ ଚୋରି କରୁଥିବାବେଳେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବୟସ୍କ ବ୍ୟକ୍ତିଙ୍କୁ ଟାର୍ଗେଟ୍ କରି ଲୁଟ୍ କରୁଥିଲେ।

**Business**

## ପ୍ରକୃତ ବିକାଶ ଦକ୍ଷତା ଉପରେ ଆଧାରିତ




**ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ଉଦ୍‌ଯାପିତ**

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ପୂର୍ବ ଭାରତ ପାଇଁ ଆୟୋଜିତ ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬ ସୋମବାର ଭୁବନେଶ୍ୱରସ୍ଥିତ ଏସ୍‌ଡିଆଇ ଅଡିଟୋରିୟମରେ ଉଦ୍‌ଯାପିତ ହୋଇଛି। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏବଂ ଜାତୀୟ କୌଶଳ ବିକାଶ ନିଗମ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ୨୦୦ରୁ ଅଧିକ ଦକ୍ଷ ଯୁବକ ଯୁବତୀ ୫୯ଟି କୌଶଳ ବର୍ଗରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଜୟନ୍ତ ଚୌଧୁରୀ କହିଛନ୍ତି, ପୂର୍ବ ଭାରତର ରାଜ୍ୟଗୁଡ଼ିକ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ପ୍ଲାଟ୍‌ଫର୍ମ ଶିଳ୍ପ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷାକରି ପ୍ରତିଟି ଜିଲାର ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି,। ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ପ୍ରକୃତ ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ଏହା ଦକ୍ଷତା ଉପରେ ଆଧାରିତ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିକଳ୍ପିତ ସ୍କିଲ୍ ଇଣ୍ଡିଆ ମିଶନ ଦକ୍ଷତା ବିକାଶକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛି। ଉଦ୍‌ଯାପନୀ ସମାରୋହରେ ମୋଟ ୧୩୨ ଜଣ କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି। ୫୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୪୮ ଜଣଙ୍କୁ ରୌପ୍ୟ ପଦକ ଏବଂ ୩୧ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି। ସେହିପରି ୩୭ ଜଣଙ୍କୁ ଉତ୍କର୍ଷ ପଦକ ଦିଆଯାଇଛି। କ୍ଲାଉଡ୍ କମ୍ପ୍ୟୁଟିଂ, ସିଏନ୍‌ସି ମେସିନିଂ, ମୋବାଇଲ ଆପ୍ ବିକାଶ, ୱେବ୍ ଟେକ୍ନୋଲୋଜି, ଫ୍ୟାଶନ ଟେକ୍ନୋଲୋଜି ଏବଂ ୱେଲ୍ଡିଂ ପରି ଅତ୍ୟାଧୁନିକ କୌଶଳରେ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇଥିଲେ। ରାଜ୍ୟୱାରି ପ୍ରଦର୍ଶନରେ ଓଡ଼ିଶା ଶୀର୍ଷ ସ୍ଥାନରେ ଥିବାବେଳେ ଏହା ପଛକୁ ବିହାର ଏବଂ ପଶ୍ଚିମବଙ୍ଗ ରହିଛନ୍ତି। ଆଞ୍ଚଳିକ ସ୍ତରରେ ବିଜେତାମାନେ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

## ବିଏମ୍‌ସି, ଜିନ୍ଦଲ ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପଣ



**ଭୁବନେଶ୍ୱର,୨।୩ (ବନ୍ଦନା ସେଠୀ)**

ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନରେ ଭୁବନେଶ୍ୱର ମହାନଗର ନିଗମର ଏକ ପଦକ୍ଷେପ ସ୍ୱରୂପ ଟ୍ରକ ମାଉଣ୍ଟେଡ ଆଧୁନିକ ଭ୍ରାମ୍ୟମାଣ ଶୌଚାଳୟ ଲୋକାର୍ପିତ ହୋଇଛି। ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ୪ ସିଟ୍ ବିଶିଷ୍ଟ ଏହି ଭ୍ରାମ୍ୟମାଣ ଶୌଚାଳୟ ପ୍ରଦାନ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱ ବିଏମ୍‌ସିର ରହିବ। ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଭୁବନେଶ୍ୱରର ସ୍ୱଚ୍ଛତାକୁ ଆଗେଇ ନେବାରେ ଫାଉଣ୍ଡେଶନର ସହଯୋଗ ଜାରି ରହିବ। ଆଉ ୨ଟି ଟ୍ରକ ମାଉଣ୍ଟେଡ ଭ୍ରାମ୍ୟମାଣ ଶୌଚାଳୟ ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଫାଉଣ୍ଡେଶନକୁ ଅନୁରୋଧ କରାଯାଇଛି। ଏହି ଶୌଚାଳୟରେ ପୁରୁଷଙ୍କ ପାଇଁ ଗୋଟିଏ କମୋଡ୍ ଓ ଗୋଟିଏ ଇଣ୍ଡିଆନ ପାଇଖାନା, ୨ଟି ପରିସ୍ରାଗାର, ମହିଳାଙ୍କ ପାଇଁ ୨ଟି ଇଣ୍ଡିଆନ ପାଇଖାନା, ଗୋଟିଏ କମୋଡ୍ , ୬ଟି ଏକ୍ସଜଷ୍ଟ ଫ୍ୟାନ୍, ୨ଟି ହ୍ୟାଣ୍ଡୱାସ୍ ବେସିନ ରହିଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁଆର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ଏବଂ ଭର୍ଚୁଆଲ ଭବେ ବିଏମସି କମିଶନର ଚଞ୍ଚଳ ରାଣା ଓ ଜିନ୍ଦଲ ଫାଉଣ୍ଡେଶନ ସିଏସ୍‌ଆର୍ ପାଣ୍ଠି ଉପାଧ୍ୟକ୍ଷ ଋଷି ପଠାନିଆ ଉପସ୍ଥିତ ଥିଲେ।

## ଲୋକଙ୍କ ପାଖରେ ରହିଛି ୫,୫୫୧ କୋଟିର ୨ ହଜାର ଟଙ୍କିଆ ନୋଟ୍

**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

୨୦୦୦ ହଜାର ଟଙ୍କିଆ ନୋଟ୍ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରକାଶ କରିଛନ୍ତି। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୨୦୦୦ହଜାର ଟଙ୍କିଆ ନୋଟ୍ ଫେରସ୍ତ ପ୍ରକ୍ରିୟାର ସର୍ବଶେଷ ସ୍ଥିତି ଏବଂ ସାଧାରଣ ଲୋକଙ୍କ ପାଖରେ ରହିଥିବା ବଦଳ କିମ୍ବା ଜମା କରିବାର ବିକଳ୍ପ ବିଷୟରେ ବିସ୍ତୃତ ଭାବେ ଜଣାଯାଇଛି। ୨୦୨୩ ମେ ୧୯ରେ ଆର୍‌ବିଆଇ ୨୦୦୦ ଟଙ୍କିଆ ନୋଟ୍ ବିମୁଦ୍ରୀକରଣ ଘୋଷଣା କରିଥିବାବେଳେ ବଜାରରେ ମୋଟ ୩.୫୬ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନ ଥିଲା। ୨୦୨୬ ଫେବୃଆରୀ ୨୮ରେ ବ୍ୟବସାୟ ସମାପ୍ତି ପର୍ଯ୍ୟନ୍ତ ଏହି ପରିମାଣ ହ୍ରାସ ପାଇ ମାତ୍ର ୫,୫୫୧ କୋଟି ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ୯୮.୪୪%ରୁ ଅଧିକ ନୋଟ୍ ଫେରସ୍ତ ହୋଇସାରିଛି। ୨୦୨୩ ଅକ୍ଟୋବର ୭ ପର୍ଯ୍ୟନ୍ତ ସମସ୍ତ ବ୍ୟାଙ୍କ ଶାଖାରେ ନୋଟ ଜମା କରିବାର ସୁବିଧା ଥିଲା, ମାତ୍ର ଏବେ ବି ଦୁଇଟି ବିକଳ୍ପ ଉପଲବ୍ଧ ରହିଛି। ପ୍ରଥମତଃ ଦେଶର ୧୯ଟି ପ୍ରମୁଖ ସହରରେ ଥିବା ଆର୍‌ବିଆଇ ଇସ୍ୟୁ ଅଫିସରେ ଯାଇ ନୋଟ୍ ବଦଳାଇ କିମ୍ବା ବ୍ୟାଙ୍କଖାତାରେ ଜମା କରାଯାଇପାରିବ। ଏହି ସହରଗୁଡ଼ିକ ହେଉଛି ଅହମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁଭାନନ୍ତପୁରମ। ଦ୍ୱିତୀୟତଃ ଦେଶର ଯେକୌଣସି ପୋଷ୍ଟ ଅଫିସରୁ ଇନ୍ସ୍ୟୋର୍ଡ ପୋଷ୍ଟ ମାଧ୍ୟମରେ ନୋଟ୍ ସିଧାସଳଖ ଆର୍‌ବିଆଇ ଅଫିସକୁ ପଠାଇ ବ୍ୟାଙ୍କ ଖାତାରେ କ୍ରେଡିଟ୍ କରାଯାଇପାରିବ। ଆର୍‌ବିଆଇ ସ୍ପଷ୍ଟ କରିଛନ୍ତି, ୨୦୦୦ ଟଙ୍କିଆ ନୋଟ୍ ଏବେ ବି ଲିଗାଲ ଟେଣ୍ଡର ଭାବେ ବଳବତ୍ତର ରହିଛି। ଅର୍ଥାତ୍ ଏହାର ମୂଲ୍ୟ ଶେଷ ହୋଇନାହିଁ, କେବଳ ପ୍ରଚଳନରୁ ବାହାର କରିବାର ପ୍ରକ୍ରିୟା ଚାଲିଛି।

## ଗୁଜରାଟ ରେଳପଥରେ ୧୭,୩୬୬ କୋଟି ଟଙ୍କା ବ୍ୟୟ



**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଆଶ୍ୱିନୀ ବୈଷ୍ଣବ ୨ଦିନିଆ ଗୁଜରାଟ ଗସ୍ତକରି ଗାନ୍ଧୀନଗରରେ ଅନୁଷ୍ଠିତ ଗୁଜରାଟ ସେମିକଣ୍ଡକ୍ଟର କନ୍‌ଫରେନ୍ସରେ ଯୋଗଦେଇଥିଲେ। ଏ ଅବସରରେ ସେ କହିଥିଲେ, ରେଳ କ୍ଷେତ୍ରରେ ଗୁଜରାଟକୁ ଏହି ବର୍ଷ ଭାରତୀୟ ରେଳପଥ ଏକ ରେକର୍ଡ ୧୭,୩୬୬ କୋଟି ଟଙ୍କା ବ୍ୟୟ ବଣ୍ଟନ କରାଯାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟକୁ ବାର୍ଷିକ ହିସାବରେ କେବଳ ୫୮୯ କୋଟି ବ୍ୟୟ ମିଳୁଥିବା ବେଳେ ଏବେ ଏହା ଅଭୂତପୂର୍ବ ବୃଦ୍ଧି ପାଇଛି। ବର୍ତ୍ତମାନ ଗୁଜରାଟରେ ୧,୨୮,୭୪୮ କୋଟି ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପ ଚାଲିଛି। ୮୭ଟି ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଚାଲୁ ରହିଥିବା ମଧ୍ୟରୁ ୨୦ଟି ଷ୍ଟେଶନ ସମ୍ପୂର୍ଣ୍ଣ ହୋଇସାରିଛି। ଅହମଦାବାଦ, ସୁରଟ, ଉଧନା ଓ ସୋମନାଥ ଭଳି ପ୍ରମୁଖ ଷ୍ଟେଶନରେ ଦ୍ରୁତ ବିକାଶ କାର୍ଯ୍ୟ ଜାରି ରହିଛି। ମୁମ୍ବାଇ-ଅହମଦାବାଦ ହାଇ-ସ୍ପିଡ୍ ରେଳ (ବୁଲେଟ ଟ୍ରେନ) ପ୍ରକଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହା ସମ୍ପୂର୍ଣ୍ଣ ହେବା ପରେ ମୁମ୍ବାଇରୁ ଅହମଦାବାଦ ଯାତ୍ରା କେବଳ ୧ ଘଣ୍ଟା ୫୭ ମିନିଟ୍‌ରେ ସମ୍ପନ୍ନ ହେବ ଏବଂ ୨୦୨୭ ସୁଦ୍ଧା ଏହା ଚାଲୁ ହେବାର ଲକ୍ଷ୍ୟ ରଖାଯାଇଛି। ସେମିକଣ୍ଡକ୍ଟର, ରେଳ ଓ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରରେ ଏହି ଐତିହାସିକ ନିବେଶ ଓ ପ୍ରକଳ୍ପ ମାଧ୍ୟମରେ ଭାରତ ଆତ୍ମନିର୍ଭରତା, ପ୍ରଯୁକ୍ତିଗତ ଅଗ୍ରଗତି ଏବଂ ଆଧୁନିକ ଭିତ୍ତିଭୂମି ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ମଞ୍ଜୁର ହୋଇଥିବା ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ମଧ୍ୟରୁ ୪ଟି ଏହି ୨୦୨୬ ବର୍ଷରେ ଉଦ୍‌ଘାଟନ ସହ ସେଠାରେ ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଗୋଟିଏ ପ୍ଲାଣ୍ଟ ଚାଲୁ ହୋଇସାରିଛି ଏବଂ ଅନ୍ୟ ୩ଟି ମଧ୍ୟ ଏହି ବର୍ଷ ଭିତରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଧୋଲେରାରେ ବିକଶିତ ହେଉଥିବା ସେମିକଣ୍ଡକ୍ଟର ଇକୋସିଷ୍ଟମ ଏବଂ ଟାଟା ଫ୍ୟାବ୍ରିକେସନ ପ୍ଲାଣ୍ଟ (ଟାଟା ଫ୍ୟାବ୍) ଦେଶ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାଜିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି ଦିଗରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ନେତୃତ୍ୱରେ ହୋଇଥିବା ପ୍ରୟାସକୁ ସେ ବିଶେଷ ପ୍ରଶଂସା କରିଥିଲେ।

## ବିଓଆଇ, ନାଲ୍‌କୋ ମଧ୍ୟରେ ଚୁକ୍ତି



**ଭୁବନେଶ୍ୱର,୨।୩(ଅନୁରାଧା ମହାରଣା)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲି. (ନାଲ୍‌କୋ)ର କର୍ମଚାରୀମାନଙ୍କର ବେତନ ଆକାଉଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ରେ ଖୋଲିବା ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ନାଲ୍‌କୋ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ବିଜୟ କୁମାର ମଲିକ, ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ଜେନା, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ମୁଖ୍ୟ ଏସ୍ .କେ. ଦାସ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ରିସୋର୍ସ ତଥା ମାର୍କେଟିଂ ଟିମ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନାଲ୍‌କୋର ଏ. କେ. ବେହୁରିଆ (ନିର୍ଦ୍ଦେଶକ, ଅର୍ଥ ବିଭାଗ), ମୁଖ୍ୟ ମହାପ୍ରବନ୍ଧକ ପି. କେ. ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ ଏସ୍.କେ. ସାହୁ, ଉପ-ମହାପ୍ରବନ୍ଧକ ଆଲୋକ ତ୍ରିପାଠୀ, ଉପ-ମହାପ୍ରବନ୍ଧକ ଏ. ପାଢ଼ୀ ଏବଂ ଉପ-ମହାପ୍ରବନ୍ଧକ ଗଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚୁକ୍ତିପତ୍ର ଅନୁଯାୟୀ ନାଲ୍‌କୋ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର କଷ୍ଟୋମାଇଜ୍ ବେତନ ଆକାଉଣ୍ଟଧାରୀମାନଙ୍କୁ ବ୍ୟାଙ୍କ ପକ୍ଷରେ ଦୁର୍ଘଟଣାଜନିତ (ମୃତ୍ୟୁ) ବୀମା କଭର ଏବଂ ମାଗଣା ଟର୍ମ ଇନ୍‌ସ୍ୟୁରାନ୍ସ ଆଦି ସୁବିଧା ଉପଲବ୍ଧ ରହିଛି।

# ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର

## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)

## ଅଧିସୂଚନା

ପତ୍ର ସଂଖ୍ୟା: ୫୬ ତାରିଖ: ୨୯।୦୧।୨୦୨୬

No. 32001/157/2526: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗୀର ଜିଲ୍ଲାର ଅପର ଲାଠ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ **ମୌଜା: ଜାମଜୁରୀ, ଥାନା: ବେଲପଡ଼ା ନଂ. ୨, ତହସିଲ: ବେଲପଡ଼ା ନଂ. ୧୩୩, ଜିଲ୍ଲା: ବଲାଙ୍ଗୀର**ରେ ନିମ୍ନ ତଫସିଲମତେ ପ୍ରାୟ ଏ.୨୮୫.୯୦୦୨ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଅପର ଲାଠ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀର।

୨. ଜମି ଆବଶ୍ୟକ କରୁଥିବ ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ ଅପର ଲାଠ ଜଳସେଚନ ବିଭାଜନ, ବେଲପଡ଼ା, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଅପର ଲାଠ ଜଳସେଚନ ଯୋଜନାର ଜଳଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଥଇଥାନ ଓ ପୁନର୍ବାସ ଅନୁଦାନ ରାଶିର ବ୍ୟବସ୍ଥା ଅଛି।

୫. ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାଠ ଜଳସେଚନ ପ୍ରକଳ୍ପ ବେଲପଡ଼ା, ବଲାଙ୍ଗୀର।

୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| **ବଲାଙ୍ଗୀର** | **ବେଲପଡ଼ା** | **ଜାମଜୁରୀ** | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୮୫.୯୦୦୨ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାଠ ଜଳସେଚନ ପ୍ରକଳ୍ପ, ବେଲପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଓ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./– ଜିଲ୍ଲାପାଳ, ବଲାଙ୍ଗୀର

## MOUZA: JAMJURI, THANA NO. 02, THANA: BELPADA, TAHSIL: BELPADA, DIST.: BALANGIR

## PRIVATE LAND

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | କମଳସାଏ ବରିହା, ପି.: ଗୋପି ବରିହା, ଜା: ବିଂଝାଲ, ବା: ନିଜଗାଁ | 219 | ବେର୍ଣ୍ଣା ମାମୁଲି | 0.450 | 0.4500 |
| | | | 216 | ବେର୍ଣ୍ଣା ମାମୁଲି | 2.180 | 2.1800 |
| | | | 220 | ଆଟ ମାମୁଲି | 0.810 | 0.8100 |
| | | | 221 | ଆଟ ମାମୁଲି | 3.130 | 3.1300 |
| | | | 222 | ଆଟ ମାମୁଲି | 1.150 | 1.1500 |
| | | | 223 | ଆଟ ମାମୁଲି | 2.190 | 2.1900 |
| | | | 213/678 | ଆଟ ମାମୁଲି | 0.040 | 0.0400 |
| | | | 214/679 | ଆଟ ମାମୁଲି | 0.600 | 0.6000 |
| | | | 226/684 | ଆଟ ମାମୁଲି | 3.420 | 3.4200 |
| | | | 217 | ଅନ୍ୟାନ୍ୟ | 0.080 | 0.0800 |
| 2 | 5 | କନ୍ହେଇ ଷାଣ୍ଢ, ସୁପେତ ଷାଣ୍ଢ, ଉଦ୍ଧବ ଷାଣ୍ଢ, ଧନୁର୍ଯ୍ୟୟ ଷାଣ୍ଢ, ପି.: ଗୋବର୍ଦ୍ଧନ ଷାଣ୍ଢ, ଜା: ଗଉଡ଼, ବା: ନିଜଗାଁ | 302 | ଘରବାରି | 0.040 | 0.0400 |
| | | | 303 | ଘରବାରି | 0.100 | 0.1000 |
| | | | 382 | ଘରବାରି | 0.010 | 0.0100 |
| 3 | 6 | କୁଞ୍ଜଲ ସାହୁ, ପି: ରାଜନ ସାହୁ, ଜା: ତେଲି, ବା: ନିଜଗାଁ | 625 | ବାହାଲ ମାମୁଲି | 1.190 | 1.1900 |
| | | | 626 | ବେର୍ଣ୍ଣା ମାମୁଲି | 0.780 | 0.7800 |
| | | | 606 | ବେର୍ଣ୍ଣା ମାମୁଲି | 0.880 | 0.8800 |
| | | | 614 | ବେର୍ଣ୍ଣା ମାମୁଲି | 0.820 | 0.8200 |
| | | | 624 | ବେର୍ଣ୍ଣା ମାମୁଲି | 1.140 | 1.1400 |
| | | | 623 | ମାଳ ମାମୁଲି | 0.540 | 0.5400 |
| | | | 313/714 | ଘରବାରି | 0.010 | 0.0100 |
| | | | 317 | ଘରବାରି | 0.020 | 0.0200 |
| | | | 562 | ଆଟ ମାମୁଲି | 3.600 | 3.6000 |
| | | | 622 | ଆଟ ମାମୁଲି | 1.960 | 1.9600 |
| | | | 268 | ଆଟ ମାମୁଲି | 0.240 | 0.2400 |
| 4 | 7 | କୁଞ୍ଜଲ ସାହୁ, ମେନା ସାହୁ, ପି.: ରାଜନ ସାହୁ, ଜା: ତେଲି, ବା: ନିଜଗାଁ | 306 | ଘରବାରି | 0.130 | 0.1300 |
| | | | 307 | ଘରବାରି | 0.050 | 0.0500 |
| | | | 314 | ଘରବାରି | 0.010 | 0.0100 |
| | | | 314/713 | ଘରବାରି | 0.010 | 0.0100 |
| | | | 612 | ଆଟ ମାମୁଲି | 1.150 | 1.1500 |
| | | | 613 | ଆଟ ମାମୁଲି | 1.340 | 1.3400 |
| 5 | 8 | କୁନ୍ଦୁର ସାହୁ, ଭମର ସାହୁ, କୁମର ସାହୁ, ପି.: ବିଶି ସାହୁ, ଜା: ତେଲି, ବା: ନିଜଗାଁ | 400 | ବାହାଲ ମାମୁଲି | 0.950 | 0.9500 |
| | | | 519 | ବାହାଲ ମାମୁଲି | 1.660 | 1.6600 |
| | | | 517 | ବେର୍ଣ୍ଣା ମାମୁଲି | 0.250 | 0.2500 |
| | | | 524 | ବେର୍ଣ୍ଣା ମାମୁଲି | 0.170 | 0.1700 |
| | | | 525 | ବେର୍ଣ୍ଣା ମାମୁଲି | 0.180 | 0.1800 |
| | | | 79 | ବେର୍ଣ୍ଣା ମାମୁଲି | 0.090 | 0.0900 |
| | | | 403/694 | ବେର୍ଣ୍ଣା ମାମୁଲି | 1.390 | 1.3900 |
| | | | 403/695 | ବେର୍ଣ୍ଣା ମାମୁଲି | 0.580 | 0.5800 |
| | | | 403/697 | ବେର୍ଣ୍ଣା ମାମୁଲି | 0.190 | 0.1900 |
| | | | 523 | ମାଳ ମାମୁଲି | 0.250 | 0.2500 |
| | | | 376/690 | ଘରବାରି | 0.030 | 0.0300 |
| | | | 376 | ଘରବାରି | 0.220 | 0.2200 |
| | | | 419 | ଘରବାରି | 0.270 | 0.2700 |
| | | | 487 | ଆଟ ମାମୁଲି | 0.050 | 0.0500 |
| | | | 402 | ଆଟ ମାମୁଲି | 0.190 | 0.1900 |
| | | | 410 | ଆଟ ମାମୁଲି | 0.300 | 0.3000 |
| | | | 65 | ଆଟ ମାମୁଲି | 0.150 | 0.1500 |
| | | | 78 | ଆଟ ମାମୁଲି | 0.310 | 0.3100 |
| | | | 526 | ଆଟ ମାମୁଲି | 0.290 | 0.2900 |
| | | | 527 | ଆଟ ମାମୁଲି | 0.330 | 0.3300 |
| | | | 557 | ଆଟ ମାମୁଲି | 0.100 | 0.1000 |
| | | | 558 | ଆଟ ମାମୁଲି | 0.160 | 0.1600 |
| | | | 518 | ଆଟ ମାମୁଲି | 0.720 | 0.7200 |
| | | | 522 | ଆଟ ମାମୁଲି | 0.480 | 0.4800 |
| | | | 403/696 | ଆଟ ମାମୁଲି | 0.850 | 0.8500 |
| | | | 418/699 | ଆଟ ମାମୁଲି | 0.140 | 0.1400 |
| | | | 512 | ଅନ୍ୟାନ୍ୟ | 0.120 | 0.1200 |
| 6 | 10 | ଗଣ୍ଡା ବରିହା ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 398/722 | ଆଟ ମାମୁଲି | 0.210 | 0.2100 |
| | | | 422/723 | ବାହାଲ ମାମୁଲି | 0.300 | 0.3000 |
| 7 | 11 | ଗଣ୍ଡାରାମ ପୁଟା, ପି.: କୁମର ପୁଟା, ଜା: ଗଣ୍ଡ, ବା: ନିଜଗାଁ | 92/671 | ମାଳ ମାମୁଲି | 0.040 | 0.0400 |
| 8 | 12 | ଗଣ୍ଡାରାମ ପୁଟା, କରମ ସିଂହ ପୁଟା, ଧରମ ସିଂହ ପୁଟା, ପି.: କୁମର ପୁଟା, ଜା: ଗଣ୍ଡ, ବା: ନିଜଗାଁ | 34 | ବେର୍ଣ୍ଣା ମାମୁଲି | 1.470 | 1.4700 |
| | | | 35 | ବେର୍ଣ୍ଣା ମାମୁଲି | 0.290 | 0.2900 |
| | | | 36 | ବେର୍ଣ୍ଣା ମାମୁଲି | 0.090 | 0.0900 |
| | | | 38 | ବେର୍ଣ୍ଣା ମାମୁଲି | 0.070 | 0.0700 |
| | | | 39 | ବେର୍ଣ୍ଣା ମାମୁଲି | 1.420 | 1.4200 |
| | | | 50 | ବେର୍ଣ୍ଣା ମାମୁଲି | 0.930 | 0.9300 |
| | | | 89 | ବେର୍ଣ୍ଣା ମାମୁଲି | 0.300 | 0.3000 |
| | | | 90 | ବେର୍ଣ୍ଣା ମାମୁଲି | 0.510 | 0.5100 |
| | | | 316 | ଘରବାରି | 0.005 | 0.0050 |
| | | | 318 | ଘରବାରି | 0.005 | 0.0050 |
| | | | 320 | ଘରବାରି | 0.060 | 0.0600 |
| | | | 321 | ଘରବାରି | 0.135 | 0.1350 |
| | | | 93 | ପଡିତ | 0.140 | 0.1400 |
| | | | 160 | ଆଟ ମାମୁଲି | 3.540 | 3.5400 |
| | | | 554 | ଆଟ ମାମୁଲି | 0.060 | 0.0600 |
| | | | 92 | ଆଟ ମାମୁଲି | 0.320 | 0.3200 |
| 9 | 13 | ଗିରିଧାରୀ ସାହୁ, ପି.: ରାଜେନ୍ଦ୍ର ସାହୁ, ଅନନ୍ତ ରାମ ସାହୁ, ପି.: ସତ୍ୟା ସାହୁ, ଜା: ତେଲି, ବା: ନିଜଗାଁ | 178/685 | ଘରବାରି | 0.035 | 0.0350 |
| 10 | 14 | ଗୋପାଳ ସାହୁ, ପି.:ଲକ୍ଷ୍ମଣ ସାହୁ, ଜା: ତେଲି, ବା: ନିଜଗାଁ | 283 | ଘରବାରି | 0.020 | 0.0200 |
| | | | 284 | ଘରବାରି | 0.010 | 0.0100 |
| 11 | 15 | ଗୋବିନ୍ଦ ବରିହା, ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 186 | ଆଟ ମାମୁଲି | 1.700 | 1.7000 |
| | | | 187 | ବେର୍ଣ୍ଣା ମାମୁଲି | 0.640 | 0.6400 |
| | | | 188 | ମାଳ ମାମୁଲି | 0.910 | 0.9100 |
| | | | 189 | ଆଟ ମାମୁଲି | 1.750 | 1.7500 |
| 12 | 16 | ଗୋବିନ୍ଦ ବରିହା, ବାଘେନ ବରିହା, ଗଣ୍ଡା ବରିହା, କ୍ଷେପ ବରିହା, ଝିଙ୍ଗୁଟୁ ବରିହା, ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 292 | ଘରବାରି | 0.020 | 0.0200 |
| | | | 295 | ଘରବାରି | 0.090 | 0.0900 |
| 13 | 18 | ଘନଶ୍ୟାମ ସାହୁ, ବିଦଛ ସାହୁ, ଝସ ସାହୁ, ମୀନକେତନ ସାହୁ, ପି.: ଗୋପି ସାହୁ, ଜା: ତେଲି, ବା: ନିଜଗାଁ | 301 | ଘରବାରି | 0.020 | 0.0200 |
| 14 | 19 | ଟେଙ୍ଗିବୁଡ଼ି ଭୋଏ, ସ୍ୱା.:ଅଗ୍ନି ଭୋଏ, ପ୍ରେମ ଭୋଏ, ପି.: ଅଗ୍ନି ଭୋଏ, ଇନ୍ଦ୍ର ଭୋଏ, ସାନୁଜ ଭୋଏ, ପି.: କପୁର୍ଚନ ଭୋଏ, ଲକ୍ଷ୍ମଣ ଭୋଏ, ପି.: ବୁଡି ଭୋଏ, ଜା: ଦଳ, ବା: ପଣ୍ଡକିମାଳ | 9 | ଆଟ ମାମୁଲି | 3.140 | 3.1400 |
| | | | 13 | ଆଟ ମାମୁଲି | 3.340 | 3.3400 |
| | | | 43/666 | ଆଟ ମାମୁଲି | 0.070 | 0.0700 |
| 15 | 21 | ଦେବ ସାହୁ, ପି.: ଖେତୁ ସାହୁ, ଜା: ତେଲି, ବା: ନିଜଗାଁ | 541 | ବାହାଲ ମାମୁଲି | 2.570 | 2.5700 |
| | | | 549 | ବାହାଲ ମାମୁଲି | 1.620 | 1.6200 |
| | | | 546 | ବେର୍ଣ୍ଣା ମାମୁଲି | 0.640 | 0.6400 |
| | | | 415/704 | ବେର୍ଣ୍ଣା ମାମୁଲି | 0.040 | 0.0400 |
| | | | 485/707 | ବେର୍ଣ୍ଣା ମାମୁଲି | 0.340 | 0.3400 |
| | | | 542 | ବେର୍ଣ୍ଣା ମାମୁଲି | 0.110 | 0.1100 |
| | | | 506 | ବେର୍ଣ୍ଣା ମାମୁଲି | 0.350 | 0.3500 |
| | | | 71 | ବେର୍ଣ୍ଣା ମାମୁଲି | 0.150 | 0.1500 |
| | | | 415 | ବେର୍ଣ୍ଣା ମାମୁଲି | 0.410 | 0.4100 |
| | | | 485 | ବେର୍ଣ୍ଣା ମାମୁଲି | 0.310 | 0.3100 |
| | | | 533 | ବେର୍ଣ୍ଣା ମାମୁଲି | 0.630 | 0.6300 |
| | | | 534 | ବେର୍ଣ୍ଣା ମାମୁଲି | 0.720 | 0.7200 |
| | | | 535 | ବେର୍ଣ୍ଣା ମାମୁଲି | 0.780 | 0.7800 |
| | | | 538 | ମାଳ ମାମୁଲି | 0.210 | 0.2100 |
| | | | 505 | ମାଳ ମାମୁଲି | 0.140 | 0.1400 |
| | | | 545 | ମାଳ ମାମୁଲି | 1.150 | 1.1500 |
| | | | 416 | ଘରବାରି | 0.320 | 0.3200 |
| | | | 484 | ଘରବାରି | 0.310 | 0.3100 |
| | | | 325 | ଘରବାରି | 0.040 | 0.0400 |
| | | | 326 | ଘରବାରି | 0.120 | 0.1200 |
| | | ଦେବ ସାହୁ, ପି.: ଖେତୁ ସାହୁ, ଜା: ତେଲି, ବା: ନିଜଗାଁ | 327 | ଘରବାରି | 0.240 | 0.2400 |
| | | | 328 | ଘରବାରି | 0.380 | 0.3800 |
| | | | 330 | ଘରବାରି | 0.090 | 0.0900 |
| | | | 331 | ଘରବାରି | 0.010 | 0.0100 |
| | | | 140 | ଆଟ ମାମୁଲି | 0.080 | 0.0800 |
| | | | 141 | ଆଟ ମାମୁଲି | 0.320 | 0.3200 |
| | | | 161 | ଆଟ ମାମୁଲି | 2.270 | 2.2700 |
| | | | 504 | ଆଟ ମାମୁଲି | 0.410 | 0.4100 |
| | | | 536 | ଆଟ ମାମୁଲି | 0.350 | 0.3500 |
| | | | 537 | ଆଟ ମାମୁଲି | 0.300 | 0.3000 |
| | | | 551 | ଆଟ ମାମୁଲି | 2.480 | 2.4800 |
| | | | 416/705 | ଆଟ ମାମୁଲି | 0.060 | 0.0600 |
| | | | 543 | ଆଟ ମାମୁଲି | 0.670 | 0.6700 |
| | | | 532 | ଆଟ ମାମୁଲି | 0.210 | 0.2100 |
| | | | 540 | ଅନ୍ୟାନ୍ୟ | 0.240 | 0.2400 |
| 16 | 22 | ଧନମତ ଭୋଏ, ପି. ତୀର୍ଥ ଭୋଏ, ଜା: ଗଣ୍ଡ,ବା: ନିଜଗାଁ, ଜବରଦଖଲ ବା:, ମାଖୁନୁ ସାହୁ, ପି.: ବଇରୁ ସାହୁ, ଜା: ତେଲି, ବା: ନିଜଗାଁ ସ୍ମ ୧୯୬୬ଠାରୁ ବା: | 281 | ଘରବାରି | 0.010 | 0.0100 |
| | | | 282 | ଘରବାରି | 0.010 | 0.0100 |
| 17 | 54/1308 | ଭରତ ଚନ୍ଦ୍ର ଧରୁଆ, ପି.: ଦୁର୍ଜନ ଧରୁଆ, ଜା: ଗଣ୍ଡ, ବା: ଛେଲଖାଇ | 159/1159/2320 | ଆଟ ମାମୁଲି | 0.080 | 0.0800 |
| 18 | 25 | ନେପୁର ସାହୁ, ସ୍ୱା.: ଅନନ୍ତ ସାହୁ, ଜା: ତେଲି, ବା: ନିଜଗାଁ | 609 | ବେର୍ଣ୍ଣା ମାମୁଲି | 0.740 | 0.7400 |
| | | | 609/710 | ବେର୍ଣ୍ଣା ମାମୁଲି | 0.050 | 0.0500 |
| | | | 608 | ଆଟ ମାମୁଲି | 0.880 | 0.8800 |
| 19 | 28 | ବାଘେନ ବରିହା, ପି.: ଶିବ ବରିହା, ଜା: ବିଂଝାଲ, ବା: ନିଜଗାଁ | 422/726 | ବାହାଲ ମାମୁଲି | 0.320 | 0.3200 |
| | | | 398 | ଆଟ ମାମୁଲି | 0.250 | 0.2500 |
| 20 | 29 | ବାହାଦୁର ସାହୁ, ପି.: ବୁଧୁ ସାହୁ, ଜା: ତେଲି, ବା: ନିଜଗାଁ | 439 | ବାହାଲ ମାମୁଲି | 0.700 | 0.7000 |
| 21 | 30 | ବାହାଦୁର ସାହୁ, ହରି ସାହୁ, ପି.: ଲିଙ୍ଗରାଜ ସାହୁ, ଜା: ତେଲି, ବା: ନିଜଗାଁ | 387 | ଘରବାରି | 0.010 | 0.0100 |
| | | | 388 | ଘରବାରି | 0.010 | 0.0100 |
| 22 | 31 | ବିରଞ୍ଚି ଧରୁଆ, ସମ୍ବାରୁ ଧରୁଆ, ପି.: ଚିତ୍ରସେନ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ | 362 | ଘରବାରି | 0.010 | 0.0100 |
| 23 | 33 | ବୁଡୁ ବରିହା, ପି.: ପ୍ରହ୍ଲାଦ ବରିହା, ଜା: ବିଂଝାଲ, ବା: ନିଜଗାଁ | 422 | ବାହାଲ ମାମୁଲି | 0.400 | 0.4000 |
| | | | 422/725 | ଆଟ ମାମୁଲି | 0.190 | 0.1900 |
| 24 | 34 | ବୁଧୁ ବରିହା, ପି.: ଗୋବିନ୍ଦ ବରିହା, ଜା: ବିଂଝାଲ, ବା: ନିଜଗାଁ | 421 | ଆଟ ମାମୁଲି | 0.120 | 0.1200 |
| | | | 422/724 | ବାହାଲ ମାମୁଲି | 0.370 | 0.3700 |
| 25 | 35 | ବୈଦେହୀ ସାହୁ, ସୁନାଫୁଲ ସାହୁ, ସ୍ୱା.: ବିଦ୍ୟା ସାହୁ, ଉଜୁଲି ସାହୁ, ପରାବୁଲି ସାହୁ, ପି.: ବିଦ୍ୟା ସାହୁ, ଜା: ତେଲି, ବା: ନିଜଗାଁ | 578 | ବେର୍ଣ୍ଣା ମାମୁଲି | 0.150 | 0.1500 |
| | | | 591 | ବେର୍ଣ୍ଣା ମାମୁଲି | 0.110 | 0.1100 |
| | | | 59 | ମାଳ ମାମୁଲି | 0.460 | 0.4600 |
| | | | 61 | ମାଳ ମାମୁଲି | 0.060 | 0.0600 |
| | | | 298 | ଘରବାରି | 0.030 | 0.0300 |
| | | | 62 | ଆଟ ମାମୁଲି | 1.100 | 1.1000 |
| 26 | 37 | ଭୁବନ ସାହୁ, କଳାକାହ୍ନୁ ସାହୁ, ପି.: ବଇଜୁ ସାହୁ, ଦୁଲଣା ସାହୁ, ସ୍ୱା.: ବଇଜୁ ସାହୁ, ଜା: ତେଲି, ବା: ନିଜଗାଁ | 405 | ବାହାଲ ମାମୁଲି | 0.325 | 0.3250 |
| | | | 408 | ବେର୍ଣ୍ଣା ମାମୁଲି | 0.300 | 0.3000 |
| | | | 406 | ମାଳ ମାମୁଲି | 0.170 | 0.1700 |
| | | | 407 | ମାଳ ମାମୁଲି | 0.230 | 0.2300 |
| 27 | 38 | ଭୁବନ ସାହୁ, କଳାକାହ୍ନୁ ସାହୁ, ପି.: ବଇଜୁ ସାହୁ, ରାମେ ସାହୁ, ପି.: ଶୁକୁ ସାହୁ, ଜା: ତେଲି, ବା: ନିଜଗାଁ | 299 | ଘରବାରି | 0.030 | 0.0300 |
| 28 | 40 | ମଗଶିର ବରିହା, ପି.: ଖରସୁ ବରିହା, ଜା: ବିଂଝାଲ, ବା: ନିଜଗାଁ | 322 | ଘରବାରି | 0.06 | 0.0600 |
| | | | 323 | ଘରବାରି | 0.03 | 0.0300 |
| | | | 324 | ଘରବାରି | 0.02 | 0.0200 |
| | | | 559 | ଆଟ ମାମୁଲି | 2.600 | 2.6000 |
| 29 | 41 | ମନ୍ଦାର କଟା, ସ୍ୱା.: କଲିଆ କଟା, ଜା: ଗଉଡ଼, ବା: ନିଜଗାଁ | 349 | ଘରବାରି | 0.070 | 0.0700 |
| | | | 352 | ଘରବାରି | 0.010 | 0.0100 |
| | | | 353 | ଘରବାରି | 0.010 | 0.0100 |
| 30 | 45 | ଡମ୍ବରୁ ବରିହା, ପି.: ମନିରାମ ବରିହା, ଜା: ବିଂଝାଲ, ବା: ନିଜଗାଁ | 399 | ବେର୍ଣ୍ଣା ମାମୁଲି | 0.220 | 0.2200 |
| | | | 398/720 | ଆଟ ମାମୁଲି | 0.360 | 0.3600 |
| 31 | 46 | ମାଖୁନୁ ସାହୁ, ପି. ; କଇଂରୁ ସାହୁ, ଜା: ତେଲି, ବା: ନିଜଗାଁ | 17 | ବାହାଲ ମାମୁଲି | 0.220 | 0.2200 |
| | | | 31 | ବାହାଲ ମାମୁଲି | 2.010 | 2.0100 |
| | | | 30 | ବେର୍ଣ୍ଣା ମାମୁଲି | 0.160 | 0.1600 |
| | | | 413 | ବେର୍ଣ୍ଣା ମାମୁଲି | 0.410 | 0.4100 |
| | | | 417 | ବେର୍ଣ୍ଣା ମାମୁଲି | 0.090 | 0.0900 |
| | | | 418 | ଘରବାରି | 0.230 | 0.2300 |
| | | | 297 | ଘରବାରି | 0.035 | 0.0350 |
| | | | 411 | ଘରବାରି | 0.100 | 0.1000 |
| | | | 145 | ଆଟ ମାମୁଲି | 0.070 | 0.0700 |
| 32 | 48 | ଲକ୍ଷ୍ମଣ ତାଣ୍ଡି, ପି.: ଭୁଜ ତାଣ୍ଡି, ଜା: ଗଣ୍ଡା, ବା: ନିଜଗାଁ | 360 | ଘରବାରି | 0.080 | 0.0800 |
| 33 | 49 | ଲକ୍ଷ୍ମଣ ତାଣ୍ଡି, ପି.: ଭୁଜ ତାଣ୍ଡି, ଜା: ଗଣ୍ଡା, ବା: ନିଜଗାଁ | 397 | ମାଳ ମାମୁଲି | 0.120 | 0.1200 |
| | | | 347 | ଘରବାରି | 0.120 | 0.1200 |
| | | | 102 | ଆଟ ମାମୁଲି | 0.260 | 0.2600 |
| 34 | 52 | ସୁନାଧର ସାହୁ, ରୁପାଧର ଔରଫ ମୋହନ ସାହୁ, ପି.: ଭୁର୍ଷୀ ସାହୁ, ଲୋଚନା ସାହୁ, ସ୍ୱା.: ଭୁର୍ଷୀ ସାହୁ, ଜା: ତେଲି, ବା: ନିଜଗାଁ | 76/669 | ବେର୍ଣ୍ଣା ମାମୁଲି | 0.080 | 0.0800 |
| | | | 76/668 | ଆଟ ମାମୁଲି | 0.080 | 0.0800 |
| 35 | 53 | ସୁପାଳ ସିଂହ ବରିହା, ପି.: ସକ୍ରାମ ସିଂହ ବରିହା, ଜା: ବିଂଝାଲ, ବା: ନିଜଗାଁ | 101 | ଆଟ ମାମୁଲି | 0.650 | 0.6500 |
| 36 | 54 | ହରି ସାହୁ, ପି.: ଇନ୍ଦ୍ରଜିତ ସାହୁ, ଜା: ତେଲି, ବା: ନିଜଗାଁ | 389 | ଘରବାରି | 0.060 | 0.0600 |
| 37 | 54/6 | ଅର୍ଜୁନ ବରିହା, ପି.: ମଧୁସୂଦନ ବରିହା, ମହନ ବରିହା, ପୁରସ୍ତମ ବରିହା, ପି.: କମଲ ସାଏ ବରିହା, ଜା: ବିଂଝାଲ, ବା ; ଜୁମ୍ବେର ବାହାଲ | 211 | ମାଳ ମାମୁଲି | 0.440 | 0.4400 |
| | | | 214 | ମାଳ ମାମୁଲି | 0.840 | 0.8400 |
| | | | 213 | ଆଟ ମାମୁଲି | 0.670 | 0.6700 |
| | | | 216/680 | ଆଟ ମାମୁଲି | 0.960 | 0.9600 |
| | | | 215 | କ୍ଷେତ୍ରଆଡ଼ି | 0.340 | 0.3400 |
| 38 | 54/9 | ନୀଳାମ୍ବର ସାହୁ, ପି.: ମୁରଲି ସାହୁ, ଜା: ତେଲି, ବା: ନିଜଗାଁ | 309/942 | ଘରବାରି | 0.0005 | 0.0005 |
| 39 | 54/10 | ବିବସ୍ୱ ସାହୁ, ଝସକେତନ ସାହୁ, ମୀନକେତନ ସାହୁ, ପି.: ଗୋପୀ ସାହୁ, ଜା: ତେଲି, ବା: ନିଜଗାଁ | 81 | ବାହାଲ ମାମୁଲି | 1.1300 | 1.1300 |
| | | | 42/946 | ବେର୍ଣ୍ଣା ମାମୁଲି | 0.1400 | 0.1400 |
| | | | 82/947 | ବେର୍ଣ୍ଣା ମାମୁଲି | 0.1200 | 0.1200 |
| | | | 85/948 | ବେର୍ଣ୍ଣା ମାମୁଲି | 0.2200 | 0.2200 |
| | | | 85/949 | ବେର୍ଣ୍ଣା ମାମୁଲି | 0.1200 | 0.1200 |
| | | | 80/945 | ଆଟ ମାମୁଲି | 0.500 | 0.5000 |
| 40 | 54/12 | ଲୁଥୁ ସାହୁ, ପି.: ଶ୍ୟାମ ସାହୁ, ଜା: ତେଲି, ବା: ଘାଗୁର୍ଲି | 171 | ବାହାଲ ପାଣି ଦୁଇ | 2.030 | 2.0300 |
| | | | 172 | ଆଟ ମାମୁଲି | 0.130 | 0.1300 |
| | | | 162 | ଆଟ ମାମୁଲି | 0.660 | 0.6600 |
| 41 | 54/14 | ବିବସ୍ୱ ସାହୁ, ପି.: ଗୋପି ସାହୁ, ଜା: ତେଲି, ବା: ନିଜଗାଁ | 76/952 | ବାହାଲ ମାମୁଲି | 0.500 | 0.5000 |
| 42 | 54/15 | ନିତ୍ୟବାନ ସାହୁ, ପି.: ଦେବ ସାହୁ, ଜା: ତେଲି, ବା: ନିଜଗାଁ | 651/953 | ବାହାଲ ମାମୁଲି | 0.490 | 0.4900 |
| | | | 656 | ମାଳ ମାମୁଲି | 0.060 | 0.0600 |
| 43 | 54/17 | ପୂର୍ଣ୍ଣଚନ୍ଦ୍ର ସାହୁ, ପି.: ମୁରଲି ସାହୁ, ଜା: ତେଲି, ବା: ନିଜଗାଁ | 237/955 | ବେର୍ଣ୍ଣା ମାମୁଲି | 0.040 | 0.0400 |
| | | | 230 | ଆଟ ମାମୁଲି | 0.090 | 0.0900 |
| | | | 235 | ଅନ୍ୟାନ୍ୟ | 0.020 | 0.0200 |
| 44 | 54/18 | ସତ୍ୟବାନ ସାହୁ, ପି.: ଦେବ ସାହୁ, ଜା: ତେଲି, ବା: ନିଜଗାଁ | 651 | ବାହାଲ ମାମୁଲି | 0.880 | 0.8800 |
| 45 | 54/19 | ଯଦୁମଣି ସାହୁ, ପି. ; କଖାରୁ ସାହୁ, ଜା: ତେଲି, ବା: ନିଜଗାଁ | 500/956 | ବାହାଲ ମାମୁଲି | 0.500 | 0.5000 |
| | | | 502/1716 | ଘରବାରି | 0.030 | 0.0300 |
| | | | 488/1822 | ଘରବାରି | 0.240 | 0.2400 |
| | | | 488/1821 | ଘରବାରି | 0.240 | 0.2400 |
| | | | 334 | ଘରବାରି | 0.010 | 0.0100 |
| | | | 335 | ଘରବାରି | 0.040 | 0.0400 |
| | | | 488 | ଆଟ ମାମୁଲି | 1.700 | 1.7000 |
| 46 | 54/20 | ଯଦୁମଣି କୁମ୍ଭାର, ପି: ସାଗୁ କୁମ୍ଭାର, ଜା: ଗଣ୍ଡା, ବା: ନିଜଗାଁ | 394/957 | ଘରବାରି | 0.200 | 0.2000 |
| | | | 155 | ଆଟ ମାମୁଲି | 1.710 | 1.7100 |
| | | | 254 | ଆଟ ମାମୁଲି | 0.790 | 0.7900 |
| | | | 274 | ଆଟ ମାମୁଲି | 0.510 | 0.5100 |
| 47 | 54/21 | ଶୁଭାକର ସାହୁ, ପି.: କଖାରୁ ସାହୁ, ଜା: ତେଲି, ବା: ନିଜଗାଁ | 499 | ବାହାଲ ମାମୁଲି | 0.600 | 0.6000 |
| | | | 501 | ବେର୍ଣ୍ଣା ମାମୁଲି | 0.110 | 0.1100 |
| | | | 495 | ବେର୍ଣ୍ଣା ମାମୁଲି | 0.420 | 0.4200 |
| | | | 494 | ମାଳ ମାମୁଲି | 0.040 | 0.0400 |
| 48 | 54/23 | ସୁଶିଳା ପଣ୍ଡା, ସ୍ୱା.: ପ୍ରେମଚାନ୍ଦ ପଣ୍ଡା, ଜା: ବ୍ରାହ୍ମଣ, ବା: ବେଲପଡ଼ା | 248 | ଘରବାରି | 7.800 | 7.8000 |
| 49 | 54/24 | ଆନନ୍ଦ ରାମ ସାହୁ, ପି.: ସତ୍ୟା ସାହୁ, ଜା: ତେଲି, ବା: ନିଜଗାଁ | 241 | ବେର୍ଣ୍ଣା ମାମୁଲି | 0.540 | 0.5400 |
| | | | 243 | ବେର୍ଣ୍ଣା ମାମୁଲି | 0.06 | 0.0600 |
| | | | 237 | ବେର୍ଣ୍ଣା ମାମୁଲି | 0.47 | 0.4700 |
| | | | 226 | ଆଟ ମାମୁଲି | 1.630 | 1.6300 |
| | | | 244 | ଆଟ ମାମୁଲି | 0.260 | 0.2600 |
| | | | 246 | ଆଟ ମାମୁଲି | 0.140 | 0.1400 |
| | | | 248/718 | ଆଟ ମାମୁଲି | 0.280 | 0.2800 |
| | | | 238 | ଅନ୍ୟାନ୍ୟ | 0.030 | 0.0300 |
| 50 | 54/32 | କ୍ଷେତ୍ରମୋହନ ଦରୁଆନ, ପି.: ଖଗେଶ୍ୱର ଦରୁଆନ, ଜା: ଭାଟ୍, ବା: ସାଲେପାଲି | 394/972 | ଘରବାରି | 0.180 | 0.1800 |
| | | | 372/971 | ଘରବାରି | 0.040 | 0.0400 |
| | | | 371 | ଘରବାରି | 0.040 | 0.0400 |
| | | | 370/970 | ଘରବାରି | 0.020 | 0.0200 |
| 51 | 54/33 | ସାଏବାନୀ ମେହେର, ସ୍ୱା.: ସୁଦର୍ଶନ ମେହେର, ଜା: ଭୁଲିଆ, ବା: ନିଜଗାଁ | 432/975 | ଘରବାରି | 1.050 | 1.0500 |
| | | | 395/974 | ଘରବାରି | 0.470 | 0.4700 |
| | | | 390/973 | ଘରବାରି | 0.070 | 0.0700 |
| 52 | 54/34 | ଶଙ୍କର ମେହେର, ପି.: ପିତାମ୍ବର ମେହେର, ଜା: ଭୁଲିଆ, ବା: ନିଜଗାଁ | 390/976 | ଘରବାରି | 0.050 | 0.0500 |
| 53 | 54/37 | ମନୋଜ କୁମାର ଦାଶ, ପି.: ପ୍ରସନ୍ନ ଦାଶ, ଜା: ବୈଷ୍ଣବ, ବା: କଣ୍ଟାବାଞ୍ଜି, ଥା ; କଣ୍ଟାବାଞ୍ଜି | 621/1046 | ଘରବାରି | 0.500 | 0.5000 |
| | | | 621 | ଆଟ ମାମୁଲି | 1.050 | 1.0500 |
| 54 | 54/38 | ବିଶ୍ୱନାଥ ବାରିକ, ପି.: ହୃଷିକେଶ ବାରିକ, ଜା: ଗଣ୍ଡା, ବା: ବାହାବଲ | 286/984 | ଘରବାରି | 0.020 | 0.0200 |
| | | | 285/983 | ଘରବାରି | 0.010 | 0.0100 |
| | | | 280/982 | ଘରବାରି | 0.040 | 0.0400 |
| | | | 279 | ଘରବାରି | 0.080 | 0.0800 |
| | | | 278/981 | ଘରବାରି | 0.100 | 0.1000 |
| 55 | 54/39 | ସତ୍ୟନାରାୟଣ ସାହୁ, ପି.: ସୁବଳ ସାହୁ, ଜା: ତେଲି, ବା: ନିଜଗାଁ | 384/985 | ଘରବାରି | 0.010 | 0.0100 |
| 56 | 54/40 | ସୁରେନ୍ଦ୍ର ସାହୁ, ପି.: ଗୌତମ ସାହୁ, ଜା: ତେଲି, ବା: ନିଜଗାଁ | 357/958 | ଘରବାରି | 0.010 | 0.0100 |
| 57 | 54/41 | ଛବିଲାଲ ବରିହା, ପି.: ଇନ୍ଦ୍ର ବରିହା, ଜା: ବିଂଝାଲ, ବା: ନିଜଗାଁ | 366/986 | ଘରବାରି | 0.010 | 0.0100 |
| 58 | 54/42 | ସନ୍ତୋଷ କୁମାର ମିଶ୍ର, ପି.: ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: ଗଣେଶ ନଗର, ଜି.: ସମ୍ବଲପୁର | 230/987 | ଘରବାରି | 0.220 | 0.2200 |
| | | | 253 | ଆଟ ମାମୁଲି | 2.270 | 2.2700 |
| | | | 226/954 | ଆଟ ମାମୁଲି | 1.930 | 1.9300 |
| 59 | 54/48 | ଧ୍ରୁବ ସାହୁ, ପି.: ସୁନାଧର ସାହୁ, ଦୁଃଖ ନାଶନ ସାହୁ, ପି.: ମହନ ସାହୁ, ଜା: ତେଲି, ବା: ନିଜଗାଁ | 434/960 | ବାହାଲ ମାମୁଲି | 0.220 | 0.2200 |
| | | | 433/959 | ବେର୍ଣ୍ଣା ମାମୁଲି | 0.050 | 0.0500 |
| | | | 474/962 | ଆଟ ମାମୁଲି | 0.250 | 0.2500 |
| | | | 473/961 | ଆଟ ମାମୁଲି | 0.250 | 0.2500 |
| 60 | 54/49 | ନିଳାମ୍ବର ପଣ୍ଡା, ପି.: କରୁଣାକର ପଣ୍ଡା, ଜା: ବ୍ରାହ୍ମଣ, ବା: ଘାଗୁର୍ଲି | 665 | ଘରବାରି | 0.750 | 0.7500 |
| | | | 664 | ଘରବାରି | 0.150 | 0.1500 |
| | | | 662/2000 | ଘରବାରି | 0.250 | 0.2500 |
| | | | 662/1999 | ଘରବାରି | 0.250 | 0.2500 |
| | | | 662 | ଆଟ ମାମୁଲି | 0.100 | 0.1000 |
| | | | 493 | ଆଟ ମାମୁଲି | 1.100 | 1.1000 |
| | | | 492/939 | ଆଟ ମାମୁଲି | 0.600 | 0.6000 |
| 61 | 54/51 | ମିହିର ପ୍ରକାଶ ପଣ୍ଡା, ପି.: ନିଳାମ୍ବର ପଣ୍ଡା, ଜା: ବ୍ରାହ୍ମଣ, ବା: ଘାଗୁର୍ଲି | 604 | ଆଟ ମାମୁଲି | 1.290 | 1.2900 |
| 62 | 54/53 | ବଂଶୀଧର ସାହୁ, ପି.: ଘନ ସାହୁ, ଜା: ତେଲି, ବା: ନିଜଗାଁ | 388/988 | ଘରବାରି | 0.010 | 0.0100 |
| 63 | 54/54 | ଗୋକୁଲ ଖର୍ସେଲ, ପି.: ପର୍ଶୁରାମ ଖର୍ସେଲ, ଜା: ଗଉଡ଼, ବା: ପାଲେଶିରା | 16 | ବେର୍ଣ୍ଣା ମାମୁଲି | 0.070 | 0.0700 |
| | | | 15 | ବେର୍ଣ୍ଣା ମାମୁଲି | 0.400 | 0.4000 |
| | | | 14 | ଆଟ ମାମୁଲି | 0.110 | 0.1100 |
| | | | 26/999 | ଆଟ ମାମୁଲି | 0.310 | 0.3100 |
| | | | 25/996 | ଆଟ ମାମୁଲି | 0.230 | 0.2300 |
| 64 | 54/56 | ଯୁଧିଷ୍ଠିର କୁମ୍ଭାର, ପି.: ସୁନାଧର କୁମ୍ଭାର, ଜା: ଗଣ୍ଡା, ବା: ନିଜଗାଁ | 280/997 | ଘରବାରି | 0.030 | 0.0300 |
| 65 | 54/57 | ପୂର୍ଣ୍ଣଚନ୍ଦ୍ର ଦେହେରି, ପି.: ରତ୍ନାକର ଦେହେରି, ଜା: କେଉଟ, ବା: ବାହାବଲ | 280 | ଘରବାରି | 0.090 | 0.0900 |
| 66 | 54/59 | ଲଳିତ କୁମାର ସାହୁ, ପି.: ରାମେଶ୍ୱର ସାହୁ, ଜା: ତେଲି, ବା: ନିଜଗାଁ | 334/998 | ଘରବାରି | 0.010 | 0.0100 |
| 67 | 54/61 | ଭରତ ସାହୁ, ପି.: ଘନ ସାହୁ, ଜା: ତେଲି, ବା: ନିଜଗାଁ | 300 | ଘରବାରି | 0.020 | 0.0200 |
| 68 | 54/64 | ମାଖନ ପରାଭୁଏ, ପି.: ରାଜନ ପରାଭୁଏ, ମଙ୍ଗଳ ପରାଭୁଏ, ସ୍ୱା.: ମାଖନ ପରାଭୁଏ, ଜା: ଲୁହୁରା, ବା: ନିଜଗାଁ | 97/1003 | ଘରବାରି | 0.040 | 0.0400 |
